


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-147 ◆SUNDAY ◆23 NOVEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୪୭ ◆ରବିବାର ◆୨୩ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)

# ଲଘୁଚାପର ରୂପ ନେଲା ଘୂର୍ଣ୍ଣିବଳୟ

## ୨୪ରେ ଅବପାତ; ୨୭ରେ ସ୍ପଷ୍ଟ ହେବ ବାତ୍ୟାର ଚିତ୍ର

■ **ଭୁବନେଶ୍ୱର, ୨୨।୧୧ (ସମିସ):** ଶୁକ୍ରବାର ମଲକ୍କା ପ୍ରଣାଳୀର ମଧ୍ୟଭାଗ ଉପରେ ଥିବା ଘୂର୍ଣ୍ଣିବଳୟ ଶନିବାର ଲଘୁଚାପର ରୂପ ନେଇଛି। ସୃଷ୍ଟ ଲଘୁଚାପଟି ଆସନ୍ତା ୨୪ ତାରିଖରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି ବୋଲି ସୂଚନା ଦେଇଛନ୍ତି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି।

ସେ କହିଛନ୍ତି ଯେ ଶନିବାର ସକାଳ ପ୍ରାୟ ୮ଟା ୩୦ ମିନଟରେ ମଲକ୍କା ପ୍ରଣାଳୀ ଏବଂ ସଂଲଗ୍ନ ଦକ୍ଷିଣ ଆଣ୍ଡାମାନ ସାଗର ଉପରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରି ଆସନ୍ତା ୨୪ ତାରିଖ ସୁଦ୍ଧା ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଉପରେ ଏକ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଏହା କ୍ରମଶଃ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ଏହା ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି। ରାଜ୍ୟରେ ଆଗାମୀ ୬ ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ। ସେଥିପାଇଁ କୌଣସି ସତର୍କ ସୂଚନା ଜାରି କରାଯାଇ ନାହିଁ। ସେହିପରି ଦିନ କିମ୍ବା ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ ବୋଲି ସେ କହିଛନ୍ତି।

ଅପରପକ୍ଷେ ବରିଷ୍ଠ ପାଣିପାଗ ବିଜ୍ଞାନୀ ଡ. ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଆସନ୍ତା



୨୭ ତାରିଖରୁ ଶୁଷ୍କ ଥଣ୍ଡା ଉତ୍ତରା ପବନ ରାଜ୍ୟକୁ ବହିବ। ଫଳରେ ସାରା ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇବ। ଗତ ସପ୍ତାହ ପରି ଅନେକ ସ୍ଥାନରେ ତାପମାତ୍ରା ୧୫ ଡିଗ୍ରୀରୁ କମିବ ଏବଂ ଶୀତ ବଢ଼ିବ। ସେହିପରି ରାଜ୍ୟର ଉପକୂଳ ଓ ସଂଲଗ୍ନ ବଙ୍ଗୋପସାଗରରେ ତାପମାତ୍ରା କମିବା ଯୋଗୁଁ ଗୋପାଳପୁରରୁ ଉତ୍ତରରେ ଉପକୂଳ ସଂଲଗ୍ନ ବଙ୍ଗୋପସାଗରରେ ଜଳପତ୍ତନର ତାପମାତ୍ରା ୨୭ ଡିଗ୍ରୀରୁ କମିପାରେ ବୋଲି ସେ ପୂର୍ବାନୁମାନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଉପ-ଉଷ୍ଣମଣ୍ଡଳୀୟ ଗୁରୁଚାପ ବଳୟ ଓ ଉପର ବାୟୁମଣ୍ଡଳର ଜେଟ୍ ଷ୍ଟ୍ରିମରେ ଘୂର୍ଣ୍ଣିବଳୟର ଅବସ୍ଥିତିରେ ପରିବର୍ତ୍ତନ ସହ ଓଡ଼ିଶା ଉପକୂଳକୁ ଶୁଷ୍କ ବାୟୁର ସମ୍ଭାବ୍ୟ ପ୍ରବାହ ଓ ଥଣ୍ଡା ବଢ଼ିବା କାରଣରୁ ସମ୍ଭବତଃ ସମ୍ଭାବ୍ୟ ବାତ୍ୟା ଓଡ଼ିଶା ଉପକୂଳ ଛୁଇଁବାକୁ ପ୍ରତିକୂଳ ରହିବ। ତେବେ ସମ୍ଭାବ୍ୟ ବାତ୍ୟା ଲ୍ୟାଣ୍ଡଫଲର ଚିତ୍ର ୨୭ ତାରିଖ ବେଳକୁ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

# 'ସକାଳ' ପକ୍ଷରୁ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା ଆଜି

■ **ଭୁବନେଶ୍ୱର, ୨୨।୧୧ (ସମିସ):** ଆସନ୍ତା ଡ଼ିସେମ୍ବର ୧ ତାରିଖରେ ପଞ୍ଚମ ସ୍ୱନକ୍ଷତ୍ର ଦିବସ ପାଳନ କରିବ ଦୈନିକ 'ସକାଳ'। ଏହି ଅବସରରେ ସାରା ରାଜ୍ୟରେ ଆସନ୍ତାକାଲି ଅନୁଷ୍ଠିତ ହେବ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା। ସବୁ ଜିଲ୍ଲା ସହ ଭୁବନେଶ୍ୱର, ରାଉରକେଲା ଓ ଜୟପୁର ସହରରେ ଦୁଇ ପର୍ଯ୍ୟାୟରେ କନିଷ୍ଠ ଓ ବରିଷ୍ଠ ବର୍ଗଙ୍କ ମଧ୍ୟରେ ବିତର୍କ ପ୍ରତିଯୋଗିତା ଆୟୋଜନ କରାଯାଇଛି। କନିଷ୍ଠ ବର୍ଗରେ ଅଷ୍ଟମରୁ ଦଶମ ଶ୍ରେଣୀ ଓ ବରିଷ୍ଠ ବର୍ଗରେ କଲେଜ, ବିଶ୍ୱବିଦ୍ୟାଳୟରେ ଶିକ୍ଷାଲାଭ କରୁଥିବା ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିପାରିବେ। ଅଂଶଗ୍ରହଣ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ। ଜିଲ୍ଲାସ୍ତରରେ ଉଭୟ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଆସନ୍ତା ଡିସେମ୍ବର ୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହେବେ।




# ମହଙ୍ଗା ହେବ ଔଷଧ ମୂଲ୍ୟ

■ **ନୂଆଦିଲ୍ଲୀ, ୨୨।୧୧ (ଏଜେନ୍ସି):** ଜିଏସ୍‌ଟି ହାର ହ୍ରାସ ପରେ ଜନତାଙ୍କୁ ଆଶ୍ୱସ୍ତି ମିଳିବ ବୋଲି କୁହାଯାଉଥିଲା। ମାତ୍ର ଏହାର ସେତେ ଲାଭ ଜନସାଧାରଣଙ୍କୁ ମିଳି ନ ଥିଲା। କିଛି କମ୍ପାନୀ ଅସାଧୁ ଭାବେ ମୂଲ୍ୟ ସହିତ ପରିମାଣ କମାଇ ଅଧିକ ଲାଭ ଅର୍ଜନ କରୁଥିବା ଦେଖିବାକୁ ମିଳୁଥିଲା। ଏବେ ପୁଣି ଜନତାଙ୍କୁ ବଡ଼ ଝଟ୍‌କା ଲାଗିବାକୁ ଯାଉଛି। ସରକାର ଫାର୍ମା କ୍ଷେତ୍ରରେ ବ୍ୟବହୃତ କଞ୍ଚାମାଲ ଅର୍ଥାତ ଫାର୍ମାସ୍ୟୁଟିକାଲ୍ସ ଇନ୍‌ପୁଟ ପାଇଁ ସର୍ବନିମ୍ନ ଆମଦାନୀ ମୂଲ୍ୟ (ଏମଆଇପି) ଧାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିଯୋଗୁଁ



ଔଷଧ ମୂଲ୍ୟ ବଢ଼ିପାରେ। ଫାର୍ମା ଉଦ୍ୟୋଗ ସହ ଜଡ଼ିତ ଅନେକ ବିଶେଷଜ୍ଞ ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ସେମାନଙ୍କ ଅନୁଯାୟୀ, କିଛି ଜରୁରୀ କଞ୍ଚାମାଲ ଉପରେ ଏମଆଇପି ଲଗାଇଲେ ଆକ୍ଟିଭ ଫାର୍ମାସ୍ୟୁଟିକାଲ ଇନଗ୍ରିଡିଆଣ୍ଟ (ଏଆଇପି ) ଏବଂ ଔଷଧ ଉତ୍ପାଦନ କରୁଥିବା କମ୍ପାନୀଙ୍କ ବ୍ୟୟ ବଢ଼ିବ। ବ୍ୟୟ ବଢ଼ିଲେ ଔଷଧ ମୂଲ୍ୟ ବୃଦ୍ଧି କରାଯିବ। ଏହାର ପ୍ରତ୍ୟକ୍ଷ ପ୍ରଭାବ ରୋଗୀଙ୍କ ଉପରେ ପଡ଼ିବ।

ରିପୋର୍ଟ ଅନୁଯାୟୀ ଚୀନ୍ ଭଳି ଦେଶରୁ ଆସୁଥିବା ବିପୁଳ କଞ୍ଚାମାଲ ଆମଦାନୀ ହ୍ରାସ କରିବା ଏହାର ଉଦ୍ଦେଶ୍ୟ। କାରଣ ଏହା ଭାରତର ଘରୋଇ ଉତ୍ପାଦକଙ୍କ ସ୍ଥାୟୀ କ୍ଷମତାକୁ ପ୍ରଭାବିତ କରୁଛି। ତେବେ ଅନେକ ମେଡିକାଲ ବିଶେଷଜ୍ଞ ଏହି ପଦକ୍ଷେପ ଫାର୍ମା ଉଦ୍ୟୋଗ ପାଇଁ କ୍ଷତିକାରକ ହେବ ବୋଲି କହିଛନ୍ତି। ଏବେ ସରକାର ପେନସିଲିନ-ଜି, ଆମୋକ୍ସିଲିନ ପାଇଁ ଏମଆଇପି ଧାର୍ଯ୍ୟ କରିବାକୁ ବିଚାର କରୁଛନ୍ତି। ଆଣ୍ଟିବାୟୋଟିକରେ ପ୍ରସ୍ତୁତ ଏହି କଞ୍ଚାମାଲ ଉପରେ ଏମଆଇପି ଲଗାଇଲେ ଏମଏସଏମଇ ଉପରେ ପ୍ରଭାବ ପଡ଼ିପାରେ। ଏହା ଦ୍ୱାରା ୧୦ ହଜାରରୁ ଅଧିକ ଏମଏସଏମଇ ପ୍ରଭାବିତ ହୋଇପାରନ୍ତି। ଅନେକ ମଧ୍ୟ ବନ୍ଦ ହୋଇପାରେ। ଏହା ଦ୍ୱାରା ୨ ଲକ୍ଷ ଲୋକଙ୍କ ନିଯୁକ୍ତି ଯାଇପାରେ।

### ଠକେଇ ମାମଲାରେ ଆମେରିକା କୋର୍ଟଙ୍କ କାର୍ଯ୍ୟାନୁଷ୍ଠାନ

# ବାଇଜୁ ରବୀନ୍ଦ୍ରନଙ୍କୁ ୯ ହଜାର କୋଟି ଟଙ୍କା ଜୋରିମାନା




■ **ୱାସିଂଟନ, ୨୨।୧୧ (ଏଜେନ୍ସି):** ଏଡ୍‌ଟେକ କମ୍ପାନୀ ବାଇଜୁସର ପ୍ରତିଷ୍ଠାତା ବାଇଜୁ ରବୀନ୍ଦ୍ରନଙ୍କୁ ବଡ଼ ଝଟ୍‌କା ଲାଗିଛି। ଆମେରିକାର ବ୍ୟାଙ୍କରପ୍‌ସି କୋର୍ଟ ତାଙ୍କ ଉପରେ ୧ ବିଲିୟନ ଡଲାର ତଥା ୯ ହଜାର କୋଟି ଟଙ୍କାର ଜୋରିମାନା ଲଗାଇଛନ୍ତି। ଋଣ ଭାରରେ ବୁଡ଼ିଥିବା ରବୀନ୍ଦ୍ରନଙ୍କ ପାଇଁ ଏହା ବୋଝ ଉପରେ ଲଳିତା ବିଡ଼ା ସଦୃଶ ହୋଇଛି। ବାଇଜୁସ ଆଲ୍‌ଫା ଏବଂ ଋଣ ଦେଇଥିବା ଆମେରିକା କମ୍ପାନୀ ଗ୍ଲାସ ଟ୍ରଷ୍ଟ ଏଲଏଲସିର ଆବେଦନ ଉପରେ ଶୁଣାଣି କରି କୋର୍ଟ ଏହି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ବାଇଜୁସ ଆଲ୍‌ଫା ଏକ ଆମେରିକୀୟ କମ୍ପାନୀ। ଏହା ଭାରତୀୟ ଏଡଟେକ୍ ବାଇଜୁସର ସହାୟକ। ୨୦୨୧ରେ ଡେଲାୱେୟର (ଆମେରିକା) ରେ ଏହାକୁ ପ୍ରତିଷ୍ଠା କରାଯାଇଥିଲା। ବାଇଜୁସ୍ ପାଇଁ ପାଣ୍ଠି ସଂଗ୍ରହ କରିବା ଏହାର ଉଦ୍ଦେଶ୍ୟ ଥିଲା। ସୂଚନା ଅନୁଯାୟୀ ବାଇଜୁ ରବୀନ୍ଦ୍ରନଙ୍କ କମ୍ପାନୀ ବାଇଜୁସ ୨୦୨୧ରେ ଆମେରିକା ବ୍ୟାଙ୍କ ଏବଂ ଲେଣ୍ଡର୍ସଙ୍କ ଏକ ଗ୍ରୁପଠାରୁ ପ୍ରାୟ ୧.୨ ବିଲିୟନ ଡଲାର ଅର୍ଥାତ୍ ୧୧ ହଜାର କୋଟି ଟଙ୍କା ଋଣ ନେଇଥିଲା। ଏହା ବାଇଜୁସର ପରିଚାଳନାରେ ବ୍ୟବହାର କରାଯାଇଥିଲା। ଋଣ ପରିଶୋଧରେ ବିଫଳ ହେବା ପରେ ୨୦୨୪ ଏପ୍ରିଲରେ ବାଇଜୁସ୍ ଆଲ୍‌ଫା ଏହାର ପ୍ରତିଷ୍ଠାତା ରବୀନ୍ଦ୍ରନ, ତାଙ୍କ ପତ୍ନୀ ଦିବ୍ୟା ଗୋକୁଳନାଥ, ଭାଇ ରାଜୁ ଏବଂ ଅନ୍ୟମାନଙ୍କ ଉପରେ ୫୩୩ ନିୟୁତ ଡଲାର ଅର୍ଥାତ୍ ପ୍ରାୟ ୪,୫୦୦ କୋଟି ଟଙ୍କାର ଚୋରି ଓ ଠକେଇ ଅଭିଯୋଗ ଲଗାଇ ମାମଲା ରୁଜୁ କରିଥିଲା। କିଛି ଦିନ ତଳେ କୋର୍ଟ ଏହି ମାମଲାରେ ରାୟ ଦେଇ ୧ ବିଲିୟନ ଡଲାର ଜୋରିମାନା ଲଗାଇ ଥିଲେ।

**ଓସିପିଏଲ-ଓପିଜିସି ମିଶ୍ରଣ ପ୍ରସ୍ତାବ**

# କେନ୍ଦ୍ରର ପ୍ରତ୍ୟାଖ୍ୟାନ; ରାଜ୍ୟକୁ ଧକ୍କା

## ଏକାଧିକ କାରଣ ଦର୍ଶାଇ ମିଶ୍ରଣ ପ୍ରସ୍ତାବକୁ ବିରୋଧ କରିଥିଲେ ଶକ୍ତି ସମୀକ୍ଷକ

■ **ଭୁବନେଶ୍ୱର, ୨୨।୧୧ (ସମିସ):** ଓଡ଼ିଶା କୋଲ ଏଣ୍ଡ ପାୱାର ଲିମିଟେଡ (ଓସିପିଏଲ)କୁ ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ (ଓପିଜିସି) ସହିତ ମିଶ୍ରଣ ନିମନ୍ତେ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ରୋକଠୋକ ଖାରଜ କରି ଦେଇଛନ୍ତି କେନ୍ଦ୍ର ସରକାର। କେନ୍ଦ୍ର କୋଇଲା ମନ୍ତ୍ରଣାଳୟର ମନୋନୀତ କର୍ତ୍ତୃପକ୍ଷ ଏ ସଂକ୍ରାନ୍ତରେ ଓସିପିଏଲକୁ ସୂଚନା ଦେଇଛନ୍ତି। ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ସରକାରଙ୍କୁ ଘେରିଛନ୍ତି। କେଉଁ ଆଧାରରେ ସରକାର ଦୁଇ ସଂସ୍ଥାକୁ ମିଶ୍ରଣ ପାଇଁ ଯୋଜନା କରିଥିଲେ ଓ କ'ଣ ପାଇଁ କେନ୍ଦ୍ର ଏହାକୁ ଖାରଜ କଲେ ସେ ସମ୍ପର୍କରେ ସ୍ପଷ୍ଟୀକରଣ ଦେବାର ଆବଶ୍ୟକତା ଥିବା ବିରୋଧୀ କହିଛନ୍ତି।

ଓସିପିଏଲ-ଓପିଜିସି ମିଶ୍ରଣ ପ୍ରସ୍ତାବ ଉପରେ ଓଡ଼ିଶା ସରକାର ଗତ ଅକ୍ଟୋବର ୮ ତାରିଖରେ ନୀତିଗତ ନିଷ୍ପତ୍ତି ନେବାପରେ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଦ୍ୱାରା ନିଯୁକ୍ତ ମନୋନୀତ କର୍ତ୍ତୃପକ୍ଷଙ୍କ ଅନୁମୋଦନ ଏକାନ୍ତ ଆବଶ୍ୟକ ଥିଲା। କେନ୍ଦ୍ର କୋଇଲା ମନ୍ତ୍ରଣାଳୟର ଅନୁମୋଦନ ହାସଲ କରିବାପାଇଁ ଗତ ନଭେମ୍ବର ୧ ତାରିଖରେ ଓସିପିଏଲ ଏକ ପତ୍ର ମାଧ୍ୟମରେ କେନ୍ଦ୍ର କୋଇଲା ମନ୍ତ୍ରଣାଳୟକୁ ଆବେଦନ କରିଥିଲେ। ଓସିପିଏଲର ଆବେଦନକୁ ବିଚାରକରି କେନ୍ଦ୍ର କୋଇଲା ମନ୍ତ୍ରଣାଳୟର ନିଜର ବିଚାର ଓ ନିଷ୍ପତ୍ତିକୁ ସ୍ପଷ୍ଟ ଉଲ୍ଲେଖ କରି ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ପ୍ରତ୍ୟାଖାନ କରିଛନ୍ତି।

**ମିଶ୍ରଣ ପାଇଁ ରାଜ୍ୟ ସରକାର ଗତ ମାସରେ ନେଇଥିଲେ ନୀତିଗତ ନିଷ୍ପତ୍ତି**

କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଦ୍ୱାରା ନିଯୁକ୍ତ ମନୋନୀତ କର୍ତ୍ତୃପକ୍ଷ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ମନୋହରପୁର କୋଇଲା ଖଣି ପାଇବା ପାଇଁ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ସହିତ ଓସିପିଏଲ ସମ୍ପାଦନ କରିଥିବା ଆବଣ୍ଟନ ଚୁକ୍ତିନାମାର ଧାରା ୧୩.୨.୧ ଅନୁସାରେ ଓସିପିଏଲ-ଓପିଜିସି ମିଶ୍ରଣ ହୋଇପାରିବ ନାହିଁ। ଦ୍ୱିତୀୟରେ ଟାଙ୍ଗରଡିହି ଉତ୍ତର କୋଇଲାଖଣିକୁ ନିଲାମ କରିବା ପାଇଁ କୋଇଲା ମନ୍ତ୍ରଣାଳୟ ପ୍ରକାଶ କରିଥିବା ବିଜ୍ଞପ୍ତି ଦସ୍ତାବିଜର ପାରା ୫.୨.୧.୩ ଅନୁସାରେ ଲକ-ଇନ ଅବଧିରେ ଓସିପିଏଲ-ଓପିଜିସି ମିଶ୍ରଣ ହୋଇପାରିବ ନାହି। ସେହିପରି ଟାଙ୍ଗରଡିହି ଉତ୍ତର କୋଇଲାଖଣି ପାଇବା ପରେ ଓସିପିଏଲ ଓ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିନାମାର ଧାରା ୧୩.୧.୩ ଅନୁସାରେ ସାଂପ୍ରତିକ ପରିସ୍ଥିତିରେ ଉକ୍ତ ମିଶ୍ରଣ ବେଆଇନ। ଅର୍ଥାତ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଓସିପିଏଲ-ଓପିଜିସି ମିଶ୍ରଣ ପାଇଁ ଓସିପିଏଲର ଆବେଦନକୁ ଅଗ୍ରାହ୍ୟ କରିବା ସହିତ ଓଡ଼ିଶା ସରକାର ଗ୍ରହଣ କରିଥିବା ନୀତିଗତ ନିଷ୍ପତ୍ତିକୁ ସମ୍ପୂର୍ଣ ଖାରଜ କରିଦେଇଛନ୍ତି।

ଗତ ଅକ୍ଟୋବର ୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏକ ନୋଟସିଟରେ ଶକ୍ତିବିଭାଗକୁ ସୂଚିତ କରି ରାଜ୍ୟ ସରକାର ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିବାପାଇଁ ନୀତିଗତ ନିଷ୍ପତ୍ତି ନେଇଥିବା ଅବଗତ କରିଥିଲେ। ରାଜ୍ୟ ସରକାରଙ୍କ ଉକ୍ତ ନିଷ୍ପତ୍ତି ବିରୁଦ୍ଧରେ ସେତେବେଳେ ପ୍ରବଳ ସ୍ୱର ଉତ୍ତୋଳନ କରିଥିଲେ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର। ଶ୍ରୀ ମହାପାତ୍ର କହିଥିଲେ ଯେ ମିଶ୍ରଣ ନିଷ୍ପତ୍ତି ସପକ୍ଷରେ ଓପିଜିସିର ଯୁକ୍ତି ହେଉଛି ଯେ ମିଶ୍ରଣ ହୋଇଗଲେ ଜିଏସଟି କ୍ଷତିପୂରଣ ସେସ୍ ବାବଦକୁ ଟନ ପିଛା ୪୦୦ ଟଙ୍କା ଦେବାକୁ ▶ପୃଷ୍ଠା-୭

**ନୂଆପଡ଼ା ବ୍ୟବଚ୍ଛେଦ**

# ବୁଥ୍‌ୱାରୀ ତଦନ୍ତ କରିବ ଦଳ

■ **ଭୁବନେଶ୍ୱର, ୨୨।୧୧ (ସମିସ):** ନୂଆପଡ଼ା ଉପ ନିର୍ବାଚନରେ ଶାସକ ବିଜେପି କଳ, ବଳ, କୌଶଳ, ବାହୁବଳ, ଅର୍ଥବଳ ଖର୍ଚ୍ଚ ସହ ଇଭିଏମକୁ ବ୍ୟବହାର କରି ଭୋଟ ହାତେଇଛନ୍ତି। ନୂଆପଡ଼ାବାସୀଙ୍କ ଜନାଦେଶ ଗୋଟିଏ ପଟେ ଥିବାବେଳେ ବିଜେପି ବହୁ ଉପାୟରେ ମତ ପରିବର୍ତ୍ତନ କରିବାରେ ସଫଳ ହୋଇଛି। ନିର୍ବାଚନମଣ୍ଡଳୀର ୬୩ଟି ବୁଥରେ ବିଜେପି ଜାଲିଆତି କରିଛି। ଏହି ୬୩ଟି ବୁଥରେ ଦଳ ପକ୍ଷରୁ ତଦନ୍ତ, ତର୍ଜମା କରାଯିବ ବୋଲି ସୂଚନା ଦେଇଛନ୍ତି ବିଜେଡିର ରାଜନୈତିକ ବ୍ୟାପାର କମିଟି ସଦସ୍ୟା ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ଶନିବାର ସନ୍ଧ୍ୟାରେ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜନୈତିକ ବ୍ୟାପାର କମିଟି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିବା ଶ୍ରୀମତୀ ମଲ୍ଲିକ ସୂଚନା ଦେଇଛନ୍ତି।



**ବିଜେଡି ରାଜନୈତିକ ବ୍ୟାପାର କମିଟି ବୈଠକ**

**ବିଜେପିର ଜାଲିଆତିକୁ ବରଦାସ୍ତ କରିବନି ବିଜେଡି**

**କୌଶଳ କରି ଭୋଟ ଦେବାରୁ ଲୋକଙ୍କୁ ରୋକାଯାଇଛି**

ସେ କହିଛନ୍ତି ଯେ ବୈଠକରେ ନୂଆପଡ଼ା ଉପନିର୍ବାଚନ ଫଳାଫଳ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ଯେପରି ଭାବେ କଳ, ବଳ, କୌଶଳ, ବାହୁବଳ, ଅର୍ଥବଳ ଖର୍ଚ୍ଚ ସହ ଇଭିଏମ୍‌କୁ ଶାସକ ଦଳ ବ୍ୟବହାର କରି ଭୋଟ ହାତେଇଛନ୍ତି, ସେ ▶ପୃଷ୍ଠା-୭

# ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କୁ ହତ୍ୟା !

■ **ବ୍ରହ୍ମପୁର, ୨୨।୧୧ (ସମିସ):** ନିମଖଣ୍ଡି ଥାନା ଅନ୍ତର୍ଗତ ଜଗଦଳପୁରରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ରହୁଥିବା ମିଳନ ନାୟକ ନାମକ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ମା' ସାଇବାଣୀ ନାୟକ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। କେନ୍ଦ୍ରର ପରିଚାଳକ ଓ ତାଙ୍କ ସହଯୋଗୀଙ୍କୁ ଥାନାକୁ ଡାକି ପୁଲିସ ପଚରାଉଚରା କରୁଛି। ସୂଚନାଯୋଗ୍ୟ, ରାଧାକୃଷ୍ଣ ହରିଜନ ସାହିର ସାଇବାଣୀଙ୍କ ପୁଅ ମିଳନ ଅତ୍ୟଧିକ ନିଶା ସେବନ କରୁଥିବାରୁ ପରିବାର ଲୋକ ଚିନ୍ତାରେ ଥିଲେ। ଏହି ସମୟରେ ଜଗଦଳପୁରରେ ଥିବା ନିଶା ନିବାରଣ କେନ୍ଦ୍ରର ପରିଚାଳକ ସାଇବାଣୀଙ୍କୁ ଭେଟି ମିଳନଙ୍କୁ ଆମ କେନ୍ଦ୍ରରେ ଭର୍ତ୍ତି କଲେ ▶ପୃଷ୍ଠା-୭

**ପୁଲିସ ଚାକିରି ବେପାର**

# ପୁଣି ୪ ପରୀକ୍ଷାର୍ଥୀଙ୍କୁ ସିବିଆଇର ଜେରା

■ **ଭୁବନେଶ୍ୱର, ୨୨।୧୧ (ସମିସ):** ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ସିବିଆଇ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ୪ଜଣ ପରୀକ୍ଷାର୍ଥୀଙ୍କୁ ଜେରା କରିଛି। ନୋଟିସ ଅନୁଯାୟୀ ଆଶାୟୀମାନେ ସକାଳେ ସିବିଆଇ କାର୍ଯ୍ୟାଳୟରେ ହାଜର ହୋଇଥିଲେ। ସେମାନଙ୍କୁ ସିବିଆଇର ଏକ ସ୍ୱତନ୍ତ୍ର ଟିମ୍ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ପଚରାଉଚରା କରିଥିଲା। ତେବେ ଆଗକୁ ସିବିଆଇ କାର୍ଯ୍ୟାଳୟରେ ଏସ୍‌ଆଇ ପରୀକ୍ଷା ବଡ଼ବଡ଼ିଆ ହାଜର ହେବେ। ସେମାନଙ୍କୁ ଜେରା କରିବାକୁ ସିବିଆଇ ଯୋଜନା ପ୍ରସ୍ତୁତ କରୁଛି।

**ଆଗକୁ ବଡ଼ବଡ଼ିଆଙ୍କ ପାଳି!**

ଏମାନଙ୍କ ମଧ୍ୟରୁ କେତେକ ପୁଲିସ ଦ୍ୱାରା ଗିରଫ ହୋଇଥିଲା ବେଳେ କିଛି ଆଶାୟୀ ସିବିଆଇ ତଦନ୍ତରେ ସ୍ୱଚ୍ଛାକୃତ ଭାବେ ସହଯୋଗ କରିବାକୁ ଆସିଥିଲେ। ସିବିଆଇ ସେମାନଙ୍କୁ ୬ଘଣ୍ଟା ଧରି ପଚରାଉଚରା କରିଥିଲା। ଆଶାୟୀମାନେ ଚାକିରି ରାକେଟ୍ ସମ୍ପର୍କରେ କିଭଳି ଆସିଲେ। ଦଲାଲ୍ ସେମାନଙ୍କୁ କେଉଁ ମାଧ୍ୟମରେ ଯୋଗାଯୋଗ କରିଥିଲା। ଆଶାୟୀମାନେ କାହାକୁ ଟଙ୍କା ଦେଇଛନ୍ତି ଓ କେତେଟଙ୍କା ଦେଇଛନ୍ତି। ଏଥିରେ କେଉଁ ସରକାରୀ କର୍ମଚାରୀଙ୍କ ସମ୍ପୃକ୍ତି ରହିଛି। ଆଶାୟୀମାନଙ୍କୁ ଆନ୍ଧ୍ର କଣ ପାଇଁ ନିଆଯାଇଥିଲା। ଏଠାରେ ଦଲାଲଙ୍କ ଭୂମିକା କଣ ରହିଥିଲା। ଏଭଳି ଅନେକ ପ୍ରଶ୍ନ ପଚାରିବା ପରେ ଶେଷରେ ସେମାନଙ୍କୁ ଛାଡି ଦିଆଯାଇଥିଲା। ତେବେ ସିବିଆଇ ସେମାନଙ୍କ ଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିବା କୁହାଯାଉଛି।

ଅନ୍ୟପକ୍ଷରେ ଆଶାୟୀଙ୍କ ଠାରୁ ତଥ୍ୟ ନେବା ପରେ ସିବିଆଇ ବଡ଼ବଡ଼ିଆଙ୍କୁ ଡାକି ପଚରାଉଚରା କରିବାକୁ ଯୋଜନା ପ୍ରସ୍ତୁତ କରୁଛି। ଫଳରେ ଗିରଫଦାରୀ ସଂଖ୍ୟା ବୃଦ୍ଧି ପାଇବ ବୋଲି ଜଣାପଡ଼ିଛି। ଏହି ମାମଲାରେ ମାଷ୍ଟରମାଇଣ୍ଡ ତଥା ସିଲିକନ୍‌ର ସିଇଓ ସୁରେଶ ନାୟକ ତାଙ୍କ ସହଯୋଗୀ ଶଙ୍କର ପୃଷ୍ଟି ଓ ସେମାନଙ୍କର କିଛି ସହଯୋଗୀ ଗିରଫ ହୋଇ ଜେଲରେ ଅଛନ୍ତି।

# ସ୍କୁଟିକୁ ଧକ୍କା ଦେଲା ବସ୍; ୨ ମୃତ

■ **ଭଦ୍ରକ/ତିହିଡ଼ି, ୨୨।୧୧ (ସମିସ):** ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ପୀରହାଟ ଥାନା ଅଧୀନ ସିନ୍ଦୋଳଠାରେ ଶନିବାର ଏକ ମର୍ମନ୍ତୁଦ ଦୁର୍ଘଟଣା ୨ଜଣଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ଗୋଲେଖ ଦାସ(୪୫) ଓ ଦୈତାରୀ ପୁହାଣ(୩୮)। ସେମାନଙ୍କ ଘର ତିହିଡ଼ି ଥାନା ସୟା ପଞ୍ଚାୟତ ଅଧୀନ ବାଲିଚତୁରୀ ଗ୍ରାମରେ। ଦୈତାରୀ ତିହିଡ଼ି ବ୍ଲକ୍ ଅଧକ୍ଷା ଅବନ୍ତୀ ଦାସଙ୍କ ଭାଇ ବୋଲି ଜଣାଯାଇଛି। ଦୁହେଁ



ଅଲେଖ ମେଳାରେ ଯୋଗ ଦେବାକୁ ସ୍କୁଟିରେ ଚାନ୍ଦବାଲି ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ବିପରୀତ ଦିଗରୁ ଆସୁଥିବା 'ହାସାମ' ନାମକ ବସ୍ ସେମାନଙ୍କୁ ସିନ୍ଦୋଳ ନିକଟରେ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ଦୁହିଁଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିବାରୁ ବହୁ ସଂଖ୍ୟାରେ ଗାଡ଼ି ମଟର ଅଟକି ରହିଛି। ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ପୀରହାଟ ଥାନା ଆଇଆଇସି ରୋଜାଲିନ୍ ବେହେରା ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଅତିରିକ୍ତ ତହସିଲଦାର ନମିତା ଧଳ ମଧ୍ୟ ଘଟଣାସ୍ଥଳକୁ ଆସି ଲୋକଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ଲୋକେ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ଖବର ଲେଖା ହେବା ବେଳକୁ ରାସ୍ତାରୋକ ହଟିନଥିଲା।



# ଦେଶ ବିଦେଶ

ସକାଳ
www.sakalaepaper.com

## ଚୀନ୍ ନିର୍ମାଣ କରୁଛି ପ୍ରଥମ କୃତ୍ରିମ ଭାସମାନ ଦୀପ



ବେଜିଂ, ୨୨।୧୧(ଏଜେନ୍ସି): ଚୀନ୍ ସବୁବେଳେ ନୂଆ ନୂଆ ଆବିଷ୍କାର ଓ ଉଦ୍ଭାବନ ନେଇ ସାରା ବିଶ୍ୱକୁ ଚକିତ କରିବା ସହ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଚୀନ୍ ଏବେ ଏକ ବିଶାଳ ଭାସମାନ ଦୀପ ନିର୍ମାଣ କରୁଛି। ପରମାଣୁ ଆକ୍ରମଣର ସକ୍‌ୱେଭ୍‌ରୁ ବର୍ତ୍ତି ପାରିବା ଭଳି ଏହି ଦୀପର ଡିଜାଇନ୍ କରାଯାଇଛି। ୭୮ ୦୦୦ ଟନ୍ ଓଜନ, ଅଧା ବୁଡି ପାରୁଥିବା ଏହି ଭ୍ରାମ୍ୟମାଣ ଦୀପ ସମୁଦ୍ରରେ ଦୀର୍ଘ ସମୟ ଧରି ତିଷ୍ଠି ପାରିବ। ଏହି କୃତ୍ରିମ ହ୍ରଦ ଉପରେ ୨୩୮ ଲୋକ ରହିପାରିବେ। ଏହାର ଭିତ୍ତିଭୂମି ଚୀନ୍‌ର ଫୁଜିଆନ ବିମାନ ବାହକ ଜାହଜ ଭଳି ବୃହତ୍। ଏହା ୨୦୨୮ରେ କାର୍ଯ୍ୟକ୍ଷମ ହେବ। ଏହା ୬-୯ ମିଟର ଲମ୍ବ ତରଙ୍ଗ ଓ ବଡ଼ ବଡ଼ ବାତ୍ୟାର ସମ୍ମୁଖୀନ ହେବା ସହ ଅଶାନ୍ତ ସମୁଦ୍ରକୁ ସହ୍ୟ କରିପାରିବ। ଏହାର ଲମ୍ବ ୧୩୮ ମିଟର ହୋଇଥିବା ବେଳେ ଚଉଡା ୮୫ ମିଟର ରହିଛି। ଏହାର ମୁଖ୍ୟ ଡେକର ଉଚ୍ଚତା ୪୫ ମିଟର ରହିଥିବା ବେଳେ ଏହା ପରମାଣୁ ଆକ୍ରମଣକୁ ସହ୍ୟ କରିବାର କ୍ଷମତା ବହନ କରିବ। ଏହା କ୍ୟାଟାଗୋରି-୧୭ ଘୂର୍ଣ୍ଣିବାତ୍ୟାର ସମ୍ମୁଖୀନ ହୋଇପାରିବ। ଏହାକୁ ଚୀନ୍ ବିବାଦୀୟ ଦକ୍ଷିଣ ଚୀନ୍ ସାଗରରେ ନିୟୋଜିତ କରିପାରିବ। ଏହାର ଆକାର, ଗତିଶୀଳତା, ସହନ ଶକ୍ତି କାରଣରୁ ଚୀନ ଏହାକୁ ଯେକୌଣସି ସ୍ଥାନରେ ବ୍ୟବହାର କରିପାରିବ। କିନ୍ତୁ ଚୀନ୍ ଏହାକୁ ଏକ ନାଗରିକ ପରିଯୋଜନା ବୋଲି କହୁଛି। ଯଦି ପରମାଣୁ ଆକ୍ରମଣ ହୁଏ, ତେବେ ଏହା ତିଷ୍ଠି ପାରିବ ଓ ନିଜ କାର୍ଯ୍ୟ ଜାରି ରଖିପାରିବ। ଚୀନ୍‌ର ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ କିପରି କାର୍ଯ୍ୟ କରିବ ତାହା ୨୦୨୮ ପରେ ହିଁ ଜଣାପଡ଼ିବ।

## ଇଣ୍ଡୋନେସିଆରେ ଅଗ୍ନି ଉଦ୍‌ଗୀରଣ

### ଉଦ୍ଧାର ହେଲେ ୧୭୦ ପର୍ବତାରୋହୀ



ଜାକର୍ତ୍ତା, ୨୨।୧୧(ଏଜେନ୍ସି): ଇଣ୍ଡୋନେସିଆର ଜାଭା ଦୀପରେ ଥିବା ସେମେରୁ ଆଗ୍ନେୟଗିରିରେ ଅଗ୍ନିଉଦ୍‌ଗିରଣ ହୋଇଛି। ଫଳରେ ଆକାଶରେ ୬, ୫୦୦ ଫୁଟ୍ ଉଚ୍ଚର ପାଉଁଶର ଏକ ଲମ୍ବା ଧାର ଦେଖିବାକୁ ମିଳିଛି। ଏହି ଆଗ୍ନେୟଗିରିରୁ ଅତ୍ୟନ୍ତ ଉତପ୍ତ ଲାଭା ୨୦ କିମି ପର୍ଯ୍ୟନ୍ତ ପ୍ରବାହିତ ହୋଇଛି। ରାସ୍ତା, ପୋଲ ଓ ଆଖପାଖ ଅଞ୍ଚଳ ପାଉଁଶ ଦ୍ୱାରା ଆଚ୍ଛାଦିତ ହୋଇଛି। ନିକଟବର୍ତ୍ତୀ ଗାଁଗୁଡିକରୁ ଲୋକଙ୍କୁ ଖାଲି କରାଯାଇଛି। ୩ ଗାଁରୁ ପାଖାପାଖି ୧, ୦୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଆକାଶରେ ଧୂଆଁ ଉଡିବା କାରଣରୁ କେତୋଟି ଗାଁରେ ଦିନରେ ମଧ୍ୟ ଅନ୍ଧାର ଆଚ୍ଛାଦିତ ହୋଇଥିଲା। ସଲଫରର ଗନ୍ଧ ଉତ୍କଟ ସ୍ଥିତି ସୃଷ୍ଟି କରିଥିଲା। ଏପରିକି ଉତ୍ତପ୍ତ ଲାଭାରେ କିଛି ଲୋକ ଜଳିଯାଇଛନ୍ତି। ପ୍ରତିବର୍ଷ ଇଣ୍ଡୋନେସିଆରେ ୪ରୁ ୫ଟି ଜ୍ୱାଳାମୁଖି ଉଦ୍‌ଗିରଣ ହୋଇଥାଏ। ମାଉଣ୍ଟ ସେମେରୁ ହେଉଛି ଜାଭା ଦୀପର ଉଚ୍ଚତମ ଶୃଙ୍ଗ। ନଭେମ୍ବର ୧୯ରେ ଏଥିରେ ଉଦ୍‌ଗିରଣ ହୋଇଥିଲା। ଫଳରେ ସେଠାକାର ଶିବିରରେ ଥିବା ୧୭୦ରୁ ଊର୍ଦ୍ଧ୍ୱ ପର୍ବତାରୋହୀ ଫସି ରହିଥିଲେ। ସମସ୍ତଙ୍କୁ ଇଣ୍ଡୋନେସିଆର ଅଧିକାରୀମାନେ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ଏହା ପୂର୍ବରୁ ୨୦୨୧ ଡିସେମ୍ବରରେ ମାଉଣ୍ଟ ସେମେରୁରେ ବଡ଼ ଧରଣର ବିସ୍ଫୋଟ ହୋଇଥିଲା। ଏହି ବିସ୍ଫୋଟରେ ୫୧ ଜଣ ଲୋକ ମୃତ୍ୟୁବରଣ କରିଥିଲେ ଓ ହଜାର ହଜାର ଘର ନଷ୍ଟ ହୋଇଥିଲା। ଉଲ୍ଲେଖଥାଉ କି, ଇଣ୍ଡୋନେସିଆ 'ରିଙ୍ଗ ଅଫ୍ ଫାୟାର' ଅଞ୍ଚଳରେ ଅବସ୍ଥିତ। ଏହି କାରଣରୁ ଏଠାରେ ଭୂକମ୍ପ ଓ ଜ୍ୱାଳାମୁଖୀ ବିସ୍ଫୋରଣ ଏକ ସାଧାରଣ କଥା।

## ଧରାବୀରେ ନିଆଁ; ରେଳ ଚଳାଚଳ ବାଧାପ୍ରାପ୍ତ

ମୁମ୍ବଇ, ୨୨।୧୧(ଏଜେନ୍ସି): ମୁମ୍ବଇର ଧରାବୀ ନିକଟସ୍ଥ ରେଳ ଲାଇନ୍ ପାଖରେ ନବରଙ୍ଗ କମ୍ପାଉଣ୍ଡରେ ଶନିବାର ଅପରାହ୍ଣରେ ନିଆଁ ଲାଗିଛି। ଫଳରେ ୱେଷ୍ଟର୍ଣ୍ଣ ରେଳବାଇର ମୁମ୍ବଇ ସେଣ୍ଟ୍ରାଲ ଡିଭିଜନ୍‌ରେ ରେଳ ଚଳାଚଳ ଆଂଶିକ ଭାବେ ବାଧାପ୍ରାପ୍ତ ହୋଇଛି। ବାନ୍ଦ୍ରା ଓ ମାହିମ୍ ମଧ୍ୟରେ ଯୁପି ହାର୍ବର ଲାଇନରେ ଥିବା ଝୁମ୍ପୁଡି ଘରେ ଅଗ୍ନିକାଣ୍ଡ ଘଟିବା ପରେ ଏହି ସମସ୍ୟା ଉପୁଜିଛି। ଅପରାହ୍ଣ ୧୨.୨୫ରେ ଅଗ୍ନିକାଣ୍ଡ ଆରମ୍ଭ ହୋଇଥିଲା। ଫଳରେ ସୁରକ୍ଷାକୁ ଦୃଷ୍ଟିରେ ରଖି ଅଧିକାରୀମାନେ ଉପରେ ଯାଇଥିବା ଇଲେକଟ୍ରିକ୍ ଯୋଗାଣକୁ ବନ୍ଦ କରିଥିଲେ। ଅଗ୍ନିକାଣ୍ଡଠାରୁ ରେଳ ଚଳାଚଳ ନିରାପଦ ଦୂରରେ ଥିବାରୁ ଟ୍ରେନ୍ ଓ ଯାତ୍ରୀଙ୍କର କୌଣସି କ୍ଷତି ହୋଇନାହିଁ ବୋଲି ଅଧିକାରୀମାନେ କହିଛନ୍ତି। ଘଟଣାସ୍ଥଳରେ ଦମକଳ ବାହିନୀ ଓ ରେଳବାଇ କର୍ମଚାରୀ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିବାକୁ ପ୍ରୟାସ ଜାରି ରଖିଛନ୍ତି। ସନ୍ଧ୍ୟା ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା। ଅପରାହ୍ଣ ୨ଟାରେ ଟ୍ରେନ୍ ଚଳାଚଳ ପୁଣି ଆରମ୍ଭ ହୋଇଥିଲା। ତେବେ ଟ୍ରେନ୍‌ର ଗତିକୁ ଘଣ୍ଟା ପ୍ରତି ୪୫ କିମିରେ ସୀମିତ ରଖାଯାଇଥିଲା।

## ଉତ୍ତରାଖଣ୍ଡରେ ହ୍ରଦ ପାଲଟିଲା ବରଫ

ନୂଆଦିଲ୍ଲୀ, ୨୨।୧୧(ଏଜେନ୍ସି): ସାରା ଉତ୍ତର ଭାରତରେ ଶୀତର ଲହରି କାରଣରୁ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ହିମାଳୟ କ୍ଷେତ୍ରରେ ଥିବା ରାଜ୍ୟମାନଙ୍କରେ ତୁଷାରପାତ ଆରମ୍ଭ ହୋଇଛି। ସମତଳ ଅଞ୍ଚଳରେ ଖାସ୍ କରି ମଧ୍ୟପ୍ରଦେଶରେ ମଧ୍ୟ ପ୍ରବଳ ଶୀତର ପ୍ରଭାବ ଦେଖିବାକୁ ମିଳିଛି। ଫଳରେ ଗତ ଦୁଇଦିନ ମଧ୍ୟରେ ଦୁଇଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଭୋପାଳ, ଇନ୍ଦୋର ସମେତ ୭ଟି ଜିଲ୍ଲାରେ ଶୀତ ଲହରି ଖେଳିଯାଇଛି। ସେପଟେ ଉତ୍ତରାଖଣ୍ଡର ଚାମୋଲି ସ୍ଥିତ ବଦ୍ରିନାଥ ଧାମରେ ଏବର୍ଷ ଗୁରୁବାର ପ୍ରଥମଥର ପାଇଁ ତୁଷାରପାତ ହୋଇଛି। ଫଳରେ ପୂରା ମନ୍ଦିର ପରିସର ବରଫର ଧଳା ଚାଦରରେ ଛାଇ ହୋଇଯାଇଛି। ଏଠାରେ ତାପମାତ୍ର ୬ ଡିଗ୍ରୀ ସେଲ୍‌ସିୟସ୍‌ରେ ପହଞ୍ଚିଛି। ସେହିପରି ଉତ୍ତରାଖଣ୍ଡରେ ହ୍ରଦ ପୂରା ବରଫ ପାଲଟିଯାଇଛି। ଚମୋଲି ଜିଲ୍ଲାର ଶେଷନେତ୍ର ହ୍ରଦ ଜମିଯାଇଛି। ଆଗାମୀ ଦୁଇ ସପ୍ତାହ ପର୍ଯ୍ୟନ୍ତ ତାପମାତ୍ରାରେ ହ୍ରାସ ହେବ ନାହିଁ ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ କୁହାଯାଇଛି।

## ଡ୍ରାଇଭରଙ୍କୁ ହୃଦ୍‌ଘାତ: ୪-୫ ବାଇକ୍ ଉପରେ ଚଢ଼ିଗଲା କାର୍; ୪ ମୃତ

ଥାଣେ, ୨୨।୧୧(ଏଜେନ୍ସି): ମହାରାଷ୍ଟ୍ରର ଥାଣେ ଜିଲ୍ଲାରେ ଅମ୍ବରନାଥ ସହରରେ ଶୁକ୍ରବାର ସନ୍ଧ୍ୟା ୬.୪୨ରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି। ଜଣେ ଡ୍ରାଇଭର ହୃଦ୍‌ଘାତ୍‌ର ସମ୍ମୁଖୀନ ହେବା ଫଳରେ ନିୟନ୍ତ୍ରଣ ହରାଇ ଏକ ଟାଟା ନେକ୍ସନ କାର୍ ସାମ୍ନାପଟୁ ଆସୁଥିବା ବାହାନଗୁଡିକୁ ଧକ୍କ ଦେବା ପଲଟି ଯାଇଥିଲା। କାର୍‌ଟି ୪-୫ ବାଇକ୍‌କୁ ଧକ୍କା ଦେଇଥିଲା। ସହରର ଫ୍ଲାଏଓଭର ଉପରେ ହିଁ ଏହି ଦୁର୍ଘଟଣା ଘଟିଛି ଓ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏଥିରେ ୪ ଜଣ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। କାର ଏତେ ଜୋରରେ ଧକ୍କା ଦେଇଥିଲା ଯେ, ବାଇକ୍ ଚଢ଼ିଥିବା ଜଣେ ଲୋକ ଫ୍ଲାଏଓଭର ଉପରୁ ଉପରକୁ ଉଠି ତଳେ ଖସି ପଡ଼ିଥିଲେ। ସମ୍ପୂର୍ଣ୍ଣ ଘଟଣା ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଛି।ଦୁର୍ଘଟଣା ପରେ ଫ୍ଲାଏଓଭର ଓ ସଡ଼କର ଦୁଇପଟେ ଲୋକଙ୍କ ଭିଡ଼ ଜମା ହୋଇଥିଲା। ଏହାପରେ ଆହତଙ୍କୁ ହସ୍ପିଟାଲ ନିଆଯାଇଥିଲା। ଆହତଙ୍କ ଅବସ୍ଥା ଗୁରୁତର ବୋଲି କୁହାଯାଉଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଦୁର୍ଘଟଣା କାରଣ ନେଇ ଯାଞ୍ଚ ଆରମ୍ଭ କରିଛି। ମୃତକ ଓ ଆହତଙ୍କ ପରିଚୟ ପାଇବାକୁ ପୁଲିସ ପ୍ରୟାସ ଜାରି ରଖିଛି।

# ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପ-ମମ୍‌ଦାନୀ ଭେଟଘାଟ

- ନିର୍ବାଚନ ବେଳେ ବିଷୋଦଗାର
- ଏବେ ଏକାଠି ହେଲେ
- ଭାରତରେ କେବେ? : ଥରୁର



ୱାସିଂଟନ, ୨୨।୧୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ନ୍ୟୁୟର୍କ ସିଟିର ନବନିର୍ବାଚିତ ମେୟର ଜୋହରାନ ମମ୍‌ଦାନୀ ଶୁକ୍ରବାର ହ୍ୱାଇଟ୍ ହାଉସ୍‌ରେ ପ୍ରଥମଥର ପାଇଁ ପରସ୍ପରକୁ ସାକ୍ଷାତ କରିଛନ୍ତି। ଦୁଇ ନେତାଙ୍କ ମଧ୍ୟରେ ଏହି ସାକ୍ଷାତ ଆଲୋଚନା ଆମେରିକା ରାଜନୀତିରେ ଚର୍ଚ୍ଚାର କେନ୍ଦ୍ର ହୋଇଛି। କାରଣ ମେୟର ନିର୍ବାଚନ ବେଳେ ଦୁଇ ନେତା ପରସ୍ପରକୁ ଅତି କଡ଼ା ଭାଷାରେ ସମାଲୋଚନା କରିଥିଲେ। ଏପରିକି ପରସ୍ପର ବିରୋଧରେ ବିଷୋଦଗାର କରିବାକୁ ପଛାଇ ନଥିଲେ। ନିର୍ବାଚନ ପରେ ଏହି ଦୁଇ ନେତା ହ୍ୱାଇଟ୍ ହାଉସରେ ଏକାଠି ହୋଇ ସାକ୍ଷାତ ଆଲୋଚନା କରିବା ଏବଂ ଆଲୋଚନା ବେଳେ ପରିବେଶ ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ରହିବା ଘଟଣା ଦେଶବାସୀଙ୍କୁ ଆଶ୍ୱସ୍ତ କରିଛି। ସାକ୍ଷାତ ଆଲୋଚନା ପରେ ଉଭୟ ଟ୍ରମ୍ପ ଏବଂ ମମଦାନୀ ଗଣମାଧ୍ୟର ସାମନା ମଧ୍ୟ କରିଛନ୍ତି। ସେମାନଙ୍କ ମଧ୍ୟରେ ଆଲୋଚନା ଫଳପ୍ରଦ ରହିଥିବା ଦୁଇ ନେତା କହିଛନ୍ତି। ତେବେ ଜଣେ ସମ୍ବାଦିକ ମମ୍‌ଦାନୀଙ୍କୁ ଏମିତି ଏକ ପ୍ରଶ୍ନ ପଚାରିଥିଲେ, ଯାହାକି ଟିକିଏ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା। କିନ୍ତୁ ଟ୍ରମ୍ପ ଏହାର ଏମିତି ଉତ୍ତର ଦେଲେ ଯେ ଗଣମାଧ୍ୟମ ପ୍ରତିନିଧି ଆଚମ୍ବିତ ହୋଇପଡ଼ିଥିଲେ। ମମଦାନୀଙ୍କୁ ସାମ୍ବାଦିକଙ୍କ ପ୍ରଶ୍ନ ଥିଲା-ଆପଣ ଟ୍ରମ୍ପଙ୍କୁ ଏକଛତ୍ରବାଦୀ ନେତା ବୋଲି ବିବେଚନା କରୁଛନ୍ତି କି? ମମଦାନୀଙ୍କୁ ସୁରକ୍ଷା ଦେବାକୁ ଯାଇ ଟ୍ରମ୍ପ ମମଦାନୀଙ୍କୁ କହିଥିଲେ ଯେ, ହଁ କହିଦିଅ, ମତେ କିଛି ଫରକ ପଡ଼ିବ ନାହିଁ। ସୂଚନାଯୋଗ୍ୟ ଯେ ନ୍ୟୁୟର୍କ ମେୟର ନିର୍ବାଚନ ସମୟରେ ଟ୍ରମ୍ପ ମମ୍‌ଦାନୀଙ୍କୁ କମ୍ୟୁନିଷ୍ଟ ପାଗଳ ଓ ଜିହାଦୀ ବୋଲି କହିଥିଲେ। ସେହିପରି ମମ୍‌ଦାନୀ ଟ୍ରମ୍ପଙ୍କୁ ଏକଛତ୍ରବାଦୀ ଓ ଫାସିଷ୍ଟ ବୋଲି କହିଥିଲେ। ତେବେ ବର୍ତ୍ତମାନ ମମ୍‌ଦାନୀଙ୍କୁ ମୁଁ ଜିହାଦୀ ବୋଲି ମାନୁନାହିଁ ବୋଲି ଟ୍ରମ୍ପ କହିଥିଲେ। ନ୍ୟୁୟର୍କ ପୁଣି ସୁନ୍ଦର ହେବା ଆବଶ୍ୟକ। ତେଣୁ ନ୍ୟୁୟର୍କକୁ ପୁଣି ସୁନ୍ଦର କରିବା ସହ ଏହାର ବିକାଶ କରିବା ଦିଗରେ ମମ୍‌ଦାନୀ କାର୍ଯ୍ୟ କଲେ ଅଧିକ ଖୁସି ହେବି ବୋଲି ଟ୍ରମ୍ପ କହିଥିଲେ। ସେହିପରି ଟ୍ରମ୍ପଙ୍କ ସହ ସାକ୍ଷାତକୁ ବହୁତ ଫଳପ୍ରଦ ବୋଲି ମମ୍‌ଦାନୀ କହିଛନ୍ତି।

ଟ୍ରମ୍ପ ଓ ମମ୍‌ଦାନୀଙ୍କ ସାକ୍ଷାତକୁ କଂଗ୍ରେସ ସାଂସଦ ଶଶୀ ଥରୁର ପ୍ରଶଂସା କରିଛନ୍ତି। ସେ ମଧ୍ୟ ଏହାର ଭିଡିଓ ସେୟାର କରିଛନ୍ତି। ଗଣତନ୍ତ୍ରରେ ଏହି ଭଳି କାର୍ଯ୍ୟ କରିବା ଉଚିତ ବୋଲି ସେ କହିଛନ୍ତି। ନିର୍ବାଚନରେ ନିଜର ବିଚାରଧାରା ସହ ପୂରା ଶକ୍ତି ଓ ସାମର୍ଥ୍ୟ ଖଟାଇ ଲଢିବା ଉଚିତ। କିନ୍ତୁ ନିର୍ବାଚନ ସରିଲେ ଦେଶହିତ ପାଇଁ ସାଥୀ ହୋଇ କାର୍ଯ୍ୟ କରିବା ଉଚିତ। ଭାରତରେ ମଧ୍ୟ ଏଭଳି ପରିବେଶ ସୃଷ୍ଟି ହେଉ ବୋଲି ଥରୁର କହିଛନ୍ତି। ଥରୁରଙ୍କ ଏହି ମନ୍ତବ୍ୟକୁ ବିଜେପି ପ୍ରଶଂସା କରିଛି।

## ଆତଙ୍କବାଦ-ନିଶା ଚାଲାଣ ମେଣ୍ଟ ଭଙ୍ଗାଯାଉ



ଜୋହାନ୍ସବର୍ଗ, ୨୨।୧୧ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀରେ ଯୋଗଦେଇ ବିଶ୍ୱ ସମ୍ମୁଖୀନ ହେଉଥିବା ଆହ୍ୱାନର ମୁକାବିଲା ପାଇଁ ଭାରତର ଆଭିମୁଖ୍ୟ ରଖିଛନ୍ତି।। ଆତଙ୍କବାଦ ଓ ନିଶା କାରବାର ବିରୋଧେରେ ବିଶ୍ୱ ଏକାଠି ହେବାକୁ ସେ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ ସାରା ବିଶ୍ୱରେ ସିନ୍ଥେଟିକ୍ ଡ୍ରଗ୍ସ ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଏହା କେବଳ ସ୍ୱାସ୍ଥ୍ୟ ପାଇଁ ବିପଦ ନୁହେଁ, ସାମାଜିକ ସ୍ଥିରତା ଓ ସୁରକ୍ଷା ପ୍ରତି ସବୁଠାରୁ ବଡ଼ ବିପଦ। ଏଭଳି ନିଶା କାରବାର ବିଶ୍ୱରେ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଇବାରେ ସହାୟକ ହେଉଛି। ନିଶା କାରବାର ଏବଂ ଆତଙ୍କବାଦର ଏହି ନେଟୱାର୍କକୁ ଧ୍ୱଂସ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଏହା ସହିତ ପ୍ରଧାନମନ୍ତ୍ରୀ ମୋଦୀ ଆଉ ତିନିଟି ନୂଆ ପ୍ରସ୍ତାବ ଦେଇଛନ୍ତି। ଏଥିରେ ଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଏବଂ ସ୍ୱାସ୍ଥ୍ୟ ସେବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରିବାକୁ ପ୍ରସ୍ତାବ ରହିଛି। ଏହା ସାମୂହିକ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ଲକ୍ଷ୍ୟ ହାସଲରେ ସହାୟକ ହେବ ବୋଲି ମୋଦୀ କହିଛନ୍ତି।

ଏହି ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଚୀନ୍

- ଜି-୨୦ ସମ୍ମିଳନୀରେ ମୋଦୀ ଦେଲେ ପ୍ରସ୍ତାବ

ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମର ପୁଟିନ ସାମିଲ ହୋଇନାହାନ୍ତି। ଜିନପିଙ୍ଗ ଅସୁସ୍ଥତା କାରଣରୁ ଆସିପାରିନଥିବା ବେଳେ ପୁଟିନ ଗିରଫ ଭୟରେ ଆସି ନାହାନ୍ତି। ସେହିପରି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ସମ୍ମିଳନୀକୁ ବର୍ଜନ କରିଛନ୍ତି। ଆସନ୍ତା ବର୍ଷ ପାଇଁ ଆମେରିକାକୁ ଜି-୨୦ର ଅଧକ୍ଷତା ମିଳିବାର ଥିଲା। କିନ୍ତୁ ଆମେରିକାର କୌଣସି ପ୍ରତିନିଧି ଆଜି ଏଥିରେ ସାମିଲ ହୋଇ ନାହାନ୍ତି। ତେଣୁ ଆୟୋଜକ ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ରାମଫୋସା 'ଖାଲି ଚୌକି'କୁ ଅଧ୍ୟକ୍ଷତା ପ୍ରଦାନ କରିବେ ବୋଲି କହିଛନ୍ତି। ଟ୍ରମ୍ପଙ୍କ ଅନୁପସ୍ଥିତି ସତ୍ତ୍ୱେ ଅନ୍ୟ ଦେଶ ଦକ୍ଷିଣ ଆଫ୍ରିକା ପ୍ରସ୍ତୁତ କରିଥିବା ଘୋଷଣାପତ୍ରକୁ ମଞ୍ଜୁରି ଦେଇଛନ୍ତି।

## ପାକିସ୍ତାନ ଦେଇ ଆସୁଛି ଚୀନ-ତୁର୍କୀ ନିର୍ମିତ ଅସ୍ତ୍ରଶସ୍ତ୍ର

- ପଞ୍ଜାବ ଗ୍ୟାଙ୍ଗର ପର୍ଦ୍ଦାଫାସ୍

ନୂଆଦିଲ୍ଲୀ, ୨୨।୧୧ (ଏଜେନ୍ସି): ଦିଲ୍ଲୀ ପୁଲିସ ଶନିବାର ଏକ ବଡ଼ଧରଣର ବେଆଇନ ଅସ୍ତ୍ରଶସ୍ତ୍ର କାରବାର କରୁଥିବା ଅନ୍ତର୍ଜାତୀୟ ର୍ୟାକେଟର ପର୍ଦ୍ଦାଫାସ ହୋଇଛି। ଏହି ନେଟୱର୍କରେ ପାକିସ୍ତାନୀ ଗୁଇନ୍ଦା ଏଜେନ୍ସି ଆଇଏସଆଇ ସାମିଲ ରହିଛି। ଚୀନ୍, ତୁର୍କୀରୁ ଅସ୍ତ୍ରଶସ୍ତ୍ର ଅଣାଯାଇ ପାକିସ୍ତାନରୁ ଭାରତ ପଠା ଯାଉଥିଲା। ଏଥିପାଇଁ ଡ୍ରୋନ ବ୍ୟବହାର କରାଯାଉଥିଲା। ଏହି ମାମଲାରେ ଦିଲ୍ଲୀ ପୁଲିସ ଚାରି ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ପଞ୍ଜାବର ୱାଣ୍ଟେଡ ଅପରାଧୀ ମନଦୀପ ସାମିଲ ରହିଛି। ଉତ୍ତର ପ୍ରଦେଶର ତାର ଦୁଇ ସହଯୋଗୀ ରୋହନ ଏବଂ ମନୁକୁ ମଧ୍ୟ ଧରାଯାଇଛି। ପୁଲିସ ୧୦ ମହଙ୍ଗା ବିଦେଶୀ ପିସ୍ତଲ ଏବଂ ୯୨ ଜୀବନ କ୍ୟାଟ୍ରିଜ ଜବତ କରିଛି। ସୋନୁ ଖତ୍ରି ଗ୍ୟାଙ୍ଗ ସହ ସାମିଲ ମନଦୀପ ବିରୋଧରେ ହତ୍ୟା ସହିତ ଅନେକ ମାମଲା ରହିଛି। ତଦନ୍ତରୁ ଜଣାପଡ଼ିଛି ଯେ ପାକିସ୍ତାନରୁ ଡ୍ରୋନ ମାଧ୍ୟମରେ ଭାରତକୁ ଅସ୍ତ୍ରଶସ୍ତ୍ର ଅଣାଯାଇ ଥିଲା। ଏହା ଜଣା ନ ପଡ଼ିବା ଲାଗି କାର୍ବନ ପେପର ବ୍ୟବହାର କରାଯାଉଥିଲା। ପରେ ଏହାକୁ ଦିଲ୍ଲୀ ଏବଂ ଅନ୍ୟ ସ୍ଥାନକୁ ପଠା ଯାଉଥିଲା। ଏହା ଅପରାଧୀଙ୍କୁ ଯୋଗା ଯାଉଥିଲା। ଏବେ ଭାରତକୁ କେତେ ଅସ୍ତ୍ରଶସ୍ତ୍ର ଆସିଛି ଏବଂ କାହାକୁ ବିକାଯାଇଛି ତାହା ଜାଣିବା ପାଇଁ ଦିଲ୍ଲୀ ପୁଲିସ ପ୍ରୟାସ କରୁଛି। ଜନପ୍ରୀତ ଓରଫ ଜସା ଏହି ନେଟୱର୍କର ମୁଖ୍ୟ କାର୍ପଟଦାର ବୋଲି କୁହାଯାଉଛି। ସେ ଆମେରିକାରେ ରହି ପାକିସ୍ତାନୀ ଚୋରାଚାଲାଣକାରୀଙ୍କ ମାଧ୍ୟମରେ ଏହି ନେଟୱର୍କ ଚଳାଉ ଥିଲା।

## ୨୧୫ ଛାତ୍ରଙ୍କୁ ଅପହରଣ




ଅବୁଜା, ୨୨।୧୧(ଏଜେନ୍ସି): ନାଇଜେରିଆ ସ୍କୁଲ୍‌ରେ ପୁଣି ଏକ ଅପହରଣ କାଣ୍ଡ ଘଟିଛି। ଏକ କ୍ୟାଥେଲିକ୍ ବୋର୍ଡିଂ ସ୍କୁଲ୍‌ରେ କେତେଜକ ଅଜଣା ବନ୍ଧୁକଧାରୀ ଲୋକ ୨୨୦ରୁ ଊର୍ଦ୍ଧ୍ୱ ଛାତ୍ରଙ୍କୁ ଅପହରଣ କରିଛନ୍ତି। ଖ୍ରୀଷ୍ଟିଆନ୍ ଆସୋସିଏସନ ଅଫ୍ ନାଇଜେରିଆ (ସିଏଏନ୍) ତରଫରୁ କୁହାଯାଇଛି ଯେ, ସ୍କୁଲ୍‌ରୁ ୨୨୭ ଜଣ ଲୋକଙ୍କୁ ଅପହରଣ କରାଯାଇଛି। ଏମାନଙ୍କ ମଧ୍ୟରେ ୨୧୫ ଜଣ ଛାତ୍ର ଓ ୧୨ ଜଣ ଶିକ୍ଷକ ସାମିଲ ରହିଛନ୍ତି। ବନ୍ଧୁକଧାରୀମାନେ ସ୍କୁଲ୍‌ରେ ଧସେଇ ପସିବା ସହ ଛାତ୍ର, ଶିକ୍ଷକ ଓ ଜଣେ ସୁରକ୍ଷାକର୍ମୀଙ୍କୁ ଉଠାଇ ନେଇଥିଲେ। ସୁରକ୍ଷାକର୍ମୀଙ୍କୁ ସେମାନେ ଗୁଳି ମଧ୍ୟ ମାରିଥିଲେ। କିଛି ଛାତ୍ର ଦୌଡ଼ି ପଳାଇବା ସହ ନିଜକୁ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ। ଏବେ ଏହି ସ୍କୁଲ୍‌କୁ ବନ୍ଦ କରାଯାଇଛି। ପିତାମାତା ନିଜ ପିଲାଙ୍କୁ ଘରକୁ ନେବା ପାଇଁ ସ୍କୁଲ୍‌ରେ ପହଞ୍ଚିଛନ୍ତି। ଶୁକ୍ରବାର ସକାଳେ ନାଇଜର ରାଜ୍ୟର ଅଗୱାରା ଜିଲ୍ଲାରେ ପାପରି କମ୍ୟୁନିଟିସ୍ଥିତ ସେଣ୍ଟ ମେରୀ ସ୍କୁଲରେ ଏହି ଘଟଣା ଘଟିଥିଲା। ଭୋରରୁ ଏହି ଘଟଣା ଘଟିଥିଲା ବୋଲି ପୁଲିସ କହିଛି। ନିଜ ପିଲାଙ୍କୁ ଖୋଜି ପାଉ ନଥିବାରୁ ପିତାମାତା ଆତଙ୍କିତ ଅବସ୍ଥାରେ ଅଛନ୍ତି। ଏହାର କିଛିଦିନ ପୂର୍ବରୁ ନାଇଜେରିଆର ଉତ୍ତର ପଶ୍ଚିମ ରାଜ୍ୟର କେବି ଜିଲ୍ଲାରେ ଏକ ସେକେଣ୍ଡାରୀ ସ୍କୁଲ୍‌ରେ ପଶି ୨୫ ଜଣ ଛାତ୍ରୀଙ୍କୁ ଅପହରଣ କରିଥିଲେ। ଏମାନଙ୍କ ମଧ୍ୟରୁ ଜଣେ ଖସିଆସିଥିବା ବେଳେ ବାକି ୨୪ଜଣ ଛାତ୍ର ଏବେ ମଧ୍ୟ ନିଖୋଜ ଅଛନ୍ତି।

## ଏଟିଏମ୍ ଭ୍ୟାନରୁ ୭ କୋଟି ଲୁଟ୍‌ରେ ପୁଲିସ

ବେଙ୍ଗାଲୁରୁ, ୨୨।୧୧(ଏଜେନ୍ସି): କିଛିଦିନ ତଳେ ବେଙ୍ଗାଲୁରୁରେ ଏଟିଏମ୍ ଭ୍ୟାନ୍‌ରୁ ୭.୧୧ କୋଟି ଟଙ୍କା ଲୁଟ୍ ନେଇ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲା। ଏବେ ପୁଲିସ ଏହି ମାମଲାର ପର୍ଦ୍ଦାଫାସ୍ କରିଛି। ପୁଲିସ ଜଣେ କାର୍ଯ୍ୟରତ କନଷ୍ଟେବଲଙ୍କ ସହିତ କମ୍ପାନୀ ପୂର୍ବତନ କର୍ମଚାରୀଙ୍କ ସହ ମୋଟ୍ ୩ ଜଣଙ୍କୁ ଗିରଫ କରିଛି। ଏମାନଙ୍କଠାରୁ ୫.୭୬ କୋଟିର ନଗଦ ଟଙ୍କା ଜବତ କରାଯାଇଛି। କମ୍ପାନୀର ଜଣେ ପୂର୍ବତନ କର୍ମଚାରୀ ଭ୍ୟାନର ଇନଚାର୍ଜ ତଥା ଗୋବିନ୍ଦପୁର ପୁଲିସ ଥାନାରେ ନିୟୋଜିତ କନଷ୍ଟେବଲଙ୍କ ସହ ସାଥି ହୋଇ ଲୁଟ୍ ଷଡଯନ୍ତ୍ର ରଚିଥିଲେ। ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି ପୁଲିସ କମିଶନର ସିମନ୍ତ କୁମାର ସିଂ କହିଛନ୍ତି। ୭.୧୧ରୁ ଏମାନଙ୍କଠାରୁ ୫.୭୬ କୋଟି ଟଙ୍କା ଜବତ କରାଯାଇଛି ବୋଲି ସେ କହିଛନ୍ତି। ଏମାନେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ଓ ଆୟକର ଅଧିକାରୀ ଭାବେ ନିଜର ପରିଚୟ ଦେଇ ଲୁଟ୍ କରିଥିଲେ। ଗତ ବୁଧବାର ଦ୍ୱିପହର ପାଖାପାଖି ୧୨ଟା ବେଳେ ଦକ୍ଷିଣ ବେଙ୍ଗାଲୁରୁର ଏକ ବ୍ୟସ୍ତବହୁଳ ଫ୍ଲାଏ ଓଭର ବ୍ରିଜ୍‌ରେ ହିଁ ଏହି କାଣ୍ଡ ଘଟାଯାଇଥିଲା। ସିଏମ୍‌ଏସ୍ ଇନଫୋ ସିଷ୍ଟମ ନାମକ ଏକ କମ୍ପାନୀର ଏହି କ୍ୟାଶ ଭ୍ୟାନକୁ ଜେପି ନଗରର ଏଚ୍‌ଡିଏଫ୍‌ସି ବ୍ୟାଙ୍କରୁ ୨୨ କିମି ଦୂରରେ ଥିବା ଏସ୍‌ବିଆଇ ଲେଟ୍‌ଆଉଟ୍‌କୁ ନିଆଯାଉଥିବା ବେଳେ ଏହି କାଣ୍ଡ ଘଟିଥିଲା। ଏହି ମାମଲାରେ ୧୧ ଟିମ୍‌ରେ ୨୦୦ ପୁଲିସକର୍ମୀ ଅପରାଧୀଙ୍କୁ ଖୋଜୁଥିଲେ।

# ଶେଷରେ ମୁହଁ ଖୋଲିଲେ ଜଗଦୀପ ଧନଖଡ଼

**ଇସ୍ତଫା କାରଣ ପଚାରିବାରୁ ହାତ ଯୋଡ଼ିଦେଲେ**



ଭୋପାଳ, ୨୨।୧୧ (ଏଜେନ୍ସି): ଅଚାନକ ନିଜ ପଦରୁ ଇସ୍ତଫା ଦେଇଥିବା ପୂର୍ବତନ ଉପ-ରାଷ୍ଟ୍ରପତି ଜଗଦୀପ ଧନଖଡ଼ ଦୀର୍ଘ ଦିନ ପରେ ମୁହଁ ଖୋଲିଛନ୍ତି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଅଖିଳ ଭାରତୀୟ କାର୍ଯ୍ୟକାରିଣୀ ସଦସ୍ୟ ଡ. ମନମୋହନ ବୈଦ୍ୟଙ୍କ ପୁସ୍ତକ 'ହମ୍ ଔର ୟହ ବିଶ୍ୱ' ଉନ୍ମୋଚନ କାର୍ଯ୍ୟକ୍ରମରେ ସାମିଲ ହୋଇ 'ଚେଇଁ ଶୋଇଥିବ ଯିଏ ତାକୁ ଉଠାଇବ କିଏ' ବୋଲି କହିଛନ୍ତି। ଗତକାଲି ସନ୍ଧ୍ୟାରେ ସେ ଦେଇଥିବା ଏଭଳି ଟିପ୍ପଣୀକୁ ନେଇ ରାଜନୀତି ସରଗରମ ହୋଇ ଉଠିଛି। ଇସ୍ତଫାର କାରଣ ପଚାରିବାରୁ ସେ ଏଭଳି ମନ୍ତବ୍ୟ କାହିଁକି ଓ କାହା ଉଦ୍ଦେଶ୍ୟରେ ଦେଲେ ତାହାକୁ ନେଇ ପ୍ରଶ୍ନ ଉଠିଲାଣି।

ଧନଖଡ଼ କହିଥିଲେ ଯେ 'ଭଗବାନ କୃପାରୁ କେହି ଅପପ୍ରଚାରର ଶିକାର ହୋଇ ନ ଫସନ୍ତୁ। ଯିଏ କିଛି ବୁଝିବାକୁ ଚାହେଁ ନାହିଁ, ଯେତେ ବୁଝାଇଲେ ବି ସେ ଅର୍ଥକୁ ଅନର୍ଥ କରିବ। ଯିଏ ଶୋଇ ରହିଛି ତାକୁ ନିଦରୁ ଉଠାଇ ହେବ, କିନ୍ତୁ ଯିଏ ଚେଇଁ କି ଶୋଇଛି ତାକୁ କେହି ଉଠାଇ ପାରିବେ ନାହିଁ।' ତେବେ କାର୍ଯ୍ୟକ୍ରମ ଶେଷରେ ଉପ-ରାଷ୍ଟ୍ରପତି ପଦରୁ ଇସ୍ତଫା ଦେବାର କାରଣ ପଚାରିବାରୁ ସେ ହାତ ଯୋଡ଼ି ଦେଇଥିଲେ। ଧନଖଡ଼ କିଛି ନ କହି ଗାଡ଼ିରେ ବସି ଚାଲି ଯାଇଥିଲେ।

ସମ୍ବୋଧନରେ ପୂର୍ବତନ ଉପ-ରାଷ୍ଟ୍ରପତି କହିଥିଲେ ଯେ ବହୁତ ବିଚାରବିମର୍ଶ ପରେ ଏବେ ଇଂରାଜୀରେ ସମ୍ବୋଧନ କରିବାକୁ ନିଷ୍ପତ୍ତି ନେଇଛି। କାରଣ ଯିଏ ବୁଝିବାକୁ ଚାହେଁ ନାହିଁ, ସେ କଥାର ଭୁଲ୍ ଅର୍ଥ ବାହାର କରିବା ନିଶ୍ଚିତ। ରାଷ୍ଟ୍ରର ବ୍ୟାପକ ଅବଧାରଣାକୁ ସୀମିତ କରିଦିଆଯାଇଛି। ବ୍ୟକ୍ତି ଏକାକୀ ଲଢ଼ିପାରିବ ନାହିଁ, କିନ୍ତୁ ସଂସ୍ଥା ଲଢ଼ି ପାରିବ। ଯିଏ ଚେଇଁ କି ଶୋଇଛି ବଳ ପ୍ରୟୋଗ କଲେ ବି ସେ ଉଠି ପାରିବ ନାହିଁ। ଏହି ସମ୍ବୋଧନ ସମୟରେ ଜଣେ ସହଯୋଗୀ ବିମାନ ସମୟ ହୋଇଗଲାଣି କହିବାରୁ ଧନଖଡ଼ କହିଥିଲେ ଯେ ବିମାନ ପାଇଁ ମୁଁ କର୍ତ୍ତବ୍ୟକୁ ଛାଡ଼ିପାରିବି ନାହିଁ। କିଛି ଲୋକ ବଡ଼ ହଇଚଇ ସ୍ଥିତି ସୃଷ୍ଟି କରିଛନ୍ତି। ଆହ୍ୱାନ ମଧ୍ୟରେ ନିଜକୁ ମଜଭୁତ ରଖ। ଦେଶଭକ୍ତି ସବୁଠୁ ଜରୁରୀ। ଦେଶ ପ୍ରତି ନିଜ କର୍ତ୍ତବ୍ୟକୁ ଜାଣ ଏବଂ ଦେଶହିତରେ କାମ କର। ଏହା ହିଁ ଦେଶଭକ୍ତି। କୌଣସି କଥାକୁ ନ ବୁଝି ତାହାର ଅପ୍ରପଚାରରେ ସାମିଲ ହୁଅ ନାହିଁ। ପ୍ରଥମେ କଥାକୁ ଭଲ ଭାବେ ବୁଝ।

ସୂଚନାଯୋଗ୍ୟ, ନିଜ କାର୍ଯ୍ୟକାଳ ସରିବା ପୂର୍ବରୁ ଗତ ଜୁଲାଇ ୨୧ରେ ଧନଖଡ଼ ଉପ-ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ। ଏହାକୁ ନେଇ ସେତେବେଳେ ଅନେକ ଚର୍ଚ୍ଚା ହୋଇଥିଲା। ସରକାରଙ୍କ ସହ ବିବାଦ କାରଣରୁ ତାଙ୍କୁ ଇସ୍ତଫା ଦେବାକୁ ପଡ଼ିଥିବା କୁହାଯାଇଥିଲା। ତେବେ ସେ ଇସ୍ତଫାର କାରଣରେ ସ୍ୱାସ୍ଥ୍ୟ ସମସ୍ୟା ବୋଲି ଉଲ୍ଲେଖ କରିଥିଲେ।

ଅନ୍ୟପଟେ ବିମାନବନ୍ଦରରେ ଧନଖଡ଼ଙ୍କୁ ଉପଯୁକ୍ତ ସମ୍ମାନ ଦେଇ ନ ଥିବାରୁ ଏହି କାର୍ଯ୍ୟକ୍ରମରେ ସାମିଲ ଦିଗବିଜୟ ସିଂହ ବିଜେପି ସରକାରଙ୍କୁ ନିନ୍ଦା କରିଛନ୍ତି। 'ବ୍ୟବହାର କର ଏବଂ ଫୋପାଡ଼' ବିଜେପିର ନୀତି ବୋଲି ଦିଗବିଜୟ କହିଛନ୍ତି।

## ଏସ୍‌ଆଇଆର୍ ଚାପ : ପଶ୍ଚିମବଙ୍ଗରେ ଆଉ ଜଣେ ବିଏଲ୍‌ଓ ମୃତ

କୋଲକାତା, ୨୨।୧୧(ଏଜେନ୍ସି): ସ୍ପେଶାଲ ଇନଟେନସିଭ ରିଭିଜନ (ଏସ୍‌ଆଇଆର୍) ଚାପ କାରଣରୁ ପଶ୍ଚିମବଙ୍ଗରେ ଆଉ ଜଣେ ଶିକ୍ଷୟିତ୍ରୀ ତଥା ବ୍ଲକ ଲିବେଲ ଅଫିସର (ବିଏଲ୍‌ଓ) ମୃତ୍ୟୁବରଣ କରିଛନ୍ତି। ଏସ୍‌ଆଇଆର ପ୍ରକ୍ରିୟା ଚାଲିଥିବାରୁ ସେ ପ୍ରବଳ ଚାପରେ ଥିଲେ ଓ ଏଥିପାଇଁ ସେ ଜୀବନ ହରାଇଛନ୍ତି ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି। ଏହି ଶିକ୍ଷୟିତ୍ରୀ ହେଉଛନ୍ତି ୫୪ ବର୍ଷୀୟା ରିଙ୍କୁ ତରଫଦାର। ସେ ବେଙ୍ଗଲି ସ୍ୱାମୀ ବିବେକାନନ୍ଦ ସ୍କୁଲ୍‌ରେ ଶିକ୍ଷୟିତ୍ରୀ ଥିଲେ। କ୍ରିଷ୍ଣାନଗର ବାସଭବନରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ପ୍ରକୋଷ୍ଠରୁ ଏକ ନୋଟ୍ ଉଦ୍ଧାର କରାଯାଇଛି। ଯଦି ବିଏଲ୍‌ଓ ଭାବେ କାର୍ଯ୍ୟ ସମ୍ପାଦନ ନ କରିପାରିବି, ତେବେ ପ୍ରଶାସନ ତରଫରୁ ମୋ ଉପରେ ଚାପ ବୃଦ୍ଧି ପାଇବ ବୋଲି ଏହି ନୋଟ୍‌ରେ ଲେଖାଯାଇଛି। ବିଏଲ୍‌ଓ ଭାବେ ଦାୟିତ୍ୱ ନେବା ପରେ ତାଙ୍କ ଉପରେ ପ୍ରବଳ ମାନସିକ ଚାପ ଥିଲା ବୋଲି ରିଙ୍କୁଙ୍କ ଦିଅର କହିଛନ୍ତି।। ଗୁଜରାଟରେ ମଧ୍ୟ ଆଜି ଆଉ ଜଣେ ବିଏଲ୍‌ଓଙ୍କ ଏହି କାରଣରୁ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

# ଲଢ଼େଇରେ ଗଲା ଦନ୍ତା ଜୀବନ

ରାସଗୋବିନ୍ଦପୁର, ୨୨।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ରେଞ୍ଜ ଅଧୀନ ସାରୁମୂଳା ବିଟ୍‌ର ବେତନାସିଆ ସଂରକ୍ଷିତ ଜଙ୍ଗଲରୁ ଆଜି ଏକ ଦନ୍ତାହାତୀର ମୃତଦେହ ଠାବ ହୋଇଛି। ହାତୀଟିର ବୟସ ୧୦ରୁ ୧୨ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ଜଙ୍ଗଲକୁ ପତ୍ର ତୋଳିବାକୁ ଯାଇଥିବା କିଛି



ଲୋକଙ୍କଠାରୁ ଖବର ପାଇ ବାରିପଦା ଡିଏଫଓ ଗୋବିନ୍ଦଚନ୍ଦ୍ର ବିଶ୍ୱାଳ, ଏସ୍‌ସିଏଫ୍ ମେହେରବାନ ଅଲ୍ଲୀ, ଆରସିସିଏଫ ପ୍ରକାଶଚନ୍ଦ୍ର ଗୋଗିନେନି, ରାସଗୋବିନ୍ଦପୁର ରେଞ୍ଜର୍ ଘନଶ୍ୟାମ ସିଂ, ଫରେଷ୍ଟର୍ ମାଳତୀଲତା ସିଂ, ଗାର୍ଡ ଚିତ୍ତରଞ୍ଜନ ଜେନା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ଶୁକ୍ରବାର ଦନ୍ତାଟି ଅନ୍ୟ ଏକ ହାତୀ ସହ ଜଙ୍ଗଲରେ ଲଢ଼େଇ କରୁଥିବା ବନ ବିଭାଗ କର୍ମଚାରୀ ଦେଖିଥିବା କହିଛନ୍ତି। ପରସ୍ପର ଲଢ଼େଇରୁ ଦନ୍ତାର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ସୂଚନାଯୋଗ୍ୟ, ଶୁକ୍ରବାର ବାଙ୍କବଣରେ ୪୦ଟି ଝାଡ଼ଖଣ୍ଡୀ ହାତୀ ଥିବା ବେଳେ ସନ୍ଧ୍ୟାରେ ସାରମୂଳା ବିଟର ବେତନସିଆ ଜଙ୍ଗଲରେ ପ୍ରବେଶ କରିଥିଲେ।

# ଡାକ ଶୁଣିଲେ ମହାପ୍ରଭୁ!

## ନିସ୍ତେଜ ଶିଶୁର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର

ପୁରୀ, ୨୨।୧୧(ସମିସ): ଚଳିତ ମାସ ୯ ତାରିଖରେ ଶ୍ରୀମନ୍ଦିର ସିଂହଦ୍ୱାରରେ ଏକ ଭାବବିହ୍ୱଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ଜଣେ ବ୍ୟକ୍ତି ତାଙ୍କ ୫ବର୍ଷର ଅସୁସ୍ଥ ପୁଅକୁ ଦୁଇହାତରେ କୋଳେଇ ଆଣି ପହଞ୍ଚିଥିଲେ। ପୁଅ ନାକରେ ଖାଦ୍ୟନଳୀ ଲାଗିଥିଲା। ପୁଅକୁ ସିଂହଦ୍ୱାରରେ ଗଡ଼ାଇ ଭୋଭୋ ହୋଇ କାନ୍ଦି ପକାଇଥିଲେ। ବ୍ରେନ୍ ଷ୍ଟ୍ରୋକ୍‌ରେ ପୀଡ଼ିତ ପୁଅକୁ ପତିତପାବନଙ୍କ ନିକଟରେ ଗଡ଼ାଇ ଜୀବନ ଭିକ୍ଷା ମାଗିଥିଲେ। ଶ୍ରୀମନ୍ଦିର ସେବାୟତ ମହାପ୍ରଭୁଙ୍କ ଫୁଲ, ତୁଳସୀ ପ୍ରଦାନ କରିଥିଲେ। ବ୍ୟକ୍ତି ଜଣଙ୍କ ଏମିତି କାନ୍ଦୁଥିଲେ ଯେ ଶ୍ରଦ୍ଧାଳୁଙ୍କ ଆଖିରୁ ଲୁହ ଜକେଇ ଆସିଥିଲା। ସମସ୍ତେ ଆହା ପଦେ କହି କାଳିଆ ତୁ ନିରାଶ କରନା, ଜଣେ ଅସହାୟ ବାପାକୁ ଖାଲି ହାତରେ ଫେରାନା ବୋଲି କହୁଥିଲେ।

ଶେଷରେ ବ୍ୟକ୍ତିଜଣଙ୍କ ପୁଅକୁ କୋଳରେ ଧରି ବାଇଶିପାହାଚ ଚଢ଼ି ଶ୍ରୀମନ୍ଦିର ଭିତରକୁ ଯାଇଥିଲେ। ୧୩ ଦିନ ପରେ ପୁଣି ସେହି ବ୍ୟକ୍ତିଙ୍କୁ ସିଂହଦ୍ୱାର ନିକଟରେ ଦେଖିବାକୁ



ମିଳିଥିଲା। ସେଦିନ ନିସ୍ତେଜ ଥିବା ତାଙ୍କ ପୁଅଙ୍କ ସ୍ୱାସ୍ଥ୍ୟାବସ୍ଥାରେ ବେଶ୍ ସୁଧାର ଆସିଥିଲା। ସେ ହାତ ଗୋଡ଼ ହଲାଉଥିଲେ। ଆଉ ବ୍ୟକ୍ତି ଜଣଙ୍କ ଏଥିପାଇଁ ମହାପ୍ରଭୁଙ୍କୁ ଧନ୍ୟବାଦ ଦେବା ସହ 'ମୋ ପୁଅ ଉପରେ ଆପଣଙ୍କ କୃପା ଥାଉ ଶ୍ରୀଜଗନ୍ନାଥ' କହି କାନ୍ଦି ପକାଉଥିଲେ।

ଏହି ବ୍ୟକ୍ତିଜଣଙ୍କ ହେଉଛନ୍ତି, ରାଜସ୍ଥାନ ପାସ୍‌ୱାଡାର ନିଖିଲ ଭୋଇ। ତାଙ୍କ ୫ ବର୍ଷର ପୁଅର ମସ୍ତିଷ୍କାଘାତ ହେବା ପରେ ବିଭିନ୍ନ ଜାଗାରେ ଡାକ୍ତରଙ୍କୁ ଦେଖାଇଥିଲେ।

### ୧୩ ଦିନ ତଳେ ଶରଣ ପଶିଥିଲେ ବାପା

ହେଲେ କୌଣସି ସୁଫଳ ନମିଳିବାରୁ ଗତ ୯ ତାରିଖରେ ପୁରୀ ଆସି ମହାପ୍ରଭୁଙ୍କ ନିକଟରେ ନିଜ ପୁଅର ଜୀବନ ଭିକ୍ଷା କରିଥିଲେ। ଇତିମଧ୍ୟରେ ତାଙ୍କ ପୁଅ ଧୀରେଧୀରେ ସୁସ୍ଥ ହେଉଥିବା ଉପଲବ୍ଧି କରିବା ପରେ ଶନିବାର ନିଖିଲ ପୁଅକୁ ଧରି ପୁରୀରେ ପହଞ୍ଚିଥିଲେ। ମହାପ୍ରଭୁଙ୍କୁ ଧନ୍ୟବାଦ ଜଣାଇବା ସହ ପୁଅକୁ ଗଡ଼ାଇ ଶରଣ ପଶିଥିଲେ। ଆପଣଙ୍କ କୃପାରୁ ପୁଅ ଏବେ ସୁସ୍ଥ ହେଉଛି, ଏମିତି କୃପା ରଖିଥାନ୍ତୁ ପ୍ରଭୁ ଜଗନ୍ନାଥ କହି କାନ୍ଦି ପକାଇଥିଲେ ନିଖିଲ। ପୁରୀରେ ସେ ୧୦ଦିନ ରହି ମହାପ୍ରଭୁଙ୍କୁ ପ୍ରାର୍ଥନା କରିବେ ବୋଲି କହିଛନ୍ତି। ତେବେ ପୁଅର ଔଷଧ ଖର୍ଚ୍ଚ ବାବଦ ଆବଶ୍ୟକ ଅର୍ଥ ସହୃଦୟ ବ୍ୟକ୍ତିଙ୍କଠାରୁ ନିଖିଲ ମାଗୁଥିବା ମଧ୍ୟ ଦେଖିବାକୁ ମିଳିଥିଲା। ତେବେ କିଛି ସହୃଦୟ ବ୍ୟକ୍ତି ତାଙ୍କୁ ସହଯୋଗ କରିବା ସହ ଏ ସମ୍ପର୍କରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଇଥିଲେ। ସିଡିଏମ୍‌ଓ ଏକ ଆମ୍ବୁଲାନ୍ସ ପଠାଇ ତାଙ୍କୁ ହସ୍ପିଟାଲ ନେଇଛନ୍ତି। ମେଡିସିନ୍ ୱାର୍ଡରେ ତାଙ୍କ ପୁଅଙ୍କୁ ଆବଶ୍ୟକ ଚିକିତ୍ସା କରାଯାଉଥିବା ଜଣାପଡ଼ିଛି।

# ଦୁଇ ଗଣଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍

ଉଦଳା, ୨୨।୧୧ (ସମିସ): ଏକ ଗଣଦୁଷ୍କର୍ମ ମାମଲାର ଶୁଣାଣି କରି ଉଦଳା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ କୋର୍ଟ ଆଜି ଦୁଇଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଲେଖାଏଁ ଜେଲ୍ ଓ ୨୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୧ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ବିଚାରପତି ପ୍ରଦୀପ କୁମାର ବେହେରା ମାମଲାର ଶୁଣାଣି କରି ଉପରୋକ୍ତ ରାୟ ଶୁଣାଇଛନ୍ତି। ଆସାମୀଦ୍ୱୟ ହେଲେ, କପ୍ତିପଦା ଥାନା ଅନ୍ତର୍ଗତ ବୃନ୍ଦାଗଡ଼ି ଗ୍ରାମର ସାଗର ହାଁସଦା ଏବଂ ସୁରେନ୍ଦ୍ର ସୋରେନ୍।

ଅଭିଯୋଗ ଅନୁଯାୟୀ, ଗତ ୨୦ ଏପ୍ରିଲରେ ପୀଡ଼ିତାଙ୍କୁ ନିଶା ଖୁଆଇ ସାଗର ଓ ସୁରେନ୍ଦ୍ର ତାଙ୍କୁ ଦୁଷ୍କର୍ମ କରିଥିଲେ। ପରେ ଏ ସଂପର୍କରେ ଜଣାପଡ଼ିବା ପରେ ପରିବାରଲୋକେ ଉଦଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ପୀଡିତାଙ୍କ ବୟାନ ରେକର୍ଡ କରିଥିଲା। ଅଭିଯୋଗ ଆଧାରରେ ପୁଲିସ୍ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅତିରିକ୍ତ ପିପି ଲିଲେଶ କୁମାର ଜେନା ପରିଚାଳନା କରୁଥିଲେ।

# ଶଶୁର ଘର ଉପରେ ଜ୍ୱାଇଁର ବୋମାମାଡ଼

## ଖସିଗଲେ ଜ୍ୱାଇଁ; ୨ ସାଙ୍ଗଙ୍କୁ ମାଡ଼ିବସିଲେ ଗ୍ରାମବାସୀ

ଭଦ୍ରକ, ୨୨।୧୧(ସମିସ): ପ୍ରେମ ବିବାହ କରିଥିଲେ। କିଛି ଦିନ ଠିକ୍‌ଠାକ୍ ଚାଲିବା ପରେ ସମ୍ପର୍କରେ ଭଙ୍ଗା ପଡ଼ିଗଲା। କଥା ଏତେ ଆଗକୁ ଚାଲିଗଲା ଯେ ଦୁହିଁଙ୍କର ବିଚ୍ଛେଦ ହୋଇଗଲା। ଏଥିପାଇଁ ଶ୍ୱଶୁରଘର ଲୋକଙ୍କୁ ଦାୟୀ କରି ପ୍ରତିଶୋଧରେ ଜଳୁଥିବା ଜ୍ୱାଇଁ ୨ ସାଙ୍ଗଙ୍କ ମିଶି ଶଶୁର ଘର ଉପରକୁ ବୋମା ଫିଙ୍ଗିଲା। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ବାଂଶଡ଼ା ଥାନା କରଣପଲ୍ଲୀ ଅଞ୍ଚଳରେ।

ସୂଚନାନୁଯାୟୀ, ବନ୍ତ ଅଞ୍ଚଳର ପାଣ୍ଡୁଆ ଗ୍ରାମର ଶ୍ରୀଧର ନାୟକ କରଣପଲ୍ଲୀ ଗ୍ରାମର ରମେଶ ମହାଳିକଙ୍କ ଝିଅ ମାମୁନିଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର କିଛି ଦିନ ଠିକ୍‌ଠାକ୍ ଚାଲିବା ପରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମନାନ୍ତର ହୋଇଥିଲା। ପରେ କରଣପଲ୍ଲୀ ଅଞ୍ଚଳର ଭଦ୍ର ଲୋକଙ୍କ ଉପସ୍ଥିତିରେ ଦୁହିଁଙ୍କର ବିବାହ ବିଚ୍ଛେଦ ହୋଇଥିଲା। ବିଚ୍ଛେଦ ପରେ ଦୁହେଁ ନିଜ ନିଜ



ଘରେ ରହୁଥିଲେ। କିନ୍ତୁ ଶ୍ରୀଧର ଏହାକୁ ସହ୍ୟ କରିପାରିନଥିଲେ। ବିବାହ ବିଚ୍ଛେଦ ପାଇଁ ମାମୁନିଙ୍କ ବାପଘରଲୋକଙ୍କୁ ସେ ଦାୟୀ କରି ପ୍ରତିଶୋଧ ନେବାକୁ ମୌକା ଖୋଜୁଥିଲେ। ଗତକାଲି ବିଳମ୍ବିତ ରାତିରେ ଦୁଇ ସାଙ୍ଗ, ଅଶୋକ ଦାସ ଓ କିଶୋର ନାୟକଙ୍କ ସହ ସେ କରଣପଲ୍ଲୀର ପହଞ୍ଚିଥିଲେ। ସେଠାରେ ସେମାନେ ରମେଶଙ୍କ ଘର ଉପରକୁ ବୋମାମାଡ଼ କରିଥିଲେ। ଏଥିରେ ରମେଶଙ୍କ ଆଜବେଷ୍ଟସ୍ ଘରର କିଛି ଅଂଶ ଭାଙ୍ଗିଯାଇଥିଲା। ଅପରପକ୍ଷେ, ବୋମାମାଡ଼ ଶବ୍ଦରେ ଗ୍ରାମବାସୀ ଉଠିପଡ଼ିଥିଲେ ଓ ଖସି ପଳାଉଥିବା ୩ଜଣଙ୍କ ମଧ୍ୟରୁ ଦୁଇ ସାଙ୍ଗଙ୍କୁ ମାଡ଼ି ବସିଥିଲେ। କିନ୍ତୁ ଶ୍ରୀଧର ଖସି ପଳାଇଥିଲେ। ଗ୍ରାମବାସୀଙ୍କଠାରୁ ଖବର ପାଇ ବାଂଶଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶ୍ରୀଧରଙ୍କ ୨ ସାଙ୍ଗଙ୍କୁ ଥାନାକୁ ନେଇ ଅଟକ ରଖିଛି। ରମେଶଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ମହାଳିକଙ୍କ ଲିଖିତ ଅଭିଯୋଗ ପରେ ତଦନ୍ତ ଚାଲିଛି।

# ଆତ୍ମସମର୍ପଣ କଲେ ୩୭ ମାଓବାଦୀ




ମାଲକାନଗିରି,୨୨।୧୧(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନାରେ ୩୭ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ଛତିଶଗଡ଼ ମାଓ ସଂଗଠନର ଦୁଇଜଣ ଟପ୍ ମାଓନେତା ତଥା ମାଓବାଦୀଙ୍କ କେନ୍ଦ୍ରୀୟ କମିଟି ସଦସ୍ୟ କୋୟାଡା ସାମ୍ବାଇ ଓରଫ ଆଜାଦ୍ ଏବଂ ଆପ୍ପାସି ନାରାୟଣ ଓରଫ ରମେଶ ରହିଛନ୍ତି। ସେହିପରି, ୩ଜଣ ଷ୍ଟେଟ୍ କମିଟି ସଦସ୍ୟ, ୩ଜଣ ଡିଭିସିଏମ ମେମ୍ବର, ୯ଜଣ ଏରିଆ କମିଟି ମେମ୍ବର ଓ ୨୨ଜଣ ପାର୍ଟି ମେମ୍ବର ଅଛନ୍ତି। ଏମାନେ ତେଲେଙ୍ଗାନା ଡିଜିପିଙ୍କ ନିକଟରେ ଏହି ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଦୁଇଜଣ ଆନ୍ଧ୍ର କ୍ୟାଡର୍‌ଙ୍କୁ ଛାଡ଼ିଦେଲେ ବାକି ସମସ୍ତ ମାଓବାଦୀ ହେଉଛନ୍ତି ଛତିଶଗଡ଼ ବିଜାପୁର ଓ ସୁକୁମା ଜିଲ୍ଲାର। ଏମାନେ ସମସ୍ତେ ଟପ୍ ମାଓନେତା ହିଡ଼ମାଙ୍କୁ ସହଯୋଗ କରୁଥିଲେ ବୋଲି ତେଲେଙ୍ଗାନା ଡିଜିପି କହିଛନ୍ତି। ହିଡମାଙ୍କ ଏନ୍‌କାଉଣ୍ଟର୍ ପରେ ଭୟଭୀତ ହୋଇ ସମସ୍ତେ ତେଲେଙ୍ଗାନା ଯାଇ ପୁଲିସ ପାଖରେ ଆତ୍ମସମର୍ପଣ କରିଥିବା ନେଇ ସୂଚନା ଦେଇଛନ୍ତି ମାଓବାଦୀ କେନ୍ଦ୍ରୀୟ କମିଟି ସଦସ୍ୟ ଆଜାଦ୍। ଏମାନଙ୍କଠାରୁ ମୋଟ ୮ଟି ବନ୍ଧୁକ ଜବତ କରାଯାଇଛି।

### ପୁଣି ଜନନୀ ଯନ୍ତ୍ରଣା

# ଖଟରେ ବୁହା ହେବା ବେଳେ ସନ୍ତାନ ପ୍ରସବ

ଶରତ, ୨୨।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ୍ ଅନ୍ତର୍ଗତ ପଦ୍ମପୋଖରୀ ପଞ୍ଚାୟତ ଧନାସାହିରୁ ଜନନୀ



ଯନ୍ତ୍ରଣାର ଆଉ ଏକ ଚିତ୍ର ସାମ୍ନାକୁ ଆସିଛି। ଗର୍ଭବତୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟକୁ ନେବା ବେଳେ ବାଟରେ ମହିଳାଜଣଙ୍କ ପ୍ରସବ କରିଛନ୍ତି।

ସୂଚନାନୁସାରେ, ପଦ୍ମପୋଖରୀ ପଞ୍ଚାୟତ ଧନାସାହିର ସମା ମହାକୁଡ଼ଙ୍କ ସ୍ତ୍ରୀ ନାନ୍ଦୀ ମହାକୁଡ଼ଙ୍କ ଶନିବାର ପ୍ରସବଯନ୍ତ୍ରଣା ହୋଇଥିଲା। ପରିବାରଲୋକେ ଆମ୍ବୁଲାନ୍ସକୁ ଫୋନ କରିଥିଲେ। କିନ୍ତୁ, ଗାଁ ରାସ୍ତା ଖରାପ ଥିବାରୁ ଆମ୍ବୁଲାନ୍ସ ଗାଁଠାରୁ ୫ କିମି ଦୂରରେ ଛିଡ଼ା ହୋଇଥିଲା। ଏପଟେ ନାନ୍ଦୀଙ୍କ ପ୍ରସବ ଯନ୍ତ୍ରଣା ବଢ଼ି ଚାଲିଥିଲା। ତେଣୁ ଅନ୍ୟ ଉପାୟ ନ ପାଇ ପରିବାରଲୋକ ଏକ ଖଟରେ ନାନ୍ଦୀଙ୍କୁ ବୋହିବୋହି ଆମ୍ବୁଲାନ୍ସ ନିକଟକୁ ନେଉଥିଲେ। ତେବେ ଅଧା ବାଟରେ ନାନ୍ଦୀ ଏକ ସନ୍ତାନ ପ୍ରସବ କରିଥିଲେ। ସ୍ଥାନୀୟ ଆଶା ଓ ଅଙ୍ଗନବାଡି କର୍ମୀ ଏନେଇ କୌଣସି ସୂଚନା ପାଇ ନ ଥିବାରୁ ପ୍ରସୂତିଙ୍କୁ କୌଣସି ସହାୟତା ମିଳିପାରିନାହିଁ।

ସୂଚନାଯୋଗ୍ୟ, ଗାଁ ରାସ୍ତା ଶୋଚନୀୟ ହୋଇପଡ଼ିଥିବାରୁ ଗ୍ରାମବାସୀ ମରାମତି ନିମନ୍ତେ କପ୍ତିପଦା ବିଡିଓଙ୍କୁ ବହୁବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ। ଫଳରେ ଏହି ଗାଁର ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

### କିମ୍ସ ଜାତୀୟ ସମ୍ମିଳନୀ-୨୦୨୫

# ଡ. ଶିବାନନ୍ଦ ମହାନ୍ତିଙ୍କୁ ପ୍ରଥମ 'ହିରୋ' ପୁରସ୍କାର

ଭୁବନେଶ୍ୱର,୨୨।୧୧(ସମିସ): କିମ୍ସ ଜାତୀୟ ସମ୍ମିଳନୀର ଦ୍ୱିତୀୟ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଦିବସବ୍ୟାପୀ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚିକିତ୍ସା, ଜନସ୍ୱାସ୍ଥ୍ୟ, ଜୈବଚିକିତ୍ସା ନବସର୍ଜନା, ସ୍ୱାସ୍ଥ୍ୟସେବା ନୀତି ଏବଂ ଚିକିତ୍ସା ଶିକ୍ଷା ଆଦି କ୍ଷେତ୍ରରୁ ଭାରତର ବହୁପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଓ ବିଶେଷଜ୍ଞ ଯୋଗ ଦେଇଥିଲେ। ସମସ୍ତଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା, ଲୋକଙ୍କ ମଧ୍ୟରେ



ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା, ସ୍ଥାନୀୟ ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ଗବେଷଣା, ଗବେଷଣାଲବ୍ଧ ଜ୍ଞାନକୁ କିପରି ଲୋକଙ୍କ ଉପକାରରେ ଲଗାଯାଇପାରିବ, ସ୍ଥାନୀୟ ସମ୍ବଳ ଏବଂ କମ୍ ଖର୍ଚ୍ଚରେ କିପରି ଗବେଷଣା କରାଯାଇପାରିବ, ସାଧାରଣ ଲୋକଙ୍କୁ କମ୍ ଖର୍ଚ୍ଚରେ ସୁବିଧାରେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଆଦି ଯୋଗାଇ ଦେବା ବିଷୟରେ ବିଶେଷଜ୍ଞମାନେ ମତ ପ୍ରଦାନ କରିଥିଲେ। ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ମୁକାବିଲା ଓ ମାତୃ ଯତ୍ନକୁ ସୁଦୃଢ଼ କରିବାରେ ଉଲ୍ଲେଖନୀୟ ପ୍ରୟାସ ପାଇଁ ଡା. ଶିବାନନ୍ଦ ମହାନ୍ତିଙ୍କୁ କିମ୍ସ ପକ୍ଷରୁ ପ୍ରଥମ 'ହେଲ୍‌ଥ ଏମ୍ପାୱାରମେଣ୍ଟ ଇନ୍ ରୁରାଲ୍ ଓଡିଶା' (ହିରୋ) ପୁରସ୍କାର ପ୍ରଦାନ କରାଯାଇଥିଲା।

କାର୍ଯ୍ୟକ୍ରମରେ ଆଇସିଏମ୍‌ଆରର ମହାନିର୍ଦ୍ଦେଶକ ତଥା ସ୍ୱାସ୍ଥ୍ୟ ଗବେଷଣା ବିଭାଗ ସଚିବ ଡା. ରାଜୀବ ବାହାଲ, ସ୍ୱାସ୍ଥ୍ୟସେବାର ଭବିଷ୍ୟତ, ଗ୍ରାମୀଣ ସ୍ୱାସ୍ଥ୍ୟ ସଶକ୍ତିକରଣ ଓ ଗବେଷଣା ଜନିତ କ୍ଲିନିକାଲ୍ ଅଭ୍ୟାସର ଭବିଷ୍ୟତ ଉପରେ ଆଲୋଚନା କରିଥିଲେ। କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ ଓଡିଶାର ଗ୍ରାମାଞ୍ଚଳ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟରେ କିମ୍ସ ତାର ପ୍ରୟାସ ଜାରି ରଖିଥିବା କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ତଥା ବିଶିଷ୍ଟ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ପ୍ରଫେସର ସୁବ୍ରତ ଆଚାର୍ଯ୍ୟ, ଆପୋଲୋ କର୍କଟ କେନ୍ଦ୍ର ହେମାଟୋ-ଅଙ୍କଲୋଜି ଏବଂ ଅସ୍ଥି ମଜ୍ଜା ପ୍ରତିରୋପଣ ବିଭାଗୀୟ ମୁଖ୍ୟ ଡା. ଭେଲୁ ନାୟାର, ଚେନ୍ନାଇସ୍ଥିତ ଏମଜିଏମ ସ୍ୱାସ୍ଥ୍ୟ ସେବାର ହୃଦ୍ ଏବଂ ଫୁସ୍‌ଫୁସ୍ ପ୍ରତିରୋପଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. କେ. ଆର. ବାଲକୃଷ୍ଣନ୍ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ସେବାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ୫ଶହରୁ ଉର୍ଦ୍ଧ୍ୱ ଡାକ୍ତରୀ ଓ ସ୍ୱାସ୍ଥ୍ୟସେବାର ତଥା କ୍ଷେତ୍ରର ଛାତ୍ରଛାତ୍ରୀ, ଅଧ୍ୟାପକମାନେ ଯୋଗ ଦେଇଥିଲେ।



## ଗାନ୍ଧୀ ସେବାଶ୍ରମରେ ଅନ୍ନପୂର୍ଣ୍ଣା ଦିବସ ପାଳିତ



**ଜଳେଶ୍ୱର,୨୨।୧୧(ସମିସ):** ଜଳେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ଶାନ୍ତିଆସ୍ଥିତ ଗାନ୍ଧି ସେବାଶ୍ରମ ଇଶ୍ୱରଲାଲା ଶିଶୁଭବନରେ ଅନ୍ତେବାସୀଙ୍କ ଗହଣରେ ଅନ୍ନପୂର୍ଣ୍ଣା ଦିବସ ପାଳିତ ଅବସରରେ ମଧ୍ୟାହ୍ନଭୋଜନ ସହିତ କମ୍ବଳ ବିତରଣ କରାଯାଇଥିଲା। ରୋଟାରୀ କ୍ଲବ ସଭାପତି ସୁବୀର କୁମାର ସେନାପତି, ସଂପାଦକ ଅଂଶୁମାନ ରାଉତ, ପ୍ରାକ୍ତନ ସଭାପତି ବିକାଶ କୁମାର ଧର, ତାରାପଦ ମହାନ୍ତି, ସୁବ୍ରତ କୁମାର ରଣା, ପ୍ରଫୁଲ୍ଲ କୁମାର ଦାସ, ରାଜେଶ କୁମାର ଖଟୁଆ, ନନ୍ଦନ କୁମାର ଦତ୍ତ, ମାନସ ରଞ୍ଜନ ମହାନ୍ତି, ରିଙ୍କି ଗିରି, ଦିପ୍ତି ନନ୍ଦୀ, ସଙ୍ଗିତ କୁମାର ପ୍ରଧାନ ପ୍ରମୁଖ ସହିତ ଡ. ସୁଦୀପ କୁମାର ପାତ୍ର ଓ ରାଧାରାଣୀ ପାତ୍ର, ନାରାୟଣ ଚନ୍ଦ୍ର ଗିରି ଓ ଅନ୍ୟ ସଦସ୍ୟଗଣ ସେବାଶ୍ରମର ୭୦ଜଣ ଅନ୍ତେବାସୀଙ୍କ ଗହଣରେ ଅନ୍ନପୂର୍ଣ୍ଣା ଦିବସ ପାଳିତ ଅବସରରେ ମଧ୍ୟାହ୍ନଭୋଜନ ସହିତ ଅନ୍ତେବାସୀଙ୍କୁ କମ୍ବଳ ବିତରଣ କରଯାଇଥିଲା। ଏଥିରେ ସେବାଶ୍ରମର ଶିକ୍ଷକ, ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

# ୧୦୮ ଆମ୍ବୁଲାନ୍ସରେ ଅକ୍ସିଜେନ୍ ଅଭାବରୁ ଶିଶୁ ମୃତ!

ବାଲିଆପାଳ, ୨୨।୧୧ (ସମିସ)

୧୦୮ ଆମ୍ବୁଲାନ୍ସର ଚରମ ଅବହେଳା ସାଙ୍ଗକୁ ରାସ୍ତାରେ ଅକ୍ସିଜେନ ସରିଯିବାରୁ ଜଣେ ୧୦ ମାସର ଶିଶୁର ଜୀବନ ଯାଇଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାରେ ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ନୀରିହ ଅଭିଭାବକ କାନ୍ଦି କାନ୍ଦି ରୋଗୀ କଲ୍ୟାଣ ସମିତି ବୈଠକରେ ସମସ୍ତଙ୍କଠାରେ ନେହୁରା ହେବା ଘଟଣା ସାଧାରଣରେ ଆଲୋଚନା ବିଷୟ ହୋଇଛି।

ଜଳେଶ୍ୱର ବ୍ଲକ ବାଇଗଣବାଡିଆ ପଞ୍ଚାୟତ ଘଂଟିଆଣି ଗ୍ରାମର ରାମକୃଷ୍ଣ ନନ୍ଦୀଙ୍କ ଧର୍ମପତ୍ନୀ ତାଙ୍କ ୧୦ ମାସର ପୁଅ ଦେବାଶିଷ ସହ ବାପ ଘର ବାଲିଆପାଳ ଥାନା ଇକଡପାଳ ଗ୍ରାମରେ ରହିଆସୁଥିଲେ। ଗତ ୧୭ ତାରିଖରେ ଦେବାଶିଷର ଦେହ ଅସୁସ୍ଥ ହେବାରୁ ସନ୍ଧ୍ୟାରେ ପରିବାର ଲୋକ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଆସିଥିଲେ। ଡାକ୍ତରଖାନାରେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ନ ଥିବା ବେଳେ ଡ୍ୟୁଟିରେ ଥିବା ଡାକ୍ତର ପିଲାଟିକୁ ବାଲେଶ୍ୱର ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ପରେ ପିଲାଟିର ସଂପର୍କୀୟ ୧୦୮ ଆମ୍ବୁଲାନ୍ସକୁ କଲ୍ କରିବା ପରେ ଆମ୍ବୁଲାନ୍ସ ଡାକ୍ତରଖାନାରେ ପହଂଚିଥିଲା। ଆମ୍ବୁଲାନ୍ସ ଚାଳକ ବ୍ୟତୀତ ଅନ୍ୟ କର୍ମଚାରୀମାନେ କେହି ନଥିବାରୁ ଚାଳକ ନିଜେ ପିଲାଟିକୁ ଅକ୍ସିଜେନ ଦେଇ ଗାଡ଼ି ନେଇଯାଇଥିଲେ। ତେବେ ରାସ୍ତାରେ ଅକ୍ସିଜେନ ସରିଯାଇଥିଲା। ପରେ ଚାଳକ ଜଣଙ୍କ ଅନ୍ୟ ଏକ ଗାଡିକୁ ଡକାଇ ୨୦ ମିନିଟ ପରେ ପିଲାଟିକୁ ରେମୁଣା ମେଡିକାଲକୁ ପଠାଇଥିଲେ। ତେବେ ସେଠାରେ ଡାକ୍ତର ପିଲାଟିକୁ ମୃତ ଘୋଷନା କରିଥିଲେ। ଏହି ଘଟଣାରେ ପରିବାର ଲୋକେ ଭାଙ୍ଗିପଡିବା ସହ ତାଙ୍କର ପିଲାର ମୃତ୍ୟୁ ପାଇଁ ୧୦୮ ଆମ୍ବୁଲାନ୍ସକୁ ଦାୟୀ କରିଛନ୍ତି। ଗୁରୁବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହେଉଥିବା ବେଳେ ପିଲାଟିର ବାପା ମା ବୈଠକରେ ଉପସ୍ଥିତ ସିଡିଏମଓ, ବସ୍ତା ବିଧାୟିକା ସୁବାସିନୀ ଜେନା, ଇନଚାର୍ଜ ଡା. ପ୍ରୀତମ କୁମାର ସାହୁଙ୍କ ନିକଟରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ବିଧାୟିକା ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଜଣାଇଛନ୍ତି।

**ରୋଗୀ କଲ୍ୟାଣ ସମିତି ବୈଠକରେ ଅଭିଯୋଗ କଲେ ଅଭିଭାବକ**

## ନୀଳଗିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା



**ନୀଳଗିରି, ୨୨।୧୧ (ସମିସ):** ନୀଳଗିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି, ଓଡ଼ିଶା ତ୍ରୟୋବିଂଶତିତମ ବାର୍ଷିକ କ୍ରୀଡ଼ା ସମାରୋହ ସମାପନ ହୋଇଯାଇଛି। ଏହି ବାର୍ଷିକ କ୍ରୀଡ଼ା ସମାପନ ଦିବସରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଯୋଗଦେଇ ଖେଳରେ ଭାଗ ନେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃପାସିନ୍ଧୁ ମହାପାତ୍ର, ପ୍ରଧାନ ଆଚାର୍ଯ୍ୟ ଜୟକୃଷ୍ଣ ବାରିକ, ରବୀନ୍ଦ୍ର ବାରିକ, ସମ୍ପାଦକ ପ୍ରଦୀପ ବେହେରା ଓ କୋଷାଧକ୍ଷ ହୃଷିକେଶ ମହାନ୍ତି ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ



**ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୨୨।୧୧(ସମିସ):** ଜଳେଶ୍ୱର ବ୍ଲକର ମୁଣ୍ଡୁଣିଆସ୍ଥିତ ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଓ କବି ଦୀନକୃଷ୍ଣ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଓ ଦୁଇ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇ ଯାଇଛି। ଅନୁଷ୍ଠିତ ସଭାରେ ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁକୁମାର ପ୍ରଧାନ ସଭାପତିତ୍ୱ କରି ମୁଣ୍ଡୁଣିଆ ଗାଁ କବୀ ଦିନକୃଷ୍ଣଙ୍କ ଜନ୍ମସ୍ଥାନ ହୋଇଥିବାରୁ ଏହା ସ୍ୱାଭିମାନର ମାଟି ଭାବେ ବିଶ୍ୱବିଦିତ। ମୁଖ୍ୟଅତିଥି ଭାବେ ବିଡିଓ ଗୌରାଙ୍ଗ ଚରଣ ଘୋଷ ଓ ମୁଖ୍ୟ ବକ୍ତାଭାବେ ଓଡିଆ ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗ ମୁଖ୍ୟ ଡ. ରାଧାଗୋବିନ୍ଦ କୁଇଲା ଯୋଗଦେଇ ଶିକ୍ଷକମାନେ ଶିକ୍ଷାଦାନକୁ ବ୍ରତ ଭାବେ ଗ୍ରହଣ କଲେ ସେମାନଙ୍କର ଅବସର ହୋଇ ନ ଥାଏ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ମନ୍ମଥ କୁମାର ଖାଟୁଆ, ହିମାଂଶୁ ଶେଖର ଘୋଷ, ଓଷ୍ଟା ଜିଲା ସଭାପତି ମନୋରଂଜନ ଦାସ, କବି ଦୀନକୃଷ୍ଣ ସରକାରୀ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ଦୀପ କୁମାର ପ୍ରଧାନ, ପରିଚାଳନା କମିଟି ସଭାପତି କମଳଲୋଚନ ପ୍ରଧାନ, ବିଜ୍ଞାନ ପରିଦର୍ଶକ ହରମୋହନ ମହନ୍ତ, ବିଧାନ ଚନ୍ଦ୍ର ଘୋଷ, ରାମହରି ବେହେରା, ରହିମ ରଂଜନ ଦେ ପ୍ରମୁଖ ଯୋଗଦେଇ ଥିଲେ। ଅବସରଗ୍ରହଣ କରିଥିବା ବିଜ୍ଞାନ ଶିକ୍ଷକ ବ୍ରଜମୋହନ ଦିନ୍ଦା, ଖେଳ ଶିକ୍ଷକ ନିରୋଜ କୁମାର ପ୍ରଧାନଙ୍କୁ ମାନପତ୍ର, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ପୁରାତନ ଛାତ୍ର କମିଟି ସଭାପତି ଚନ୍ଦନ ଖଟୁଆ, ସତ୍ୟଶୋଭନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ଭୋଗରାଇ,୨୨।୧୧ (ସମିସ) :** ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ଅନ୍ତର୍ଗତ ନୁଟୁରା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଷଡ଼ାନନ ଘଡ଼ାଇଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ପୂର୍ବତନ ସିଆରସିସି ବିକ୍ରମ କେଶରୀ ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅନଳିଆ ଆଞ୍ଚଳିକ ସାଧନ କେନ୍ଦ୍ର ସିଆରସିସି ଦିଲ୍ଲୀପ କୁମାର ଦତ୍ତ, ମୁଖ୍ୟବକ୍ତା ଭାବେ ପୂର୍ବତନ ସିଆରସିସି ଅମିତା ଜେନା, ସମ୍ମାନିତ ବକ୍ତା ଭାବେ ନସିରାବାଦ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବାଦଲ କୁମାର ଦ୍ୱିବେଦୀ, ସମ୍ମାନିତ ଅତିଥି ଭାବେ ଅନଳିଆ ନାଏବ ସରପଞ୍ଚ ସନ୍ତୋଷ କୁମାର ଗିରି, ସାମ୍ବାଦିକ ସୁରେଶ ମହାନ୍ତି, ଖେଡ଼ସାହି ସରକାରୀ ଉନ୍ନୀତ ଉ. ପ୍ରା. ବିଦ୍ୟାଳୟର ଶିକ୍ଷକ ବାପୁଜୀ ଘଡ଼ାଇ ପ୍ରମୁଖ ଯୋଗ ଦେଇ ବିଦାୟୀ ପ୍ରଧାନଶିକ୍ଷକଙ୍କ ଶିକ୍ଷକତା ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁକୁମାର ଗିରି ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନ ଶିକ୍ଷକ ଅନୁପ କୁମାର ମହାନ୍ତି ସ୍ୱାଗତ ଅଭିଭାଷଣ ସହିତ ମାନପତ୍ର ପଠନ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ।

## ଫୁସଫୁସ ରୋଗୀଙ୍କ ପରିବାରକୁ ଦୋକାନ ବସାଇଦେଲେ ଆଦର୍ଶ ଯୁବ ପରିଷଦ



**ସୋର,୨୨।୧୧(ସମିସ):** ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଗୋବିନ୍ଦପୁର ଗ୍ରାମରେ ଫୁସଫୁସ ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ଥିବା ଜଣେ ବ୍ୟକ୍ତିଙ୍କ ପରିବାରକୁ ସ୍ୱାବଲମ୍ବୀ କରିବା ପାଇଁ ସୋରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଦର୍ଶ ଯୁବ ପରିଷଦ ପକ୍ଷରୁ ଏକ ଗୋସରୀ ଦୋକାନ କରାଇଥିବା ଜଣାପଡିଛି। ଗୋବିନ୍ଦପୁର ଗ୍ରାମର କରୁଣାକର ମଲିକ ଜଣେ ମୂର୍ତ୍ତି କାରିଗର। ବାହାର ରାଜ୍ୟରେ ମୂର୍ତ୍ତି କାମ କରି ସେ ପରିବାର ପ୍ରତିପୋଷଣ କରନ୍ତି। ତିନି ବର୍ଷ ତଳେ ହଠାତ ତାଙ୍କ ଦେହ ଖରାପ ହେବାରୁ ଡାକ୍ତରଙ୍କ ପରାମର୍ଶ ପରେ ତାଙ୍କର ଫୁସଫୁସ ରୋଗ ବାବଦରେ ଜାଣିବାକୁ ପାଇଥିଲେ। ପରେ ପରିବାରର ଏକମାତ୍ର ରୋଜଗାରକ୍ଷମ କରୁଣାକର ଶଯ୍ୟାଶାୟୀ ହେବାରୁ ପରିବାର ଲୋକେ ଅସହାୟ ପ୍ରକାଶ କରିଥିଲେ। ଏ ବାବଦରେ ଖବର ପ୍ରକାଶିତ ହେବା ପରେ ସୋରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଦର୍ଶ ଯୁବ ପରିଷଦ ପକ୍ଷରୁ ତାଙ୍କ ସ୍ତ୍ରୀଙ୍କୁ ଏକ ଗ୍ରୋସରୀ ଦୋକାନ କରାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସେହିପରି ତିଳଦା ଗ୍ରାମର ଚନ୍ଦ୍ରକାନ୍ତ ମଲିକ ଓ ତେଣ୍ଟେଇ ଗ୍ରାମର ନନ୍ଦକିଶୋର ବାରିକଙ୍କ ଘରେ ଅଗ୍ନିକାଣ୍ଡ କାରଣରୁ ସବୁକିଛି ଭସ୍ମୀଭୂତ ହୋଇଥିବାରୁ ସଂଗଠନ ପକ୍ଷରୁ ତାଙ୍କ ପରିବାରକୁ ଆର୍ଥିକ ସହାୟତା ଓ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା।

## ଖାନ ଅଟୋମୋବାଇଲରେ ଟିଭିଏସ୍ ୧୫୦ ସିସିର ଏଣ୍ଟର୍କ ସ୍କୁଟି ଲୋକାର୍ପିତ

**ଜଳେଶ୍ୱର,୨୨।୧୧(ସମିସ):** ଜଳେଶ୍ୱର ୫୭ ନଂ ରାଜ୍ୟ ରାଜପଥ ବାରାଗଡିଆସ୍ଥିତ ଖାନ୍ ଟିଭିଏସ ଶୋ'ରୁମ୍ ପକ୍ଷରୁ ୧୫୦ ସିସିର ସ୍କୁଟି ଲୋକାର୍ପିତ ହୋଇଯାଇଛି।



ଶୁକ୍ରବାର ସନ୍ଧ୍ୟାରେ ଶୋରୁମ ସମ୍ମୁଖରେ ଆୟୋଜିତ ରଙ୍ଗାରଙ୍ଗ ମଞ୍ଚରେ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଗଫ୍ଫର ଅଲ୍ଲୀ ଖାନ ନୂତନ ସ୍କୁଟିକୁ ଲୋକାର୍ପିତ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ କାଉନସିଲର ଶିବ ନାରାୟଣ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଟିଭିଏସ କମ୍ପାନୀର ଟେରିଟୋରି ମ୍ୟାନେଜର ରବିକାନ୍ତ ଆନନ୍ଦ ଯୋଗଦେଇ ସ୍କୁଟର ଫିଚର ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଥମ ସ୍କୁଟି କ୍ରେତା ଭାବେ ଅର୍ଦ୍ଧେନ୍ଦୁ ମହାନ୍ତି ମଞ୍ଚାସୀନ ହୋଇ ଅତିଥିଙ୍କ ହସ୍ତରୁ ବାଇକ୍ ଗ୍ରହଣ କରିଥିଲେ। ଉକ୍ତ ସ୍କୁଟରକୁ ପ୍ରଥମ ଥର ପାଇଁ ଟିଭିଏସ କମ୍ପାନୀ ୧୫୦ ସିସି ମଡେଲର ସ୍କୁଟର ଲୋକଙ୍କୁ ଭେଟି ଦେଇଛି। ଭାରତର ପ୍ରଥମ ୧୫୦ ସିସି, ହାଇପର ସ୍ପୋର୍ଟସ, ସ୍କୁଟରରେ ୫୦ରୁ ଉର୍ଦ୍ଧ ଅତ୍ୟାଧୁନିକ ଜ୍ଞାନ କୌଶଳର ଫିଚର୍ ସହିତ ଆଲେକ୍ସା ଏଣ୍ଟିଗ୍ରେସନ, କ୍ରାସ ଏଲୋଟ, ନେଭିଗେସନ, ସ୍ମାର୍ଟ ୱାଚ ଏଣ୍ଟିଗ୍ରେସନ, କଲ ଏସ୍ପଟ ଏଣ୍ଟ ରିଜେକ୍ଟ, ମ୍ୟୁଜିକ କଣ୍ଟ୍ରୋଲ, ଲାଷ୍ଟ ପାର୍କିଂ ଲୋକେସନ, ଟର୍ ୱଏ ନେଭିଗେସନ ଇତ୍ୟାଦି ଯୁଗପୋଯୋଗୀ ଫିଚର ରହିଥିବା କୁହାଯାଇଛି। ଏହା ସହିତ ୨ପ୍ରକାରର ୪ କଲରରେ ସ୍କୁଟର ଶୋରୁମରେ ଉପଲବ୍ଧ ରହିଛି। ଲୋକାର୍ପିତ କାର୍ଯ୍ୟକ୍ରମକୁ ସମାଜସେବୀ ଜଗନ୍ନାଥ ପରିଡ଼ା ସଞ୍ଚାଳନ କରିଥିବାବେଳେ ରଙ୍ଗା ରଙ୍ଗ ସଂଗୀତ ପରିବେଷଣ ହୋଇଥିଲା। ଜେନେରାଲ ମ୍ୟାନେଜର ଶିବ ସୁନ୍ଦର ଜେନା, ୱାର୍କ ସପ ମ୍ୟାନେଜର ଏସ କେ ଇକବାଲ ହୁସେନ, ସ୍ପେୟାର ମ୍ୟାନେଜର ଏସ କେ ମୈନୁଲ ହକ୍ ପ୍ରମୁଖ ଏବଂ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ପରିବହନ ବିଭାଗ ପକ୍ଷରୁ ଯାଞ୍ଚ କଡ଼ାକଡ଼ି

**ରୂପସା, ୨୨।୧୧ (ସମିସ):** ସିଂଲା ଥାନା ଅନ୍ତର୍ଗତ ବସ୍ତା ବାଲିଆପାଳ ରାସ୍ତାର ଜାମଶୁଳି ଛକ ନିକଟରେ ଆଜି ପରିବହନ ବିଭାଗ ପକ୍ଷରୁ ଜୋରଦାର ଯାଞ୍ଚ କରାଯାଇଥିଲା। ଦୁର୍ଘଟଣାକୁ ଶୂନ କରିବା ପାଇଁ ରାସ୍ତାରେ ଯାତାୟାତ କରୁଥିବା ଯାନବାହାନକୁ ବିଭାଗୀୟ ଅଧିକାରୀମାନେ ଆଜି ଏଠାରେ ଜୋରଦାର ଚେକିଂ କରିଥିଲେ। ଦୁଇ ଚକିଆ ଯାନରେ ଦୁଇରୁ ଅଧିକ, ବିନା ହେଲମେଟରେ ଯାତାୟାତ କରିଥିବା ବାଇକ ଚାଳକ ଏବଂ ଚାରି ଚକିଆ ଯାନରେ ସିଟ ବେଲ୍ଟ ବ୍ୟବହାର କରୁ ନ ଥିବା ଚାଳକ ମାନଙ୍କ ଠାରୁ ବିଭାଗୀୟ ଅଧିକାରୀ ମାନେ ଜରିମାନା ଆଦାୟ କରିଥିଲେ। ଏହି ଚେକିଂରେ ନିୟମକୁ ବେଖାତିର କରି ଚଳାଚଳ କରୁଥିବା ୨୦ଟି ଗାଡିରୁ ଜରିମାନା ଆଦାୟ ହୋଇଥିବାର ଜଣା ପଡିଛି। ନଭେମ୍ବର ୧୬ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଶୂନ୍ୟ ଦୁର୍ଘଟଣା ସପ୍ତାହ ପାଳନ କରା ଯାଉଥିବାରୁ ଆସନ୍ତା କିଛିଦିନ ଏହି ଚେକିଂ ଜାରି ରହିବ ବୋଲି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି।

## ରାଜ୍ୟସ୍ତରୀୟ ଇଲେକ୍ଟ୍ରୋହୋମିଓପାଥିକ ସ୍ୱାସ୍ଥ୍ୟ ଶିବିର



**ନୀଳଗିରି, ୨୨।୧୧ (ସମିସ):** ଓଡିଶା ରାଜ୍ୟ ଇଲେକ୍ଟ୍ରୋହୋମିଓପାଥିକ ଚିକିତ୍ସକ ସଙ୍ଘ ଏବଂ ସାଇ ଗୌରାଙ୍ଗ ଆଦର୍ଶ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବାଲେଶ୍ୱର ଜିଲ୍ଲା ବାଉଁଶବଣିଆ ପଞ୍ଚାୟତ ଦକ୍ଷିଣ କୁଅଁରପୁରଠାରେ ଥିବା ସାଇଆଦର୍ଶ ବିଦ୍ୟାଳୟ ପରିସରରେ ଏକ ନିଃଶୁଳ୍କ ଇଲେକ୍ଟ୍ରୋହୋମିଓପାଥିକ୍ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ତିରିଶ ରୁ ଅଧିକ ଚିକିତ୍ସକ ଯୋଗ ଦେଇ ଇଲେକ୍ଟ୍ରୋହୋମିଓପାଥିକ ଔଷଧ ଦ୍ୱାରା ରୋଗୀ ମାନଙ୍କର ଚିକିତ୍ସା କରିଥିଲେ। ନଭେମ୍ବର ୨୧ ଏବଂ ୨୨ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ଶିବିରରେ ଦୁଇ ଦିନରେ ମୋଟ ଚାରିଶହ ପଇଁତିରିଶ ଜଣ ରୋଗୀଙ୍କର ଚିକିତ୍ସା କରାଯାଇଥିଲା। ନୀଳଗିରି ତହସିଲଦାର ସୋନମ୍ ଦାସ ଏହି ମେଗା ସ୍ୱାସ୍ଥ୍ୟ ଶିବିରର ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡିଶା ରାଜ୍ୟ ଇଲେକ୍ଟ୍ରୋହୋମିଓପାଥିକ ଚିକିତ୍ସକ ସଂଘ ସଭାପତି ଡା. ସରୋଜ କୁମାର ସାହୁ ସ୍ଥାନୀୟ ସରପଞ୍ଚ ନିରଞ୍ଜନ ବାରିକ ଏବଂ ଅନ୍ୟାନ୍ୟ ଅତିଥିଙ୍କ ଗହଣରେ ଶିବିରକୁ ଉଦଘାଟନ କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ତିରିଶରୁ ଅଧିକ ଇଲେକ୍ଟ୍ରୋହୋମିଓପାଥିକ ଚିକିତ୍ସକ ଯୋଗଦେଇ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସାଇଗୌରାଙ୍ଗ ଚାରିଟେବଲ ଟ୍ରଷ୍ଟର ସଭାପତି ନିରଞ୍ଜନ ବାରିକ୍, ଶିକ୍ଷାବିତ୍ ଶନିଷ୍ଟ ରଞ୍ଜନ ବେହେରା, ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ବାସନ୍ତୀ ଲେଙ୍କା, ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ସାହୁ, ସବିତା ବିଶ୍ୱାଳ, ରାମେଶ୍ୱରୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଦୁର୍ବୃତ୍ତ ଜାଳିଦେଲେ ପାନ ଦୋକାନ

**ବସ୍ତା ବ୍ଲକ/ରାଜଘାଟ, ୨୨।୧୧ (ସମିସ):** ସିଂଲା ଥାନା ଅନ୍ତର୍ଗତ ଆମ୍ବକୁଦୁଚି ଗ୍ରାମରେ ବିଳମ୍ବିତ ରାତିରେ ଏକ ଚା' ପାନ ଦୋକାନରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଏବଂ ନଗଦ ଟଙ୍କା ପୋଡି ପାଉଁଶ ହୋଇଯାଇଛି।



ଦୋକାନର ମାଲିକ ସେହି ଗ୍ରାମର ଲକ୍ଷ୍ମୀଧର ଜେନା ସବୁଦିନ ଭଳି ଶୁକ୍ରବାର ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ହଠାତ ବିଳମ୍ବିତ ରାତିରେ ଦୋକାନଟି ହୁତୁହୁତୁ ହୋଇ ଜଳୁଥିବାର ଦେଖି ସ୍ଥାନୀୟ ଲୋକେ ଦୋକାନ ମାଲିକ ଏବଂ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବରପାଇ ବସ୍ତା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ ଦୋକାନରେ ଥିବା ଫ୍ରିଜ, ଅନ୍ୟାନ୍ୟ ଆସବାବପତ୍ର ଏବଂ ନଗଦ ଟଙ୍କା ପୋଡି ପାଉଁଶ ହୋଇଯାଇଥିଲା। ତେବେ ବ୍ୟକ୍ତିଗତ ଶତ୍ରୁତାକୁ କେନ୍ଦ୍ର କରି କେହି ଦୁର୍ବୃତ୍ତ ଦୋକାନରେ ନିଆଁ ଲଗାଇ ଦେଇଥିବା ଦୋକାନ ମାଲିକ ଲକ୍ଷ୍ମୀଧର ଅଭିଯୋଗ କରିଛନ୍ତି। ଦୋକାନୀଙ୍କ ଅଭିଯୋଗକୁ ଭିତ୍ତି କରି ସିଂଲା ଥାନାଧିକାରୀ ସୁଚନ୍ଦ୍ର ମହାଳିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## କଂଗ୍ରେସର ସାଂଗଠନିକ ବୈଠକ

**ଭୋଗରାଇ, ୨୨।୧୧(ସମିସ):** ଭୋଗରାଇ ବ୍ଲକ କଂଗ୍ରେସ ତରଫରୁ ଜଳେଶ୍ୱରପୁର ପଞ୍ଚାୟତ ସେହି ଗ୍ରାମର ଭାଗବତ ପ୍ରଧାନଙ୍କ ବାସଭବନରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କର୍ମୀ ମନ୍ମଥ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଜିଲ୍ଲା କଂଗ୍ରେସ ସଭାପତି ତଥା ଭୋଗରାଇ ନିର୍ବାଚନମଣ୍ଡଳୀ ନେତା ସତ୍ୟଶିବ ଦାସ, ୩୩ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ଜେନା, ବ୍ଲକ କାର୍ଯ୍ୟକାରୀ ସଭାପତି ପ୍ରଦୀପ ନାୟକ, ମନ୍ଦାରସାହି ସରପଞ୍ଚ ମମତା ସାହୁ, ନିତ୍ୟାନନ୍ଦ ଦାସ,ରାଜାରାମ ମଣ୍ଡଳ, ଶମ୍ଭୁନାଥ ସେଠୀ, ଗୋବିନ୍ଦ ବେହେରା ପ୍ରମୁଖ ଉପସ୍ଥିତ ହୋଇ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳକୁ ସୁଦୃଢ କରିବା ପାଇଁ ଆଲୋଚନା କରାଯାଇଥିଲା। ଶେଷରେ ନାରୀନେତ୍ରୀ ମୀନାରାଣୀ ସୁର ଧନ୍ୟବାଦ ପ୍ରଦାନ କରିଥିଲେ। ବୈଠକରେ ପଞ୍ଚାୟତର ଶତାଧିକ ବରିଷ୍ଠ କର୍ମୀମାନେ ଉପସ୍ଥିତ ଥିଲେ।

## ପାଚିକା ନିଯୁକ୍ତି ନେଇ ବିଦ୍ୟାଳୟରେ ତାଲା



ରାଜଘାଟ, ୨୨।୧୧ (ସମିସ)

ବସ୍ତା ବ୍ଲକ୍ ଧାନହଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ପାଚିକା ଚୟନରେ ବସ୍ତା ବିଇଓଙ୍କ ପାତର ଅନ୍ତରକୁ ବିରୋଧ କରି ପରିଚାଳନା କମିଟି ସଦସ୍ୟ ସ୍କୁଲ ସମ୍ମୁଖରେ ଧାରଣା ଦେଇଛନ୍ତି। ସ୍କୁଲ ଛୁଟି ପରେ ଶିକ୍ଷକ ଶିକ୍ଷୟିତ୍ରୀ ଅଟକ ଥିବା ଜଣାଯାଇଛି।

ଧାନହଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ପାଚିକା ଚୟନ ପାଇଁ ବସ୍ତା ବିଇଓ ନୋଟିସ ଜାରି କରିଥିଲେ। ଏ ନେଇ ଗତ ଅକ୍ଟୋବର ମାସରେ ପରିଚାଳନା କମିଟି ଏବଂ ବିଇଓ ଅଫିସ୍‌ରୁ ଦୁଇଜଣ ଅଧିକାରୀଙ୍କ ଉପସ୍ଥିତିରେ କୁନ୍ତଳା ଗିରି ନାମକ ଜଣେ ବିଧବା ମହିଳାଙ୍କୁ ଚୟନ କରିଥିଲେ, ମାତ୍ର ଧାନହଣ୍ଡା ମଧ୍ୟ ଇଂରାଜୀ ବିଦ୍ୟାଳୟର ପିଲା ସଂଖ୍ୟା କମ୍ ଥିବାରୁ ସେହି ସ୍କୁଲ ପ୍ରାଥମିକ ବିଦ୍ୟାଳୟ ସହିତ ସଂଯୋଗ ହେବା ପରେ ସେହି ବିଦ୍ୟାଳୟର ଥିବା ପାଚିକାଙ୍କୁ ମନମୁଖୀ ଭାବରେ ବିଇଓ ଚୟନ କରିଥିବାରୁ ଏହାକୁ ବିରୋଧ କରି ସ୍କୁଲ ସମ୍ମୁଖରେ ଧାରଣା ବସିଛନ୍ତି ଅଭିଭାବକ ଏବଂ ପରିଚାଳନା କମିଟି ସଦସ୍ୟ। ଯାହା ଫଳରେ ସ୍କୁଲ ଛୁଟି ପରେ ପିଲାମାନଙ୍କୁ ଛାଡ଼ି ଶିକ୍ଷକ,ଶିକ୍ଷୟିତ୍ରୀଙ୍କୁ ସ୍କୁଲରେ ତାଲା ପକାଇ ଅଟକ ରଖିଛନ୍ତି। ସେମାନଙ୍କ କହିବା କଥା ଯଦି ପୁରୁଣା ପାଚିକାଙ୍କୁ ପୁନଃ ନିଯୁକ୍ତି ଦେବାର ଥିଲା ତାହାହେଲେ କାହିଁକି ପାଚିକା ଚୟନ ପାଇଁ ନୋଟିସ ବାହାର କରୁଥିଲେ। ସମସ୍ତଙ୍କ ଉପସ୍ଥିତିରେ ଚୟନ ହୋଇଥିବା ପାଚିକାଙ୍କୁ କାହିଁକି ବାଦ୍ ଦିଆଗଲା ବୋଲି ପ୍ରଶ୍ନ କରିବା ସହିତ ବିଦ୍ୟାଳୟରେ ତାଲା ମାରିଥିଲେ।

## ବରହମପୁର ମହୋତ୍ସବର ତୃତୀୟ ସନ୍ଧ୍ୟା



**ନୀଳଗିରି, ୨୨।୧୧ (ସମିସ):** ମହୋତ୍ସବ ହେଉଛି ଏକ ପାରମ୍ପରିକ କାର୍ଯ୍ୟକ୍ରମ। ଏହି ଉତ୍ସବ ମାଧ୍ୟମରେ ବକ୍ତାମାନଙ୍କ ଠାରୁ ମଣିଷ ବଞ୍ଚିବାର ଶିକ୍ଷା ଅର୍ଜନ କରିଥାଏ। ବନ୍ଧୁତ୍ୱର ସମ୍ପର୍କ ଯୋଡି ହୋଇଯାଏ। ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ନିଜେ ବଞ୍ଚିବା ଅନ୍ୟକୁ କେମିତି ବଞ୍ଚାଇବା ଭଳି ଶିକ୍ଷା ମିଳିଥାଏ। ଏହି ଉତ୍ସବ ଶିକ୍ଷା ଦିଏ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭାଇଚାରା ସୃଷ୍ଟିକାରୀ ଏକତାର ମନ୍ତ୍ର ପଢି ରାଷ୍ଟ୍ରର ଉପକାର କରିବା ସହିତ ନିଜ ଗାଁରେ ଉନ୍ନତି କରିବା ଓ ଅନ୍ୟକୁ ସାହାଯ୍ୟ କରିବା ସମସ୍ତଙ୍କ ମନୋଭାବ ରହିଲେ ସୁସ୍ଥ ରାଷ୍ଟ୍ର ଗଠନ ହୋଇପାରିବ। ନୀଳଗିରି ନିର୍ବାଚନ ମଣ୍ଡଳୀର ରାଜ ବରହମପୁରର ମିନି ଷ୍ଟାଡିଅମ ପଡିଆ ଠାରେ ବରହମପୁର ମହୋତ୍ସବ ତୃତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଏବଂ ସମ୍ମାନିତ ଅତିଥି ଭାବେ ନୀଳଗିରି ଉପ ଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାୟ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ପସା, ହେମେନ୍ଦ୍ର ପଣ୍ଡା, ଅକ୍ଷୟ ବାରିକ, ଐଶ୍ୱର୍ଯ୍ୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ମହୋତ୍ସବ କମିଟିର ସଦସ୍ୟ ଫ୍ରାନସିସ ବେକନ ସ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁନ୍ଦର ସରସ କରିବା ପାଇଁ ଚଳଚ୍ଚିତ୍ର ଜଗତର ଅଭିନେତ୍ରୀ ରିୟା ଦେ ଉପସ୍ଥିତ ହୋଇ ଦର୍ଶକଙ୍କ ମନ ମୋହିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ଡକାୟତି ଯୋଜନା ପଣ୍ଡ; ଦୁଇ ନାବାଳକ ସମେତ ୭ ଗିରଫ



ବିଭିନ୍ନ ମାରଣାସ୍ତ୍ର ଜବତ

ବାଲେଶ୍ୱର, ୨୨ ।୧୧ (ସମିସ)

ବାଲେଶ୍ୱରରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ପ୍ରତିଦିନ ନୂଆ ନୂଆ ଡକାୟତି ଗ୍ୟାଙ୍ଗ ମଧ୍ୟ ସୃଷ୍ଟି ହେଉଛି। ସହଦେବଖୁଣ୍ଟା ଥାନା ଅଞ୍ଚଳରେ ଡକାୟତି ଯୋଜନା କରୁଥିବାବେଳେ ଏକ ଡକାୟତି ଗ୍ୟାଙ୍ଗକୁ ପୁଲିସ କାବୁ କରିଛି। ଗ୍ୟାଙ୍ଗର ଦୁଇ ଜଣ ନାବାଳକଙ୍କ ସହ ମୋଟ ୭ଜଣକୁ ଗିରଫ କରିବାରେ ପୁଲିସ ସଫଳ ହୋଇଛି। ସେମାନଙ୍କ ଠାରୁ ତିନୋଟି ଖଣ୍ଡା, ଦୁଇଟି ଲୁହା ରଡ, ଗୋଟିଏ ଲାଠି, ଦୁଇଟି ହୁକା, ଛିନ୍ତାଇ ମୋବାଇଲ ସହ ଦୁଇଟି ମଦ ବୋତଲକୁ ଜବତ କରିଥିବା ସହଦେବଖୁଣ୍ଟା ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଟି ଡିଏସପି ନିର୍ମଳା ଗୋଛାୟତ ସୂଚନା ଦେଇଛନ୍ତି।

ଗିରଫ ଅଭିଯୁକ୍ତମାନେ ହେଲେ ଗ୍ୟାଙ୍ଗର ମୁଖ୍ୟ ସହଦେବଖୁଣ୍ଟା ଥାନା ଅର୍ନ୍ତଗତ ଗୋଧିବସା ଅଞ୍ଚଳର ନବକିଶୋର ବାରିକ, ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଞ୍ଚଳର ସେକ ଇସାକ(୨୩), ରେମୁଣା ଥାନା ଅର୍ନ୍ତଗତ ସାହାଜିପାଟଣା ଗନିପୁର ଅଞ୍ଚଳର ସେକ ଇସାଦଅଲ୍ଲୀ(୨୧), ସହଦେବଖୁଣ୍ଟା ଅର୍ନ୍ତଗତ ଗୋଧିବସା ଅଞ୍ଚଳର ଦିଲ୍ଲୀପ ସବର(୨୫) ଏବଂ ପଶ୍ଚିମବଙ୍ଗ ରାଜ୍ୟ ଖଡଗପୁର ଥାନା ଅର୍ନ୍ତଗତ ପୂର୍ବମେଦିନାପୁରର ଅଶୋକ ବର୍ଦ୍ଧା। ଗିରଫ ହୋଇଥିବା ଦୁଇ ନାବାଳକ ସହ ସମସ୍ତଙ୍କ ନାମରେ ବିଭିନ୍ନ ଥାନାରେ ୫ରୁ ଅଧିକ ମାମଲା ରହିଛି ବୋଲି ପୁଲିସ ସୂଚନା ଦେଇଛି।

ଶୁକ୍ରବାର ଦିନ ସହଦେବଖୁଣ୍ଟା ଥାନା ଅଞ୍ଚଳରେ ଏକ ମୋବାଇଲ ଚୋରି ହୋଇଥିବା ନେଇ ରିପୋର୍ଟ ହୋଇଥିଲା। ଏହି ରିପୋର୍ଟକୁ ଆଧାର କରି ପୁଲିସ ତଦନ୍ତ ମଧ୍ୟ କରୁଥିଲା। ଗତକାଲି ବିଳମ୍ବିତ ରାତିରେ ସହଦେବଖୁଣ୍ଟା ପୁଲିସ ରାତ୍ରୀ ପୋଟ୍ରୋଲିଂ କରୁଥିବା ବେଳେ ଥାନାର ଏଏସଆଇ ସି ଚାପରସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ ଯେ, ରେଲୱେ ଷ୍ଟେସନ ପଛପଟ ମାଲଗୋଦାମ ନିକଟରେ ଥିବା ଏକ ପରିତ୍ୟକ୍ତ ଘରେ ୭ରୁ ୮ଜଣ ଯୁବକ ଡକାୟତି ଯୋଜନା କରୁଛନ୍ତି। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଁଚି ଉକ୍ତ ପରିତ୍ୟକ୍ତ ଘରକୁ ଚାରିପଟୁ ଜଗିବା ସହ ଘର ମଧ୍ୟରେ ଥିବା ୭ଜଣକୁ ଗିରଫ କରିବାରେ ସଫଳ ହୋଇଥିଲେ। ରାତିରେ ଟ୍ରେନରେ ଯାତ୍ରା କରୁଥିବା ଯାତ୍ରୀମାନେ ବାଲେଶ୍ୱର ରେଳଷ୍ଟେସନରୁ ଓହ୍ଲାଇ ନିଜ ଗନ୍ତବ୍ୟ ସ୍ଥଳକୁ ଯାଉଥିବା ବେଳେ ସେମାନଙ୍କ ଠାରୁ ଛିନ୍ତାଇ କରୁଥିଲେ। ଷ୍ଟେସନରୁ ଓହ୍ଲାଇ ବସଷ୍ଟାଣ୍ଡ, ମାଲଗୋଦାମ, ଗୋଧିବସା, ଗଳାପୋଲ ଆଦି ବିଭିନ୍ନ ସ୍ଥାନକୁ ଯାତ୍ରା କରୁଥିବା ଯାତ୍ରୀଙ୍କୁ ଲୁଟେରାମାନେ ଟାର୍ଗେଟ କରୁଥିଲେ।

ଗତକାଲି ବିଳମ୍ବିତ ରାତିରେ ମଧ୍ୟ ସେମାନେ କୌଣସି ଘରେ ବଡଧରଣର ଡକାୟତି ଯୋଜନା କରୁଥିଲେ ବୋଲି ପୁଲିସର ଜେରା ସମୟରେ ସେମାନେ ସ୍ୱୀକାର କରିଛନ୍ତି। ଗିରଫ ହୋଇଥିବା ଦୁଇ ଜଣ ନାବାଳକକୁ ଅନୁଗୁଳସ୍ଥିତ ସ୍ୱଧାର ଗୃହକୁ ପଠାଯିବ ବୋଲି ସିଟି ଡିଏସପି ଶ୍ରୀମତି ଗୋଛାୟତ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସହଦେବଖୁଣ୍ଟା ଥାନା ଅଧିକାରୀ ବିଂଚି ସାହୁ, ଏସଆଇ ଅଭିଷେକ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## 'ସକାଳ' ପକ୍ଷରୁ ବିତର୍କ ପ୍ରତିଯୋଗିତା ଆଜି

ବାଲେଶ୍ୱର, ୨୨ ।୧୧ (ସମିସ): 'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହେବ। ଏଥିରେ ଜୁନିୟର ବିଭାଗରେ ହାଇସ୍କୁଲ ଛାତ୍ରଛାତ୍ରୀ ଓ ସିନିୟର ବିଭାଗରେ କଲେଜ/ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ ଭାଗ ନେଇପାରିବେ। ବାଲେଶ୍ୱର ଜିଲ୍ଲା ପାଇଁ 'ସକାଳ' ଓ 'ନନ୍ଦିଘୋଷ ଟିଭି' କାର୍ଯ୍ୟାଳୟ (ପଡୁଆଁପଦାସ୍ଥିତ ରାଧାକୃଷ୍ଣ ମନ୍ଦିର ନିକଟ)ରେ ଅନୁଷ୍ଠିତ ହେବ। ସକାଳ ୯ଟାରେ ପଞ୍ଜୀକରଣ ସମୟ ରହିଛି। ସକାଳ ୧୦ଟାରେ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପରେ ଅପରାହ୍ନ ୨ଟାରେ ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୩-୩ଜଣ ବିଚାରକ ମୂଲ୍ୟାଙ୍କନ ପରେ ସମସ୍ତ ଅଂଶଗ୍ରହଣ କାରୀଙ୍କୁ ପ୍ରମାଣପତ୍ର ଏବଂ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହିତ ଟ୍ରଫି ଆମନ୍ତ୍ରିତ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯିବ। ଉଭୟ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ପରବର୍ତ୍ତୀ ସମୟରେ ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତାରେ ଭାଗ ନେବେ। ଅଧିକ ଜାଣିବା ପାଇଁ ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ଅସୀମ ମହାପାତ୍ରଙ୍କୁ ୮୨୪୯୭୬୨୨୮୩ ଏବଂ ୯୪୩୯୪୫୨୧୮୮ ମୋବାଇଲ ନମ୍ବରରେ ଯୋଗାଯୋଗ କରିପାରିବେ।

● ବାଲେଶ୍ୱର ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

## ଛୋଟ ମହୋତ୍ସବ ବିରାଟ ବଟବୃକ୍ଷ ହେଉ



ବାଲେଶ୍ୱର,୨୨।୧୧(ସମିସ): ବାଲେଶ୍ୱର ଆଇଟିଆଇ ପଡ଼ିଆରେ ଆୟୋଜିତ ବାଲେଶ୍ୱର ଲୋକ ମହୋତ୍ସବର ଶନିବାର ଚତୁର୍ଥ ସନ୍ଧ୍ୟାରେ ଆୟୋଜିତ ସଭାରେ ମହୋତ୍ସବ କମିଟିର ସଭାପତି ଅସିତ୍ ଦାସ ସଭାପତିତ୍ୱ କରିଥଲେ। ମୁଖ୍ୟଅତିଥି ଭାବରେ ବଡ଼ସାହି ବିଧାୟକ ସନାତନ ବିଜୁଳି ଉପସ୍ଥିତ ରହି କଳା, ସଂସ୍କୃତି, ଐତିହ୍ୟର ମାଟି ବାଲେଶ୍ୱରରେ ଏକତା ବଜାଇ ରଖିବା ପାଇଁ ଏଭଳି ଏକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏଥି ସହିତ ଏହି ମହୋତ୍ସବ ଯେମିତି ବିରାଟ ବଟ ବୃକ୍ଷରେ ପରିଣତ ହେବ ସେଥି ପାଇଁ ଆଶା ବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଭୁବନେଶ୍ୱର ଆଇଏମ୍ଏମଟି ବୈଜ୍ଞାନିକ ଡ. ଶିଶିର ମନ୍ତ୍ରୀ, କବି ପ୍ରଶାନ୍ତ ଦାସ, ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର ଡାକ୍ତର ବସନ୍ତ ଉପାଧ୍ୟାୟ, ଦୌଡ ଧାବିକା ଦୂତୀ ଚାନ୍ଦ, ଯୁବ ଉଦ୍ୟୋଗୀ ଉତ୍ପଳ କର ଉପସ୍ଥିତ ଥିଲେ। ଉପାଧ୍ୟକ୍ଷ ବିକାଶ ପାଢ଼ୀ ମଞ୍ଚ ଆବାହାନ କରିଥିଲେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ଶ୍ରୀମାନ ଶ୍ରୀଚନ୍ଦନ, କୋଷାଧ୍ୟକ୍ଷ ନିଶିତ ବାରିକ, ସାଂଗଠାନିକ ସମ୍ପାଦକ ସମ୍ବିତ ଶ୍ରବଣ ବିଶ୍ୱାଳ, ସଦଶ୍ୟ ନିରଞ୍ଜନ ମହାନ୍ତି, ଝଡେଶ୍ୱର ଜେନା, ଉପେନ୍ଦ୍ର ବେହେରା ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ସଞ୍ଜୟ ସାମନ୍ତ ଉପସଭାପତି ସିମନ ଦାସ ମହାପାତ୍ର, ସୌଭାଗ୍ୟ ମାନସ ନାୟକ, ସମ୍ପାଦକ ତାପସ ପାଣିଗ୍ରାହୀ, ସତ୍ୟ ପ୍ରକାଶ ପତି, ହ୍ରିତିକ ନାୟକ, ସିଲାବ ସତ୍ୟକମ୍, ସୌମ୍ୟ ରଞ୍ଜନ ଯାଦବ, ଜିତେନ୍ଦ୍ର ମହାଳିକ, ଅନୁପମ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ମହୋତ୍ସବରେ ୩୦୦ରୁ ଅଧିକ ଷ୍ଟଲ ଖୋଲିଛି। ଚତୁର୍ଥ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଶଶାଙ୍କ ଶେଖର ସଙ୍ଗୀତ ପରିବେଷଣ କରିଥିଲେ। ଏହି ଲୋକ ମହୋତ୍ସବ ଆସନ୍ତା ନଭେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଆଉଟସୋର୍ସିଂ କର୍ମଚାରୀଙ୍କ 'ପୋଷ୍ଟକାର୍ଡ' ଅଭିଯାନ



### ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ଆଉଟସୋର୍ସିଂ କର୍ମଚାରୀ

ବାଲେଶ୍ୱର,୨୨।୧୧(ସମିସ): ରାଜ୍ୟର ବିଭିନ୍ନ ସରକାରୀ ଦପ୍ତରରେ ଦୀର୍ଘବର୍ଷ ଧରି ଆଉଟସୋର୍ସିଂ କର୍ମଚାରୀମାନେ କାର୍ଯ୍ୟ କରିଆସୁଛନ୍ତି। ସ୍ୱଳ୍ପ ବେତନ, ଅନିଶ୍ଚିତତା ଭବିଷ୍ୟତ ମଧ୍ୟରେ ଗତି କରୁଥିଲେ ମଧ୍ୟ ସରକାର ଆଉଟସୋର୍ସିଂ କର୍ମଚାରୀଙ୍କ ବିଷୟରେ ବିଚାର କରିନାହାନ୍ତି। ଛଟେଇ ବନ୍ଦ ସହ ସ୍ଥାୟୀ ଚାକିରୀ ନିମନ୍ତେ ପ୍ରଧାନମନ୍ତ୍ରୀ, ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ନିବେଦନ କରିଛନ୍ତି ହଜାର ହଜାର ଆଉଟସୋର୍ସିଂ କର୍ମଚାରୀ। ଏ ନେଇ ସହରସ୍ଥିତ ଜଗନ୍ନାଥ କଲ୍ୟାଣ ମଣ୍ଡପରେ ଆଉଟସୋର୍ସିଂ କର୍ମଚାରୀଙ୍କ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବହୁବାର ଶାନ୍ତିପୂର୍ଣ୍ଣ ଧର୍ମଘଟ ପରେ ସରକାର ପ୍ରତିଶୃତି ଦେଇ ମଧ୍ୟ ଆଉଟସୋର୍ସିଂ କର୍ମଚାରୀଙ୍କ ପ୍ରତି ନ୍ୟାୟ ଦେଇନାହାନ୍ତି ବରଂ କୌଣସି କାରଣ ନଥାଇ ଅତ୍ୟନ୍ତ ନିଷ୍ଠୁର ଭାବେ ଛଟେଇ କରୁଛନ୍ତି। ଯଦି ସରକାର ଚଳିତ ମାସ ଶେଷ ସୁଦ୍ଧା ଆଲୋଚନା ନକରନ୍ତି ତାହେଲେ ଆସନ୍ତା ମାସକୁ ବାଧହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ମାନସ ଦାସ କହିଛନ୍ତି। ମହାସଂଘର ରାଜ୍ୟ ଗଣମାଧ୍ୟମ ସଂଯୋଜକ ସାନୁ କୁମାର ଶାସମଲ କହିଛନ୍ତି, 'ପୋଷ୍ଟକାର୍ଡ ଅଭିଯାନ ମାଧ୍ୟମରେ ଶୀର୍ଷକ ବିଚାରକ ମଣ୍ଡଳୀଙ୍କୁ ଅବଗତ କରିଛୁ। ଆର୍ଥିକ ଅଗ୍ରସର ରାଜ୍ୟରେ କର୍ମଚାରୀଙ୍କ ଛଟେଇ ବନ୍ଦ ସହ ସ୍ଥାୟୀ ଚାକିରୀ ପ୍ରଦାନ କରି ଅସହାୟ ଆଉଟସୋର୍ସିଂ କର୍ମଚାରୀଙ୍କ ପ୍ରତି ନ୍ୟାୟ ପ୍ରଦାନ କରନ୍ତୁ'। ଦୀର୍ଘବର୍ଷ ଧରି ଆଉଟସୋର୍ସିଂରେ ରହି ସରକାରୀ କାର୍ଯ୍ୟକୁ ସୁଚାରୁରୂପେ ତୁଲାଉଥିବା କର୍ମଚାରୀ ଅବସର ସମୟକୁ ୧୦-୧୨ ହଜାର ଟଙ୍କା ଦରମା। ତେଣୁ ଆଗାମୀ ଦିନରେ ରାଜ୍ୟ ସରକାର ଆଉଟସୋର୍ସିଂ କର୍ମଚାରୀଙ୍କ ବିଷୟରେ ବିଚାର ନକଲେ ଜିଲ୍ଲାରୁ ହଜାରହଜାର କର୍ମଚାରୀ ନିଜ ପରିବାର ସହ ଆନ୍ଦୋଳନରେ ବସିବୁ ବୋଲି ଜିଲ୍ଲା ସଭାପତି ମନୋଜ ରାଉତ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାର ବିଭିନ୍ନ ସରକାରୀ ଦପ୍ତରର ଆଉଟସୋର୍ସିଂ କର୍ମଚାରୀ ଯୋଗଦାନ କରିଥିଲେ। ଶେଷରେ ଜିଲ୍ଲା ଗଣମାଧ୍ୟମ ସଂଯୋଜକ ସତ୍ୟଗୋପାଳ ଓଝା ଏବଂ ସତ୍ୟଜିତ ଦତ୍ତ ଧନ୍ୟବାଦ ଜ୍ଞାପନ କରିଥିଲେ।

## ରାଜ୍ୟସ୍ତରୀୟ ହରିହର ଦାଶ ସ୍ମାରକୀ କ୍ରିକେଟ ଉଦ୍‌ଘାଟିତ



ବାଲେଶ୍ୱର,୨୨ ।୧୧(ସମିସ): ବାର ଆସୋସିଏସନ ବାଲେଶ୍ୱର ଆନୁକୂଲ୍ୟରେ ଆଇନଜୀବୀ ହରିହର ଦାଶ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ପରମିଟ ଫିଲଡରେ ଆରମ୍ଭ ହୋଇଛି। ବାଲେଶ୍ୱର ଜିଲ୍ଲା ତଥା ଦୌରାଜଜ ସତ୍ୟନାରାୟଣ ମିଶ୍ର ଟୁର୍ଣ୍ଣାମେଂଟକୁ ଉଦ୍‌ଘାଟନ କରିଥିଲେ। ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ଖେଳାଳୀ,ଆୟୋଜକ ଓ ସମସ୍ତ ଟିମର ପରିଚାଳକମାନଙ୍କୁ ଉତ୍ସାହିତ କରିବା ସହିତ ବାଲେଶ୍ୱର ବାର ଆସୋସିଏସନର ଏହିଭଳି ଉଦ୍ୟମକୁ ପ୍ରଶଂସା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ବୋର୍ଡ ଅଫ ରେଭେନ୍ୟୁ, କଟକ ଓ ମଧୁ ବାରିଷ୍ଟର କ୍ରିକେଟ ଟିମ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମଧୁ ବାରିଷ୍ଟର କ୍ରିକେଟ ଟିମ ବିଜୟ ଲାଭ କରିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବାର ଆସୋସିଏସନ,ବାଲେଶ୍ୱର ଓ ଟ୍ୟାକ୍ସ ବାର ଆସୋସିଏସନ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବାର ଆସୋସିଏସନ, ବାଲେଶ୍ୱର ବିଜୟଲାଭ କରିଥିଲା। ରବିବାର ହାଇକୋର୍ଟ ବାର ଆସୋସିଏସନ, କଟକ ଓ ମୋଟର ଭେହିକ୍ଲ ବାର ଆସୋସିଏସନ, କଟକ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଓ ଭୁବନେଶ୍ୱର ବାର ଆସୋସିଏସନ ଓ ସେଂଟ୍ରାଲ ଏଡମିନିଷ୍ଟ୍ରେଟିଭ କ୍ରିମିନାଲ ବାର ଆସୋସିଏସନ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଖେଳ ଆସନ୍ତା ୨୫ତାରିଖ ପର୍ଯ୍ୟନ୍ତ ୪ଦିନ ଧରି ଚାଲିବାର କାର୍ଯ୍ୟକ୍ରମ ରହିଛି ବୋଲି କୁହାଯାଇଛି। ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଭାବେ ବୈଲୋଚନ ଦାଶ, ପ୍ରଦୀପ କର ଆବାହକ, ଅଭିଜିତ ପଣ୍ଡା ନିର୍ଦ୍ଦେଶକ, ସୁଶୀଲ ଦତ୍ତ ପରିଚାଳକ ଓ ଗୌତମ ଭୋଇ ଭାଷ୍ୟକାର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ମନୋଜ ନାୟକ, ଦୀପକ ଦାଶ, ରଘୁନାଥ ପ୍ରଧାନ, ହରେକୃଷ୍ଣ ଦାଶ, କମଲ ଜାଫର, ଅମର ସିଂହ ୱାଲିଆ, ତୁଷାରକାନ୍ତି ମହାପାତ୍ର, ଦେବୀପ୍ରସାଦ ମହାପାତ୍ର, କେଶବ ଆଚାର୍ଯ୍ୟ, ନୃସିଂହ ନାୟକ, ଅଶୋକ ସେନାପତି, ସୁଧାଂଶୁ ଦାସ, ଅବଦୁଲ ମଜିଦ, ଦେବବ୍ରତ ଦାସ, ଜୟନ୍ତ ସାହୁ, ରାମନାରାୟଣ ଦେ, ହେମଲତା ମହାପାତ୍ର, ବୀରେନ ଜେନା, ମାନଗୋବିନ୍ଦ ସେଠୀ ଓ ଅନ୍ୟାନ୍ୟ ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ରହି ସହଯୋଗ କରିଥିଲେ। ସରୋଜ ବେହେରାଙ୍କୁ 'ମ୍ୟାନ ଅଫ ଦି ମ୍ୟାଚ' ଘୋଷଣା କରି ଟ୍ରଫି ପ୍ରଦାନ କରାଯାଇଥିଲା।

## କଚେରୀ ପରିସରରେ ବର-ଅଶ୍ୱସ୍ଥ ବାହାଘର



ବାଲେଶ୍ୱର,୨୨ ।୧୧(ସମିସ): ବାଲେଶ୍ୱର କଚେରୀ ପରିସରରେ ବର-ଅଶ୍ୱସ୍ଥ ବାହାଘର ଅନୁଷ୍ଠିତ ହୋଇଛି। ଓକିଲ ସଂଘର ସଭାପତି କେଶବ କୁମାର ଆଚାର୍ଯ୍ୟଙ୍କ କହିବା ଅନୁସାରେ, ବର କନ୍ୟାଙ୍କ ବିବାହ ଭଳି ଏଠାରେ ଚାଲିଛି ବର ଅଶ୍ୱସ୍ଥ ବାହାଘର। ଏକ ଲୁପ୍ତ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ବାଲେଶ୍ୱର ଓକିଲ ସଂଘ ପକ୍ଷରୁ ଏହି ବାହାଘର ଅନୁଷ୍ଠିତ ହୋଇଛି। ଏହି ବିବାହ ହେଉଛି କଚେରି ହତା ପରିସରରେ ଥିବା ବଟ ବୃକ୍ଷ ସହ ଅଶ୍ୱସ୍ଥ ବୃକ୍ଷର ବାହାଘର। ସେଥିପାଇଁ ଏଭଳି ଆୟୋଜନ କରାଯାଇଛି। ଅନ୍ୟପଟେ ଏହି ବାହାଘରରେ ସେ ନିଜେ କନ୍ୟା ପିତା ଭାବେ କନ୍ୟା ଦାନ କରିଥିବା ବେଳେ ବରିଷ୍ଠ ଆଇନଜୀବୀ ବିଦ୍ୟାଧର ସାହୁ ବରପିତା ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ଏହି ବାହାଘରରେ ଓକିଲ ବନ୍ଧୁମାନଙ୍କର ସହଯୋଗ ରହିଥିବା ବେଳେ ସମାଜକୁ ବୃକ୍ଷର ସୁରକ୍ଷା ଓ ଦାୟିତ୍ୱ ନେବା ପାଇଁ ଏକ ମହାନ ବାର୍ତ୍ତା ଦିଆଯାଇଥିଲା।

## ଜନଜାତୀୟ ଗୌରବ ଦିବସ



ବାଲେଶ୍ୱର,୨୨।୧୧(ସମିସ): ଭଗବାନ ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟ "ଜନଜାତୀୟ ଗୌରବ ଦିବସ ସପ୍ତାହ' ଆୟୋଜିତ ହୋଇଯାଇଛି। ଆନ୍ଥ୍ରୋପୋଲୋଜି ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦ୍ବୋଧନରେ ଭଗବାନ ବିର୍ସାମୁଣ୍ଡାଙ୍କୁ ସମ୍ମାନ ଜଣାଇ ଭାରତର ଜନଜାତି ମୁକ୍ତି ଆନ୍ଦୋଳନରେ ତାଙ୍କ ଅପୂର୍ବ ଅବଦାନ ଆଜି ମଧ୍ୟ ଦେଶର ଅସଂଖ୍ୟ ଲୋକଙ୍କୁ ପ୍ରେରିତ କରେ ବୋଲି କହିଥିଲେ। ପ୍ରଫେସର ଭାସ୍କର ବେହେରା, ଅଧ୍ୟକ୍ଷ, ସ୍ନାତକୋତ୍ତର ପରିଷଦ, ଭଗବାନ ବିର୍ସାମୁଣ୍ଡାଙ୍କ ଅଦମ୍ୟ ନେତୃତ୍ୱକୁ ସ୍ମରଣ କରିଥିଲେ। ଡ. ବସନ୍ତ ମହାନ୍ତ, ଡ. ବିଭୁ କଲ୍ୟାଣ ମହାନ୍ତି ଭଗବାନ ବିର୍ସାମୁଣ୍ଡାଙ୍କ ଆଦର୍ଶର ସମକାଳୀନ ପ୍ରସଙ୍ଗିକତାକୁ ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର କାହ୍ନୁଚରଣ ଶତପଥୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ସ୍ୱାଗତ ଉଦବୋଧନ ବିଭାଗ ସଂଯୋଜକ ଡ. ସଚିତା ନନ୍ଦ ସା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମଟି ସହାୟକ ପ୍ରଫେସର ଡ଼କ୍ଟର ବିଶ୍ୱଜିତ ପରିଡାଙ୍କ ସଂଚାଳନାରେ ହୋଇଥିଲା। ଶେଷରେ ସହାୟକ ପ୍ରଫେସର ଡ଼କ୍ଟର ଆକାଶ ମଲ୍ଲିକ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଜିଲ୍ଲା ବ୍ୟାଡ଼ମିଣ୍ଟନ ଲିଗ୍‌ର ଦ୍ୱିତୀୟ ସଂସ୍କରଣ ଉଦ୍‌ଘାଟିତ

### ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି ୮ ଫ୍ରାଞ୍ଚାଇଜ୍ ଟିମ୍





ବାଲେଶ୍ୱର,୨୨।୧୧(ସମିସ)

ଜିଲ୍ଲା ବ୍ୟାଡମିଣ୍ଟନ ସଙ୍ଘ ଆନୁକୂଲ୍ୟରେ ଜିଲ୍ଲା ବ୍ୟାଡମିଣ୍ଟନ ଲିଗ୍ ଦ୍ୱିତୀୟ ସଂସ୍କରଣ ସ୍ଥାନୀୟ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଡିଆଇଜି ପିକାନ ମିଶ୍ର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଟିପିଏନଓଡିଏଲର କର୍ମସିଆଲ ମୁଖ୍ୟ ଜୟଦୀପ ରୟ ଏବଂ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଆଲୋକ କୁମାର ବାରିକ, ଜିଲ୍ଲା ବ୍ୟାଡମିଣ୍ଟନ ସଙ୍ଘ ସମ୍ପାଦକ ଚିନ୍ମୟ ବିଶ୍ୱାଳ, ସଚିବ ମନୋରଞ୍ଜନ ପଣ୍ଡା, ପ୍ରତିଯୋଗିତା ନିର୍ଦ୍ଦେଶକ ମାନସ ମହାନ୍ତି, ଉପନିର୍ଦ୍ଦେଶକ ଗୋଲାମ ଅଲ୍ଲୀ ଖାନ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତା ଉଦଘାଟନ କରି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଘର ସଦସ୍ୟ ଚିନ୍ମୟ ପଣ୍ଡା, ଶୁଭ୍ରାଂଶୁ ପିନାକୀ ପ୍ରମୁଖ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାରେ ୮ଟି ଫ୍ରାଞ୍ଚାଇଜ୍ ଟିମ୍ ଅଂଶଗ୍ରହଣ କରିଛନ୍ତି। ପ୍ରତି ଟିମ୍ ମାଲିକମାନେ ନିଲାମ ଜରିଆରେ ୧୫ ଜଣ ଖେଳାଳି ନିଜ ଟିମ୍‌ରେ ରଖିଛନ୍ତି। ଖେଳ ପରିଚାଳନା ନିମନ୍ତେ ରାଜ୍ୟ ତଥା ଜାତୀୟ ସ୍ୱୀକୃତି ପ୍ରାପ୍ତ ୧୦ ଜଣ ଖେଳ ପରିଚାଳକ ରାଜ କୁମାର ଗାଙ୍ଗୱାରଙ୍କ ତତ୍ତ୍ୱାବଧାନରେ ଖେଳ ପରିଚାଳନା କରୁଛନ୍ତି। ଏହି ପ୍ରତିଯୋଗିତାର ବିଜେତା ଓ ଉପବିଜେତା ଦଳ ପାଇଁ ଟ୍ରଫି ସହ ପୁରସ୍କାର ରାଶି ବ୍ୟବସ୍ଥା କରାଯାଇଛି। ଏହି ପ୍ରତିଯୋଗିତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ।



ସୃଜନିକା

ସକାଳ
THE SAKALA
www.sakalaepaper.com



# କଟନ୍ କ୍ୟାଣ୍ଡି



ଡା. ଇପ୍‌ସିତା ପ୍ରଧାନ

କଳା ରଙ୍ଗର ହୁଡ୍ଡି ପିନ୍ଧା ଛୁଆଟା, ଟିକେ ଛାଡ଼ି ଟିକେ ତା' ବାପା ହାତକୁ ଟାଣୁଛି "...ବାପା, କଟନ୍ କ୍ୟାଣ୍ଡି...ବାପା, କଟନ୍ କ୍ୟାଣ୍ଡି....ବାପା, କଟନ୍ କ୍ୟାଣ୍ଡି..."

ଦୁଇ ଦିନ ହେଲା ପାର୍କରେ କ'ଣ ଗୋଟେ ଗପ-ଫେଷ୍ଟ ଚାଲିଛି ଯେ, ସନ୍ଧ୍ୟା ହେଲେ ଗପ ଶୁଣିବାକୁ ଭିଡ଼ ଜମୁଛି। ଭଲ ବେପାର ହେଉଛି ସେଇଥିପାଇଁ ଦି' ଦିନ ହେଲା। ଆଜିବି ଆସିଲା ପରଠୁ ୨୦ଟା ବେଲୁନ ଆଉ ୧୧ ଟା କଟନ୍ କ୍ୟାଣ୍ଡି ବିକି ସାରିଲାଣି ସୋମୁ। ଏମିତି ଫେଷ୍ଟିଭାଲ୍ ଟାଇମ୍‌ରେ ଭଲ ବେପାର ହୁଏ। ସେଇ କଥା ମନେମନେ ହିସାବ କରି ଆଜି, ସ୍କୁଲରୁ ଘରକୁ ନ ଯାଇ ସିଧା ମାଲିକ ପାଖକୁ ଯାଇ, ମାଲ୍ ଆଣି ପାର୍କ ଗେଟ୍ ସାମ୍ନାକୁ ପଳେଇ ଆସିଥିଲା ସେ। ଟିକେ ଅଧିକା ବେପାର ହେଲେ, ମାଲିକ ୧୦ ଟଙ୍କା ଦେଲେ ଗୋଟିଏ କଟନ୍ କ୍ୟାଣ୍ଡି ଦେଇଦିଏ। ଆଜି ଫେରିଲା ବେଳେ ରୋଜି ପାଇଁ ଗୋଟେ କଟନ୍ କ୍ୟାଣ୍ଡି ଯେମିତି ହେଲେ ନେବ ସେ। କଟନ୍ କ୍ୟାଣ୍ଡି ଭାରି ପସନ୍ଦ ରୋଜିର। ତା' କୁନିକୁନି ଆଙ୍ଗୁଠିରେ ଗୋଲାପି କଟନ୍ କ୍ୟାଣ୍ଡିରୁ ଟିକେ ଟିକେ କରି ନଖେଇ-ନଖେଇ ଖାଏ ସେ। ପ୍ରତିଥର ପାଟିରେ ଟୁକୁଡ଼ାଟେ ରଖିଲା ପରେ ଘେରାଏ ନାଚି ଯାଏ।

ଦିନେ ପାଉଣା ପାଇ ସାରିବା ପରେ, ଦଶଟଙ୍କା ଦେଇ ମାଲିକଠୁ କଟନ୍ କ୍ୟାଣ୍ଡି ଗୋଟେ ମାଗିକି ନେଇଥିଲା ରୋଜି ପାଇଁ ଯେ... ଘରଭଡ଼ା ଦିଆ ହୋଇପାରୁନି କାଇଁ ଦଶ ଟଙ୍କା ବର୍ବାଦ କଲା କହି ମା' ବାଡ଼େଇ ନୋଳା ଫଟେଇ ଦେଇଥିଲା। ଆଇ ରାଣ-ନିୟମ କଲା ପରେ ଅଟକି ଥିଲା ମା'। ବାପା ଗଲା ପରଠୁ, ଦି ବର୍ଷ ହେଲା କେତେ କଷ୍ଟରେ ସଂସାର ଚଳୁଛି, କ୍ୟାଣ୍ଡି ଖାଇବାକୁ ଜିଦ୍ଦି କରୁଛି କହି ରୋଜିକୁ ବି ଦୁଇ-ଚାରି ବିଧା ଥୋଇଥିଲା। ପିଲାଙ୍କୁ ବାଡ଼େଇ ସାରି ପାହାନ୍ତା ଯାଏ ନିଜେ ବାହୁନୁ ଥିଲା ମା'। ରାତିରେ ତା' ନୋଳାଫଟା ପିଠିକୁ ଆଉଁଶୁ ଆଉଁଶୁ ରୋଜି କହିଥିଲା, "ବାପା ନଫେରିବା ଯାଏଁ ମୁଁ ଆଉ କଟନ୍ କ୍ୟାଣ୍ଡି ପାଇଁ ଜମା ଜିଦ୍ଦି କରିବିନି ଭାଇ।"

ପକେଟରେ ହାତ ପୂରାଇ ମନେମନେ ଗଣିଲା ସୋମୁ। କାଲିଠୁ ହିସାବ କରିଛି ସେ। ଦୋକାନ ବାକି ଆଉ ଆଇର କାଶ ଓଷଦ କିଣିଲା ପରେ ଆଉ ୫୦ ଟଙ୍କା ତଥାପି ବଳିବ ତା' ହାତରେ। ଛୋଟିଆ ଉଜ୍ଜ୍ୱଳ ହସଟେ ତା' ଓଠ ଉପରେ ଖେଳିଗଲା। ହାତରେ କଟନ୍ କ୍ୟାଣ୍ଡି ପାଇଲେ ରୋଜି କେମିତି ଖୁସିରେ ଡେଇଁବ, ତାକୁ ଗେଲ କରି ପକେଇବ, ବିଲେଇ ଛୁଆଟେ ପରି ତା' ପାଖରେ ଗୁଞ୍ଜି ହେବ, ଆଖି ଆଗରେ ନାଚି ଯାଉଥାଏ ସୋମୁର। ପାର୍କ ଗେଟ୍ ପାଖରୁ ଟାଣି ଟାଣି ସେ କଳା ହୁଡ୍ଡି ପିନ୍ଧା ଛୁଆଟା ତା' ବାପାକୁ ସୋମୁ ସାମ୍ନାରେ ଆଣି ଠିଆ କରି, ପୁଣି କଟନ୍ କ୍ୟାଣ୍ଡି ପାଇଁ ଜିଦ୍ଦି କଲା। ଲୋକଟି ଯଦି ତା' ଜିଦ୍‌ରେ ଏବେ କଟନ୍ କ୍ୟାଣ୍ଡିଟେ କିଣି ଦିଅନ୍ତା, ତା' ହିସାବ ଅନୁସାରେ ସବୁ ଠିକ୍ ବସି ଯାଆନ୍ତା, ଭାବୁଥାଏ ସୋମୁ।


ବାପା ଜଣକ କଟନ୍ କ୍ୟାଣ୍ଡି କିଣିବାକୁ ମନା କଲାବେଳେ ଛୁଆଟି ଜିଦ୍ ଧରିଥାଏ। "ଲୋକଟି କଟନ୍ କ୍ୟାଣ୍ଡି କିଣିବାକୁ ରାଜି ହୋଇଯାଉ" ବୋଲି ସୋମୁ ମନେମନେ ଠାକୁରଙ୍କୁ ପ୍ରାର୍ଥନା କରୁଥାଏ! ■

ଭୁବନେଶ୍ୱର
ମୋ: ୮୦୧୮୦୫୩୩୯୫

## ପୁସ୍ତକ ପରିଚୟ

### ପିଠା ନେଇଗଲା ଡାମରାକାଉ

ସଂଗ୍ରାମ କେଶରୀ ପୃଷ୍ଟି




ବିଦ୍ୟା ପ୍ରକାଶନ
ବାଲୁବଜାର, କଟକ-୨
ପ୍ରଥମ ସଂସ୍କରଣ ୨୦୨୪
ମୂଲ୍ୟ : ୨୦୦ ଟଙ୍କା

ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟିଙ୍କ 'ପିଠା ନେଇଗଲା ଡାମରାକାଉ' ପୁସ୍ତକ ପ୍ରକାଶ ପାଇଛି। ଏହି ପୁସ୍ତକରେ ୨୦ ଟି ମନଲୋଭା ଶିଶୁ ଗପ ସଂକଳିତ ହୋଇଛି। 'ଚଢ଼େଇ ଗଲା ଉଡ଼ି', 'ଗା'... ଲୋ କୋଇଲି ଗା'...', 'ଏ ରାସ୍ତା କୁଆଡ଼େ ଯାଇଛି?', 'ଆ'ରେ କାଉ ଆ'...', 'ହଇରେ କୁଲୁ...ଏଇଆ କଲୁ!', 'ପିଠା ନେଇଗଲା ଡାମରାକାଉ', 'ନିଆଁ ଓ ଲଣ୍ଠନ', 'କଳା କୋଇଲିର ଗୀତ ମିଠା...ମିଠା...', 'ଆଖିବୁଜି ଧାଉଁଆ', 'ପଇଡ଼ ବଡ଼ ମଧୁର' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। ପ୍ରତିଟି ଗପ ଶିକ୍ଷଣୀୟ ଓ କୌତୁକିଆ ହୋଇଛି। କାଉ, କୋଇଲି, ବଗ, କୁଆ, ବିଲୁଆ, ହନୁମାଙ୍କଡ଼, ଭାଲୁ, ହରିଣ ଆଦି ବିଭିନ୍ନ ପଶୁପକ୍ଷୀଙ୍କୁ ନେଇ ଏହି ପୁସ୍ତକର ଗପଗୁଡ଼ିକର କାହାଣୀ ଗତିଶୀଳ ହୋଇଛି। କାହାଣୀ ମାଧ୍ୟରେ ଗାଳ୍ପିକ ଅନେକ ଶିକ୍ଷଣୀୟ, ଉପଦେଶମୂଳକ କଥା ବର୍ଣ୍ଣନା କରିଛନ୍ତି। ଗପଗୁଡ଼ିକର ସରଳ ଓ ବୋଧଗମ୍ୟ ଭାଷା, କୌତୁକିଆ କାହାଣୀ, ନିଆରା ଉପସ୍ଥାପନା ଶୈଳୀ ପାଠକମାନଙ୍କୁ ଆକର୍ଷିତ କରିବ ନିଶ୍ଚୟ। ଆକର୍ଷଣୀୟ ରଙ୍ଗିନ ଛବି ସହ ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

### ଶ୍ରୀକ୍ଷେତ୍ରର ଶହେ କଥା

ଡକ୍ଟର ନୀଳମଣି ଲେଙ୍କା




ପ୍ରଭୁ ପ୍ରକାଶନ
କୁମ୍ଭାର ସାହି, ବିଡ଼ାନାସୀ, କଟକ
ପ୍ରଥମ ସଂସ୍କରଣ ୨୦୨୫
ମୂଲ୍ୟ : ୨୦୦ ଟଙ୍କା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା ଅପାର। ଶ୍ରୀକ୍ଷେତ୍ର ଏକ ପବିତ୍ର ଭୂମି। ଶ୍ରୀକ୍ଷେତ୍ର ସହିତ ଜଡ଼ିତ ବିଭିନ୍ନ କଥା, କିମ୍ବଦନ୍ତୀ, ମନ୍ଦିର, ଦେବଦେବୀ, ମଠ, ଆଶ୍ରମ ଆଦିକୁ ନେଇ ପ୍ରକାଶ ପାଇଛି ଡକ୍ଟର ନୀଳମଣି ଲେଙ୍କାଙ୍କ 'ଶ୍ରୀକ୍ଷେତ୍ରର ଶହେ କଥା'। ଏହି ପୁସ୍ତକରେ 'ବାଟ ମଙ୍ଗଳା', 'ଅଠର ନଳା', 'କ୍ଷେତ୍ରାଧିଶ୍ୱରୀ ମା' ବିମଳା', 'ମା' ହରଚଣ୍ଡୀ', 'ମା' ରାମଚଣ୍ଡୀ', 'ସମୁଦ୍ର ଲହଡ଼ି ଓ ଲକ୍ଷ୍ମୀ', 'ସାଲବେଗଙ୍କ ସମାଧି ପୀଠ', 'ଭକ୍ତବନ୍ଧୁ ମହାନ୍ତିଙ୍କ ଆଶ୍ରମ', 'ଜଗନ୍ନାଥ ଦାସ ଓ ସାତଲହଡ଼ି ମଠ', 'କବୀର ଚଉରା ମଠ' ଆଦି ସଂପର୍କରେ ଆଲୋଚନା କରାଯାଇଛି। ସେହିପରି 'ଶ୍ରୀମନ୍ଦିରର ପୂର୍ବ ଦ୍ୱାର', 'ଶ୍ରୀମନ୍ଦିରର ପଶ୍ଚିମ ଦ୍ୱାର', 'ଶ୍ରୀମନ୍ଦିରର ଉତ୍ତର ଦ୍ୱାର', 'ଶ୍ରୀମନ୍ଦିରର ଦକ୍ଷିଣ ଦ୍ୱାର', 'ସିଦ୍ଧ ହନୁମାନ', 'କାଞ୍ଚି ଗଣେଶ', 'କଳ୍ପବଟ', 'ଶ୍ରୀମନ୍ଦିରରେ ଶ୍ୱାନ ପୂଜା' ଆଦିର ମାହାତ୍ମ୍ୟ ସଂପର୍କରେ ବର୍ଣ୍ଣନା କରାଯାଇଛି। ଶ୍ରୀମନ୍ଦିର, ଶ୍ରୀକ୍ଷେତ୍ର, ଶ୍ରୀଜଗନ୍ନାଥଙ୍କ ସଂପର୍କରେ ଜାଣିବା ପାଇଁ ଏହା ଏକ ଉପାଦେୟ ପୁସ୍ତକ। ଗବେଷଣାଧର୍ମୀ, ତଥ୍ୟ ଓ ତତ୍ତ୍ୱ ଭିତ୍ତିକ ଏହି ପୁସ୍ତକଟି ଶ୍ରୀଜଗନ୍ନାଥ ପ୍ରେମୀ ଓ ଶ୍ରୀକ୍ଷେତ୍ର ସଂପର୍କରେ ଜାଣିବା ପାଇଁ ଆଗ୍ରହୀ ପାଠକମାନଙ୍କୁ ଆକୃଷ୍ଟ କରିବ ନିଶ୍ଚୟ। ■

### କିଛି ଖରା କିଛି ଛାଇ

ଡକ୍ଟର ଦୀପେନ କୁମାର ପଟ୍ଟନାୟକ



ସ୍ୱୟଂସିଦ୍ଧା ଫାଉଣ୍ଡେସନ୍
ନୀଳାଦ୍ରି ବିହାର, ଭୁବନେଶ୍ୱର -୨୧
ପ୍ରଥମ ସଂସ୍କରଣ ୨୦୨୫
ମୂଲ୍ୟ : ୨୨୦ ଟଙ୍କା

"ଆମ ଜୀବନଟା ସତେ କିଛି ଖରା ଓ କିଛି ଛାଇର ଖେଳ/ମାନ ଅଭିମାନ ରୁଷାଫୁଲା ମାନଭଞ୍ଜନରେ ବିତି ଯାଏ କେତେ କାଳ।" (କିଛି ଖରା କିଛି ଛାଇ) ସତରେ ଜୀବଟା ଖରା, ଛାଇର ଲୁଚକାଳି ଖେଳ। ଜୀବନର ଏଭଳି ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି ଡକ୍ଟର ଦୀପେନ କୁମାର ପଟ୍ଟନାୟକଙ୍କ 'କିଛି ଖରା କିଛି ଛାଇ' ପୁସ୍ତକର କବିତାଗୁଡ଼ିକରେ। ଏହି ପୁସ୍ତକରେ ୭୮ ଟି ମନଛୁଆଁ କବିତା ସଂକଳିତ ହୋଇଛି। 'କିଛି କଥା କିଛି ବ୍ୟଥା', 'ଅପେକ୍ଷା', 'ସବୁ ଅଛି କିଛି ନାହିଁ', 'ଆମ ଜୀବନେ ଫୁଲ ଓ କଣ୍ଟା', 'ଯନ୍ତ୍ରଣା', 'ବାସ୍ତବତା', 'ବାପା ତୁମେ ଚାଲିଗଲା ପରେ', 'ଆମ ଜୀବନର ରାସ୍ତା', 'ମୋବାଇଲ୍ ଫୋନ୍', 'ମାଉସୀ', 'ଭାଗବତ ଟୁଙ୍ଗୀ', 'ପ୍ରତୀକ୍ଷା', 'ମୁଁ ଯଦି ମରିଯିବି' ଆଦି କବିତା ହୃଦୟସ୍ପର୍ଶୀ ହୋଇଛି। ଏହି ପୁସ୍ତକର କେତେକ କବିତାରେ ସାମାଜିକ ବାସ୍ତବତା, ଜୀବନର ଗଭୀର ଜିଜ୍ଞାସାବୋଧ, ମାନବୀୟ ଭାବାବେଗ, ସଂସ୍କୃତି, ପରମ୍ପରାର ଚିତ୍ର ପ୍ରତିଫଳିତ ହୋଇଛି। ହାସ୍ୟ ଓ ବ୍ୟଙ୍ଗ ମାଧ୍ୟମରେ କବି ଅନେକ ସାମାଜିକ କୁସଂସ୍କାର ସଂପର୍କରେ ସଚେତନ କରାଇ ଦେଇଛନ୍ତି। 'କିଛି ଖରା କିଛି ଛାଇ' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

# ମୁକ୍ତିଘର



ଅମ୍ରିତ୍ ଋତୁରାଜ


ଏଇ ଚାରିକାନ୍ଥର
ପରସ୍ତ ପରସ୍ତ ପୁରୁଣା ଚୂନ
ମଳି ହେଇଥିବା ପୁଟି
ଚମ ଛାଲି ହେଇଥିବା ଚଟାଣ
ବାର ଶହ ଆତ୍ମାକୁ
ମୁକ୍ତ କରିଦେଇଛନ୍ତି
ନୂଆ କୋଉ ଜାଗା ଯିବାକୁ।
ଏଇ କୋଠରି ବାର ଶହ ଆତ୍ମାର
ଖୋଳପାକୁ ପୋଡ଼ା ହେବା
ଦେଖିଲେ ମଣିକର୍ଣ୍ଣିକାରେ
ଏତେ ଶବର ବୋଝ ବୋହିଥିବା
କୋଠରି କ'ଣ ଏବେ ପ୍ରେତଶାଳା?
ନା ଭୟର ଏକଛତ୍ର ରାଜୁତି ସେଇଠି?
ସେଇଠି କ'ଣ ଆତ୍ମାମାନେ
ତାଙ୍କ ଅତୃପ୍ତତାରେ ବାରମ୍ବାର
ସେ କାନ୍ଥର ଚୂନକୁ ରାମ୍ପୁଡ଼ା ରାମ୍ପୁଡ଼ି
କରୁଛନ୍ତି ଆକ୍ରୋଶରେ?

ଏଠି ଅତୀତର ଆଙ୍ଗୁଳି
ପିନ୍ଧିଥିଲା ମୃତ୍ୟୁର ମୁଦି
ମୁକ୍ତ ହେବାକୁ ତର ତର ଆତ୍ମା
ଅପେକ୍ଷା କରିଥିଲା
ଅସ୍ତିତ୍ୱ ନିଜକୁ ସମର୍ପି ଦେବାକୁ
ଅନଳରେ ଇଛା ଅନିଚ୍ଛା ବିନା

ଇଏ ତ ଆଲିଙ୍ଗନର କୋଠରି
ଚାରିକାନ୍ଥର ଅନ୍ଧାରିଆ କୋଣ ସବୁ
ବାର ଶହ ଆଲିଙ୍ଗନ ଦେଖି ଦେଖି
ସଭିଏଁ ପିନ୍ଧିଛନ୍ତି ମୁକ୍ତିର ବିଭୂତି
ଇଏ ତ 'ମୁକ୍ତି ଘର'

ତା' ପାଇଁ ମୃତ୍ୟୁ ତ କେବଳ
ପରିଧାନ ବଦଳି
ସେ ଚିହ୍ନିଛି ସେ ଆତ୍ମାମାନଙ୍କୁ
ଯେଉଁମାନେ ସ୍ମିତ ହାସ୍ୟର
ବିଦାୟ ନେଇ ଚାଲିଗଲେ
ପଞ୍ଚଭୂତର ଆରପଟ ଉପତ୍ୟକାକୁ।

ମୁକ୍ତିଘର ଅପେକ୍ଷା କରିଛି
ତା' ନୂଆ ଆଗନ୍ତୁକକୁ
କାମନାରୁ ବିଚ୍ଛିନ୍ନ କରିବାକୁ
ଯେ ପଞ୍ଜୁରି ଖୋଲିଗଲା
ହେଇଯାଅ ମୁକ୍ତ ପଥର ଅରଣୀ ବିହଙ୍ଗ।
ହେଇଟି! ନୂଆ ଆଗନ୍ତୁକ ଆସିଗଲେ
ଦେଖ! ନିରିଖେଇ କି ଦେଖ
କିଛି ବର୍ଷ ଆଗରୁ ସେ
ତମ ଭଳି ହିଁ ଦିଶୁଥିବେ
କିଛି ବର୍ଷ ପରେ ତମେ ବି ତାଙ୍କ ଭଳି ଦିଶିବ। ■



# ହଁ ହଁ ଆମେ ପଶୁ



ଅମରେନ୍ଦ୍ର ମାଧବ ଦାଶ

ଆମେ ହୋଇପାରିଲୁନି ମଣିଷ
ପଶୁ ହୋଇ ରହିଗଲୁ ଚିରକାଳ...

ଆମ ପ୍ରଥା, ପରମ୍ପରା,
ଆମ ଚାଲି, ଚଳଣି,
ଆମ ସମାଜ ଓ ସଂସ୍କୃତି
ସେମାନଙ୍କ ସଭ୍ୟତାର ମାପକାଠିରେ
ଉତୁରି ପାରିଲାନି ବର୍ଷବର୍ଷ ଧରି...

ଆମ ଭଲପାଇବାର ଭାଷା
ସେମାନଙ୍କ ପାଇଁ ସାଜିଲା
ଦୁର୍ବୋଧ୍ୟ, ଦୁରୁହ, ଅଶ୍ଳୀଳ, ଅସଭ୍ୟ
ଆମ ଉଚ୍ଚାରଣ, ଆଚରଣ ଶୁଭିଲା
ସେମାନଙ୍କ କାନକୁ କଠୋର, କର୍କଶ...

ଯଦିଓ ଆମ ପରି
ସେମାନଙ୍କର ବି ଥିଲା
ଆଖି, କାନ, ନାକ, ପାଟି
ହାତ, ଗୋଡ଼, ଦେହ, ମୁଣ୍ଡ
ଆମକୁ ଲାଗୁଥିଲା
ସେମାନଙ୍କ ପରି ଆମେ ବି ସମାନ ମଣିଷ...

ଆମ ଭାବନା ଯେତିକି ଥିଲା ସ୍ୱଚ୍ଛ
ସେମାନଙ୍କ ପାଇଁ ସେତିକି ଥିଲା ଅପହଞ୍ଚ,
ପଛୁଆ, ନୀଚ, ଆଦିମ, ଆଦିବାସୀର ବିଶେଷଣ
ଘେରି ରହିଥିଲା ତାଙ୍କ ଚିନ୍ତା ଚେତନାରେ...

ଆମ ସରଳତାକୁ ଅସଭ୍ୟ କହି
ଆମ ବିଶ୍ୱାସକୁ ଅନ୍ଧବିଶ୍ୱାସ ନାଁ ଦେଇ
ଆମ ପରମ୍ପରାକୁ କୁସଂସ୍କାର ମନେକରି
ଆମ ସ୍ୱାବଲମ୍ବନକୁ ଅଶିକ୍ଷିତର ମାର୍କା ମାରି
ସେମାନେ ରଚିଲେ ବଡ଼ ଷଡ଼ଯନ୍ତ୍ର
ଟାଣିଦେଲେ ଅଭେଦ୍ୟ ଲକ୍ଷ୍ମଣରେଖା...

ଏଥର ଆମକୁ
ଅଲଗା କରିଦେଲେ ସବୁଥିରୁ ସେମାନେ
ତଥ୍ୟରୁ, ତାଲିକାରୁ
ସମାଜରୁ, ସରକାରରୁ
ଅନ୍ୟ ଏକ ଗ୍ରହର ଜୀବ ମନେକରି
ଆଉ ଆମ ନାଁ ଦେଇ ଦେଲେ 'ପଶୁ' ॥

ଆହା!
ମଣିଷ ଭିତରର ପଶୁତ୍ୱକୁ ଦେଖିଲୁ ଏଥର...॥ ■

ଭୁବନେଶ୍ୱର
ମୋ.: ୯୪୩୭୩୫୯୯୪୫

# ପଣ୍ଡିତ ଗୋଦାବରୀଶଙ୍କ ଜୀବନାଲେଖ୍ୟ



ଅଧ୍ୟାପକ ଆଲୋକ ରଞ୍ଜନ ଷଡ଼ଙ୍ଗୀ

ଜୀବନ ବିତାଇ ଦେଉଥିବା ମଣିଷ କେବଳ ନିଜର ହୋଇ ବଞ୍ଚେ ଓ ମରେ କିନ୍ତୁ ଜୀବନକୁ ଉତ୍ସର୍ଗ କରିଦେଉଥିବା ମଣିଷ ସଭିଙ୍କର ହୁଏ ଓ ସଭିଙ୍କ ହୃଦୟରେ ଅମର ରୁହେ। ଭାର୍ଗବୀ ନଈ କୂଳରେ ଏକ ନିରବ, ନିସ୍ତବ୍ଧ ସନ୍ଧ୍ୟାକାଶକୁ ଚାହିଁ ଦେଶପ୍ରାଣ ଗୋପବନ୍ଧୁ ଦାସଙ୍କ ସହିତ ଯେଉଁ ତିନି ଜଣ ଯୁବକ ଶପଥ ନେଇଥିଲେ- "ସରକାରୀ ଚାକିରି କରିବା ନାହିଁ, ନିଜର ଭରଣପୋଷଣ ବିଳାସରେ ମନଦେବା ନାହିଁ। ଜନ୍ମ ହୋଇ ଦେଶକୁ ଯେମିତି ଦେଖିଛେ ମଲାବେଳକୁ ତା'ଠୁ ଉନ୍ନତ କରିଯିବା" ତନ୍ମଧ୍ୟରୁ ପଣ୍ଡିତ ଗୋଦାବରୀଶ ମିଶ୍ର ଜଣେ। ତାଙ୍କ ଜୀବନଯାତ୍ରାର ଆତ୍ମଲିପି ହେଉଛି 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋର ସ୍ଥାନ'। ଆତ୍ମଜୀବନୀ ରଚନା ସମ୍ପର୍କରେ ସେ ଲେଖିଛନ୍ତି –" ମୁଁ ଯାହା ଲେଖିବି ତାକୁ ପଢ଼ି ଯେ କେହି ଆନନ୍ଦ ବା ଦୁଃଖ ଅନୁଭବ କରିବେ, ସେଥିପାଇଁ ଲେଖିବି ନାହିଁ; ମନୁଷ୍ୟ କିପରି ନିଜ ଦୁର୍ବଳତାର ଦାସ, ତାହା ଦେଖାଇବାକୁ ଲେଖିବି ମାତ୍ର।"

୧୯୫୧ ମସିହାରେ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋର ସ୍ଥାନ' ଆତ୍ମଜୀବନୀ ଲେଖା ଆରମ୍ଭ କରିଥିଲେ ମଧ୍ୟ ତା' ପୂର୍ବରୁ ତାଙ୍କଠୁ ଆତ୍ମଜୀବନୀ ଲେଖାଇ ନେବାର ଅନେକ ପ୍ରୟାସ ତାଙ୍କ ବନ୍ଧୁ ଓ ସମର୍ଥକମାନେ କରିଥିଲେ। ୧୯୩୧ ମସିହାରେ ଗୋଦାବରୀଶଙ୍କ ଜଣେ ବନ୍ଧୁ କାଗଜ କଲମ ଧରି ଆତ୍ମଜୀବନୀ ଲେଖିବାକୁ ଚାହିଁଥିଲେ, କିନ୍ତୁ ଗୋଦାବରୀଶ କଥାଟିକୁ ଟାଳି ଦେଇଥିଲେ। ତା'ର ୧୪ ବର୍ଷ ପରେ ଆଉ ଜଣେ ବନ୍ଧୁ ଆତ୍ମଜୀବନୀ ଲେଖାଇବାର ଚେଷ୍ଟାରେ ସଫଳ ହୋଇ ଗୋଦାବରୀଶଙ୍କଠୁ ଦେଢ଼ଶହ ପୃଷ୍ଠା ଲେଖାଇ ନେଇଥିଲେ, କିନ୍ତୁ କିଛି କାରଣବଶତଃ ସେ ମଧ୍ୟ ଏଥିରୁ ନିଜକୁ ନିବୃତ୍ତ କରିଥିଲେ। ସେହି କାରଣ ସମ୍ପର୍କରେ ଗୋଦାବରୀଶ ତାଙ୍କ ଆତ୍ମଜୀବନୀର 'ନିଜକଥା'ରେ ଉଲ୍ଲେଖ କରିଛନ୍ତି - "ମୁଁ ତ ସେତେ ସିଦ୍ଧହସ୍ତ ଧୁରନ୍ଧର ଲେଖକ ନୁହେଁ, ଲେଖାର ଧରଣ ତାଙ୍କ ମନକୁ ପାଇଲା ନାହିଁ। ତହୁଁ ସେ ତାହା ନିଜର କେତେକ ସହକର୍ମୀଙ୍କୁ ନେଇ ଦେଖାଇଲେ। ସେମାନେ ସମସ୍ତେ ତାହା ପଢ଼ି ମତ ଦେଲେ ଯେ, ଆତ୍ମଜୀବନୀ ଲେଖିବା ଶକ୍ତି ମୋର ନାହିଁ। ତାଙ୍କର ଧାରଣା ହେଲା ଯେ, ମୁଁ କେତେକ କଥା ଲେଖିଯାଇଛି ଯାହା କି ଉଲ୍ଲେଖଯୋଗ୍ୟ ନୁହେଁ ଏବଂ ସେହିପରି କେତେକ ପ୍ରକାଶ ପାଇବା ଭଳି ବିଷୟ ଛାଡ଼ି ଦିଆଯାଇଛି। ସୁତରାଂ ଲେଖକ-ବନ୍ଧୁ ଲେଖିବାରେ ଆଉ ଆଗ୍ରହ ଦେଖାଇଲେ ନାହିଁ। ଲେଖାଟା ସେହିଠାରେ ହିଁ ବନ୍ଦ ରହିଗଲା।" ପରିଶେଷରେ ୧୯୫୧ ମସିହା ପୂଜା ସମୟରୁ ସେ ଆତ୍ମଜୀବନୀ ଲେଖା ଆରମ୍ଭ କରିଥିଲେ। ୧୯୫୧-୫୨ ମସିହା ବେଳକୁ ଗୋଦାବରୀଶ ବାଣପୁର-କୃଷ୍ଣପ୍ରସାଦ ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହେବା ପରେ ରାଜନୈତିକ ଜଞ୍ଜାଳରେ ବ୍ୟସ୍ତ ରହି ଆତ୍ମଜୀବନଟିକୁ ତୁଣ୍ଡେ ତୁଣ୍ଡେ ଡାକିଛନ୍ତି ଓ ବାଣପୁର ହାଇସ୍କୁଲର ଶିକ୍ଷକ ଶ୍ରୀଜଗନ୍ନାଥ ମହାପାତ୍ର ପାଣ୍ଡୁଲିପି ପ୍ରସ୍ତୁତ କରିଛନ୍ତି। ପରେ ପାଣ୍ଡୁଲିପିର ଚାରିଭାଗରୁ ତିନିଭାଗ ସାମାନ୍ୟ କିଛି ପରିବର୍ତ୍ତନ କରି ଗୋଦାବରୀଶ ପୁଣି ନିଜ ହାତରେ ଲେଖିଛନ୍ତି।

ଗୋଦାବରୀଶଙ୍କ ଆତ୍ମଜୀବନୀ ଆଦର୍ଶବାଦର ଜୟଯାତ୍ରାର କାହାଣୀ କୁହେ। ନାନା ପ୍ରତିକୂଳ ବାତାବରଣ, ଦାରିଦ୍ର୍ୟର କଷାଘାତ, ଅଭାବ ଅନଟନର ଆକଟ କେହି ବି ତାଙ୍କୁ ଆଦର୍ଶ ପଥରୁ ବିଚ୍ୟୁତ କରିପାରି ନଥିଲେ। ଗୋଦାବରୀଶ ସାଧାରଣ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମ ହୋଇ ଜୀବନବ୍ୟାପୀ ସଂଗ୍ରାମ ଓ ସାଧନା ବଳରେ ସମଗ୍ର ଉତ୍କଳବାସୀଙ୍କ ହୃଦୟରେ ନିଜ ପାଇଁ ଘରଟିଏ କରିପାରିଛନ୍ତି। ଓଡ଼ିଶା ପ୍ରଦେଶ, ଓଡ଼ିଶା ଜନତା ଓ ଓଡ଼ିଆ ଭାଷାର ସ୍ୱାଭିମାନ ରକ୍ଷା ସହିତ ସ୍ୱଦେଶୀ ଆନ୍ଦୋଳନ, ବିହାର-ଓଡ଼ିଶାର ପ୍ରାଶାସନିକ ଏକୀକରଣ, ବଙ୍ଗଭଙ୍ଗ ଆନ୍ଦୋଳନ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ତତ୍କାଳୀନ ସମାଜରେ ନାରୀର ଦୁରାବସ୍ଥା ସହ ନାରୀ ଜାତିର ମହନୀୟତା, ନିଶା ନିବାରଣ ଆଇନର ରଦ୍ଦୀକରଣ, ସତ୍ୟବାଦୀ ବନବିଦ୍ୟାଳୟର ଉଦୟ, ମଧ୍ୟାହ୍ନ, ଅସ୍ତରାଗ ଓ ସନ୍ଧ୍ୟାର ଚିତ୍ର, ବିଦ୍ୟାଳୟ ପାଇଁ ଶିକ୍ଷକମାନଙ୍କର ତ୍ୟାଗ, ନିଷ୍ଠା ପ୍ରଭୃତି ପ୍ରସଙ୍ଗକୁ ନେଇ ଗୋଦାବରୀଶଙ୍କ ଆତ୍ମଜୀବନୀ ପରିପୁଷ୍ଟ। ଗୋଦାବରୀଶଙ୍କ ଆତ୍ମଜୀବନୀ ସମ୍ପର୍କରେ ଆଲୋଚକ ତାରିଣୀ ଚରଣ ଦାସଙ୍କ ମତ ଉଲ୍ଲେଖନୀୟ –"ଏଥିରେ ଲେଖକଙ୍କ ବ୍ୟକ୍ତିତ୍ୱ ବ୍ୟକ୍ତିଗତ ଜୀବନ ସହିତ ସମଷ୍ଟିଗତ ଜୀବନକୁ ନେଇ ପ୍ରକାଶ ପାଇଛି। ଅର୍ଥାତ୍ ଲେଖକଙ୍କ ସ୍ୱକୀୟ ଜୀବନ ସଂଘର୍ଷ ସହିତ ରାଷ୍ଟ୍ରୀୟ ଆନ୍ଦୋଳନର ସଂଘର୍ଷ ପ୍ରତିବିମ୍ବିତ ହୋଇଛି। ବୈୟକ୍ତିକ ଦୋଷ ଦୁର୍ବଳତା ସଙ୍ଗେସଙ୍ଗେ ସାମାଜିକ ବା ରାଷ୍ଟ୍ରୀୟ ଦୋଷଦୁର୍ବଳତାମାନ ଅଭିବ୍ୟକ୍ତ ହୋଇଛି"

ଗୋଦାବରୀଶ ମହାପାତ୍ର ତାଙ୍କ ଆତ୍ମଜୀବନୀକୁ ଦୁଇ ଭାଗରେ ରଚନା କରିବାକୁ ଚାହିଁଥିଲେ ଏବଂ ତା'ର ସୂଚୀପତ୍ର ମଧ୍ୟ ପ୍ରସ୍ତୁତ କରିଥିଲେ। କିନ୍ତୁ ତାଙ୍କର ବ୍ୟସ୍ତବହୁଳ ରାଜନୀତି ଜୀବନରେ ଛନ୍ଦି ହୋଇ ଆତ୍ମଜୀବନୀକୁ ପୂର୍ଣ୍ଣାଙ୍ଗ କରି ପାରି ନଥିଲେ। 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ତହିଁରେ ମୋର ସ୍ଥାନ' ଆତ୍ମଜୀବନୀର ଭୂମିକା 'ଦୁଇ-ଚାରି-କଥା'ରେ ତାଙ୍କର ଜ୍ୟୋଷ୍ଠପୁତ୍ର ରଘୁନାଥ ମିଶ୍ର ଲେଖିଛନ୍ତି - ଆତ୍ମଚରିତକୁ ଦୁଇ ଭାଗରେ ବିଭକ୍ତ କରିବା ପୂଜ୍ୟପାଦ ପଣ୍ଡିତଜୀଙ୍କର ଅଭିପ୍ରେତ ଥିଲା। ନିଜର ଜନ୍ମଠାରୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ଅର୍ଥାତ୍ ୧୯୩୬ ମସିହାର ଆରମ୍ଭକାଳ ପର୍ଯ୍ୟନ୍ତ, ପ୍ରାୟ ପଚାଶ ବର୍ଷର ବିଷୟ-ବସ୍ତୁ ପ୍ରଥମ ଭାଗରେ ରହିବା କଥା ଏବଂ ଜୀବନର ପଚାଶବର୍ଷର ପରବର୍ତ୍ତୀ ବିଷୟ-ବସ୍ତୁ ଦ୍ୱିତୀୟ ଭାଗରେ ଆଲୋଚ୍ୟ। ସେ ଯେ ସୂଚୀପତ୍ର କରିଛନ୍ତି, ସେଥିରେ ପ୍ରଥମ ଭାଗର ପଞ୍ଚଚାଳିଶ ପରିଚ୍ଛେଦରୁ ଚଉତିରିଶଟି ମାତ୍ର ଲେଖିଛନ୍ତି; ବାକିତକ ଅଲେଖା ରହିଯାଇଛି। ଦ୍ୱିତୀୟ ଭାଗର ସୂଚୀ ଆୟୋଜନ କରି, ସେ ନିଜେ ଲିପିବଦ୍ଧ କରିଥିଲେ ମଧ୍ୟ କିଛି ହେଲେ ବିଷୟ ଲେଖି ଯାଇ ପାରିନାହାନ୍ତି"। ୧୯୫୬ ମସିହା ଜୁଲାଇ ୨୬ ତାରିଖରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କର ମୃତ୍ୟୁ ହେବାରୁ ଆତ୍ମଜୀବନୀଟି ଅଧାଲେଖା ହୋଇଗଲା। ଅଭିରାମ ମହାପାତ୍ର, ଗ୍ରନ୍ଥମନ୍ଦିରଙ୍କ ଦ୍ୱାରା ପ୍ରଥମେ ୧୯୫୮ ମସିହାରେ ଏହା ପୁସ୍ତକ ରୂପେ ପ୍ରକାଶ ପାଇଥିଲା। ପ୍ରଥମ ଓଡ଼ିଆ ଆତ୍ମଜୀବନୀ ଭାବରେ ଏହି ଗ୍ରନ୍ଥଟି ୧୯୬୧ ମସିହାରେ 'କେନ୍ଦ୍ର ସାହିତ୍ୟ ଏକାଡେମୀ' ଦ୍ୱାରା ପୁରସ୍କାର ଲାଭ କରିଥିଲା।

ଗୋଦାବରୀଶଙ୍କ ଆତ୍ମଚରିତ କେବଳ ତାଙ୍କ ବ୍ୟକ୍ତିଗତ ଜୀବନର ବ୍ୟାଖ୍ୟାନ ନୁହେଁ, ବରଂ ତାହା ହେଉଛି ଉତ୍କଳୀୟ ଜାତୀୟ ଜୀବନର କ୍ରମବିକାଶର ଗୌରବପୂର୍ଣ୍ଣ ଆଖ୍ୟାନ। ଆତ୍ମମୁଗ୍ଧତାର ଖୁବ୍ ଦୂରରେ ଠିଆ ହୋଇ, ଅତିଶୟୋକ୍ତିକୁ ପରିହାର କରି ସେ ଯାହା କହିଛନ୍ତି ସତ କହିଛନ୍ତି। ଜୀବନର ଅତ୍ୟନ୍ତ ଗୋପନ କଥା ଓ ବ୍ୟଥାକୁ ନିର୍ବିକାର ଭାବରେ ଜାତି ଆଗରେ ପରସିଦେଇଛନ୍ତି। ତେଣୁ ତାଙ୍କ ଆତ୍ମଜୀବନୀରେ ଆଲୁଅ ଯେତିକି ସୁନ୍ଦର ଲାଗେ ଅନ୍ଧାର ତାଠୁ ଢେର ମନୋହର ମନେହୁଏ। ■

ବାଜିରାଉତ ସ୍ମୃତି ମହାବିଦ୍ୟାଳୟ
ଭୁବନ, ଢେଙ୍କାନାଳ

**ଆଇନଜୀବୀ ପୀତବାସ ହତ୍ୟା ମାମଲା**

# ପିଣ୍ଟୁଙ୍କ ସର୍ତ୍ତମୂଳକ ଖଲାସ ପାଇଁ ପିଟିସନ ଦାଖଲ

ବ୍ରହ୍ମପୁର, ୨୨।୧୧ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ଅଭିଯୁକ୍ତ ତଥା ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁ ଦାଶଙ୍କୁ ସର୍ତ୍ତମୂଳକ ଖଲାସ କରିବାକୁ ସ୍ଥାନୀୟ ଏସ୍‌ଡିଜେଏମଙ୍କ କୋର୍ଟରେ ପିଟିସନ ଦାଖଲ ହୋଇଛି। ପିଣ୍ଟୁଙ୍କ ପକ୍ଷରୁ ତାଙ୍କ ଓକିଲ କୈଳାଶ ପଣ୍ଡା ଏହି ପିଟିସନ ଦାଖଲ କରିଥିବା ଜଣାପଡ଼ିଛି। ପୀତବାସ ହତ୍ୟା ମାମଲାରେ ପୁଲିସ ପିଣ୍ଟୁଙ୍କୁ ଅଭିଯୁକ୍ତ ଦର୍ଶାଇ ଗିରଫ କରିଥିବା ବେଳେ କୌଣସି ବିଶ୍ୱାସଯୋଗ୍ୟ ତଥ୍ୟ ଓ ପ୍ରମାଣ ଦାଖଲ କରିନଥିବା ପିଟିସନରେ ଅଭିଯୋଗ କରାଯାଇଛି। ତେଣୁ, ପିଣ୍ଟୁଙ୍କ ଗିରଫ ବେଆଇନ ଦର୍ଶାଇ ତାଙ୍କୁ ସର୍ତ୍ତମୂଳକ ଭାବେ ଖଲାସ କରିବାକୁ ଆବେଦନ କରାଯାଇଛି। ପିଣ୍ଟୁଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ତାଙ୍କୁ ବ୍ରହ୍ମପୁର ଜେଲରୁ ଫୁଲବାଣୀ ମଣ୍ଡଳ କାରାଗାରକୁ ସ୍ଥାନାନ୍ତର କରାଯାଇଛି। ସ୍ଥାନୀୟ ଏସଡିଜେଏମଙ୍କ କୋର୍ଟରେ ଦାଖଲ ପିଟିସନର ଶୁଣାଣି ହୋଇସାରିଥିବା ବେଳେ ସରକାରୀ ଓକିଲ ରାଜେନ୍ଦ୍ର ସାବତ ଏହାକୁ ବିରୋଧ କରିଥିଲେ। ଶୁଣାଣି ଶେଷ ହୋଇଥିବା ବେଳେ ରାୟ ସ୍ଥଗିତ ରହିଛି।

ପ୍ରକାଶଯୋଗ୍ୟ, ଏହି ମାମଲାରେ ଗିରଫ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ଓ ଆଇନଜୀବୀ ମଦନ ଦଳେଇଙ୍କ ପକ୍ଷରୁ ସେମାନଙ୍କ ଓକିଲ ମଧ୍ୟ ଅନୁରୂପ ପିଟିସନ ଦାଖଲ କରିଥିଲେ। ତେବେ ଏସ୍‌ଡିଜେଏମ୍ କୋର୍ଟଙ୍କର ଏହା କ୍ଷମତା ବାହାରେ ଥିବା ଦର୍ଶାଇ ଉଭୟ ପିଟିସନକୁ ଖାରଜ କରିଦେଇଥିଲେ। ଉକ୍ତ ରାୟକୁ ହାଇକୋର୍ଟରେ ଚାଲେଞ୍ଜ କରାଯାଇଥିବା ବେଳେ ପିଣ୍ଟୁଙ୍କ କ୍ଷେତ୍ରରେ ମଧ୍ୟ ଅନୁରୂପ ତଥା ଆଇନଗତ ଲଢ଼େଇ ଜାରି ରହିବ ବୋଲି ତାଙ୍କ ଓକିଲ କୈଳାଶ ପଣ୍ଡା ସ୍ପଷ୍ଟ କରିଛନ୍ତି।

# ରାଜ୍ୟରେ ବଢୁଛି ବିଦେଶୀ ନିଶାଦ୍ରବ୍ୟର ଚାହିଦା

ଭୁବନେଶ୍ୱର,୨୨।୧୧(ସମିସ): ରାଜ୍ୟରେ ନିଶା କାରବାର ବଢ଼ିବାରେ ଲାଗିଛି। ଗଳିକନ୍ଦିରେ ଗଞ୍ଜେଇ ଓ ବ୍ରାଉନସୁଗର ମିଳିବା ସମସ୍ତଙ୍କ ଚିନ୍ତା ବଢ଼ାଇଲାଣି। ହେଲେ ନିଶା ବେପାରୀଙ୍କୁ ମାତ୍ ଦେବାକୁ ଜାଲ ବିଛାଇଛି ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସଟିଏଫ୍)। ଅପରେସନ 'ପ୍ରହାର' ଓ 'ବଜ୍ର' ମାଧ୍ୟମରେ ନିଶା ମାଫିଆଙ୍କୁ ସାବାଡ଼ କରିବାକୁ ଉଦ୍ୟମ ଚଳାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ସ୍ଥାନୀୟ ପୁଲିସ ସହାୟତାରେ ଚଢ଼ଉ କରାଯାଉଛି।

ପ୍ରାପ୍ତ ତଥ୍ୟ ମୁତାବକ, ଗତ ୧୦ ମାସ ମଧ୍ୟରେ ବିପୁଳ ପରିମାଣର ନିଶାଦ୍ରବ୍ୟ ଜବତ କରିଛି ଏସଟିଏଫ୍। ଚଳିତବର୍ଷ ଅକ୍ଟୋବର ମଧ୍ୟରେ ୧୪ କିଲୋ ବ୍ରାଉନସୁଗର ଜବତ ହୋଇଥିବା ବେଳେ ୫୨୪ ଜଣ ନିଶା ମାଫିଆଙ୍କୁ କାବୁ କରିଛି। ସେହିପରି ୧୬୪୧ ନିଶା ବେପାରୀଙ୍କୁ ଗିରଫ କରି ସେମାନଙ୍କଠାରୁ ୧୮୭୭ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଓ ବ୍ରାଉନସୁଗର ଜବତ ହୋଇଥିବା ବେଳେ ନିଶାଡ଼ିଙ୍କ ଅନ୍ୟତମ ମାଧ୍ୟମ ପାଲଟିଥିବା କଫ୍ ସିରପ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ମୋଟ ୭୩ ହଜାର ୧୮୧ ବୋତଲ କଫ୍ ସିରପ ଜବତ ହେବା ସହ ୧୮୧ ଅଭିଯୁକ୍ତ ବନ୍ଧା ହେଲେଣି। ଗତ ଦୁଇ ଦିନ ମଧ୍ୟରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଓ ଭୁବନେଶ୍ୱର ଅବକାରୀ ବିଭାଗ ରାଜଧାନୀରୁ ୯ ଶହ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଛି। ନୂଆବର୍ଷ ଆସୁଥିବାରୁ ନିଶା ମାଫିଆମାନେ ବସ୍ତିରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ ଓ ବାର୍‌ଠାରୁ ପବ୍ ଯାଏଁ ଜାଲ ବିଛାଇଲେଣି। କିନ୍ତୁ ନିଶା

**■ ଡିଆର୍‌ଆଇ, ଏନ୍‌ସିବି ସହ ଯୋଗାଯୋଗରେ ଏସ୍‌ଟିଏଫ୍**
**■ 'ପ୍ରହାର' ଓ 'ବଜ୍ର'ରେ ନିଶା ମାଫିଆଙ୍କ ଅଣ୍ଟା ଭାଙ୍ଗିବାକୁ ପ୍ରୟାସ**

ମାଫିଆଙ୍କୁ ସାବାଡ଼ କରିବାକୁ ଉଦ୍ୟମ ଆରମ୍ଭ କରିଛି ଏସଟିଏଫ୍। ବିଶେଷକରି ଶିକ୍ଷାନୁଷ୍ଠାନ ନିକଟରେ ନିଶାଦ୍ରବ୍ୟ ବିକ୍ରି କରୁଥିବା ବେପାରୀଙ୍କ ତାଲିକା କରାଯାଇଛି। ସେମାନଙ୍କ ମଧ୍ୟରୁ କେତେଜଣ ଜେଲ୍‌ରେ ରହିଛନ୍ତି ଓ କେଉଁମାନେ ବାହାରେ ଅଛନ୍ତି, ସେନେଇ ଯାଞ୍ଚ ଚାଲିଛି। ପୂର୍ବରୁ ଗିରଫ ହୋଇ ଏବେ ଜାମିନରେ ଥିବା ନିଶା ମାଫିଆଙ୍କ ଉପରେ କଡ଼ା ନଜର ରଖାଯାଇଛି।

ସେପଟେ କିଛିଦିନ ହେବ ବିଦେଶୀ ନିଶାରେ ମତୁଆଲା ହେଉଛନ୍ତି ରାଜଧାନୀର ଯୁବପିଢ଼ି। ଗତ କିଛିଦିନ ମଧ୍ୟରେ ରାଜଧାନୀରୁ ସିନ୍ଥେଟିକ୍ ଡ୍ରଗ୍ସ ଓ ମାରିଜୁଆନା ଜବତ ହେବାପରେ ଏଭଳି ଘଟଣା ସ୍ପଷ୍ଟ ହୋଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ନୋଡାଲ ଏଜେନ୍ସି ଭାବେ ଏସଟିଏଫ୍ ଏହି ଘଟଣାର ତଦନ୍ତ କରୁଛି। ବିଦେଶରୁ ଆସୁଥିବା ନିଶାଦ୍ରବ୍ୟରେ ରୋକ୍ ଲଗାଇବା ପାଇଁ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ) ଓ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି) ସହ ଏସଟିଏଫ୍ ଯୋଗାଯୋଗରେ ରହିଛି। ଏୟାରପୋର୍ଟ ଉପରେ ନଜର ରଖିବା ସହ ବିଦେଶରେ ଥିବା ମୂଳ ନିଶା ମାଫିଆଙ୍କ ପାଖରେ ପହଞ୍ଚିବାକୁ ଉଦ୍ୟମ ଚଳାଇଛି। ନିଶା କାରବାର ବିରୋଧରେ ଚାଲିଥିବା ଏହି ଧରପଗଡ଼ ଆଗକୁ ଜୋରଦାର କରାଯିବ ବୋଲି ଏସଟିଏଫ୍‌ର ଅତିରିକ୍ତ ଏସ୍‌ପି ସଞ୍ଜୀବ ଶତପଥୀ କହିଛନ୍ତି।

# ମା'ର ବେକ କାଟି ମାରିଦେଲା

ସେମିଳିଗୁଡ଼ା, ୨୨।୧୧ (ସମିସ): ମା'ର ବେକ କାଟି ମାରିଦେଲା ପୁଅ। କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ଥାନା ଅଧୀନ ଉପରସାହିରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଭାନୁ ଖରା। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ପୁଅ ବଳରାମ ଖରାକୁ ଗିରଫ କରି କୋର୍ଟଚାଲାଣ କରିଛି।

ପୁଲିସ ସୂଚନାନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ମା'-ପୁଅଙ୍କ ମଧ୍ୟରେ କୌଣସି କାରଣରୁ କଥା କଟାକଟି ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବଳରାମ ଏକ ଧାରୁଆ ଅସ୍ତ୍ରରେ ଭାନୁଙ୍କ ବେକ କାଟି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ଭାନୁଙ୍କ ଭଣଜା ରାମଚନ୍ଦ୍ର ଖରା ଅଭିଯୋଗ କରିବା ପରେ କୋରାପୁଟ ସାଇଣ୍ଟିଫିକ ଟିମ୍ ସହ ସେମିଳିଗୁଡ଼ା ଥାନା ଅଧିକାରୀ ଅନିତା କୁଜୁର ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପୁଲିସ ଭାନୁଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଛି। ଏହାସହ ଅଭିଯୁକ୍ତ ବଳରାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

**■ ସ୍କୁଲ ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା**

# ୪ ନାବାଳକ ଜେଜେବିରେ ହାଜର

ବ୍ରହ୍ମପୁର, ୨୨।୧୧(ସମିସ): ଏକ ସରକାରୀ ସ୍କୁଲରେ ୯ମ ଶ୍ରେଣୀର ପଢୁଥିବା ଜଣେ ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ବୈଦ୍ୟନାଥପୁର ଥାନା ପୁଲିସ ୪ଜଣ ନାବାଳକଙ୍କୁ ଧରିବା ସହ ଘଟଣାରେ ବ୍ୟବହୃତ ଲୁହା ପଞ୍ଚ୍ ଜବତ କରିଛି। ଶନିବାର ୪ ନାବାଳକଙ୍କୁ ଜେଜେବିରେ ହାଜର କରାଯାଇଥିଲା। ପରେ ସେମାନଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଅଭିଯୋଗକାରୀଙ୍କ ୧୫ ବର୍ଷର ପୁଅ ଉକ୍ତ ଥାନା ଅଞ୍ଚଳରେ ଥିବା ଏକ ସରକାରୀ ସ୍କୁଲରେ ପଢ଼ନ୍ତି। ଗତ ୨୦ ତାରିଖ ଅପରାହ୍ଣରେ ଉକ୍ତ ଛାତ୍ରଜଣଙ୍କ ସ୍କୁଲରୁ ଘରକୁ ଫେରୁଥିବା ବେଳେ ସମ୍ପୃକ୍ତ ୪ନାବାଳକଙ୍କ ମଧ୍ୟରୁ ଜଣେ ତାଙ୍କୁ ଗାଡ଼ିରେ ବସାଇ ନେଇ ଏମ୍‌କେସିଜି ମେଡିକାଲ ନିକଟରେ ଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ରାସ୍ତାରେ ଓହ୍ଲାଇଥିଲେ। ସେଠାରେ ପୂର୍ବରୁ ଅନ୍ୟ ୩ଜଣ ନାବାଳକ ଛିଡ଼ା ହୋଇଥିଲେ। କୌଣସି ବିଷୟକୁ ନେଇ ସେମାନଙ୍କର ଯୁକ୍ତିତର୍କ ହୋଇଥିଲା। ପରେ ସେମାନେ ସଂଘବଦ୍ଧ ଭାବେ ନାବାଳକଙ୍କୁ ଆକ୍ରମଣ କରି ତାଙ୍କ ମୁଣ୍ଡ ଫଟାଇ ଦେଇଥିଲେ।

# ଜଗତସିଂହପୁରରୁ ଫେରାର ବାଂଲାଦେଶୀ ଅଳକୁଣ୍ଡରୁ ଗିରଫ

ବିଞ୍ଝାରପୁର/ପ୍ରୀତିପୁର,୨୨।୧୧(ସମିସ): ଜଗତସିଂହପୁର ଜିଲ୍ଲାରେ ବାଂଲାଦେଶୀଙ୍କୁ ଉଚ୍ଛେଦ କରାଯାଉଥିବା ସମୟରେ ପୁଲିସ ଉପରକୁ ଆକ୍ରମଣ ଘଟଣାରେ ସାମିଲ ଥିବା ଦୁଇ ଅଭିଯୁକ୍ତ ଯାଜପୁର ଜିଲ୍ଲା ଅଳକୁଣ୍ଡ ଥାନା ଅଞ୍ଚଳରୁ ଗିରଫ ହୋଇଛନ୍ତି। ଅଭିଯୁକ୍ତମାନେ ହେଲେ, ଜଗତସିଂହପୁର ଥାନା ଅନ୍ତର୍ଗତ ଧନୀପୁର ପଞ୍ଚାୟତ ତରିକୂଳ ଗ୍ରାମର ଦୁଇ ଭାଇ ସିକନ୍ଦର ଆଲାମ ଓରଫ ସିକୋ ଓ ଅବଦୁଲ ମୋତିଲିବ ଖାନ ଓରଫ୍ ଟିକି।



ଗତ ୧୬ ତାରିଖରେ ଜଗତସିଂପୁରରେ ବେଆଇନ ଭାବେ ରହୁଥିବା ବାଂଲାଦେଶୀମାନଙ୍କ ଉଚ୍ଛେଦ ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶମତେ ପୁଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହୋଇଥିଲା। ଅଭିଯୁକ୍ତଦ୍ୱୟ ବାଂଲାଦେଶୀମାନଙ୍କୁ ନିଜ ଘରେ ଆଶ୍ରୟ ଦେବା, ନିଜ ଘରେ ବିଭିନ୍ନ ପ୍ରକାର ମାରଣାସ୍ତ୍ର ରଖିବା, ବାଂଲାଦେଶୀ ମାନଙ୍କ ସହିତ ମିଶି ପୁଲିସ ଉପରେ ଆକ୍ରମଣ କରିବା ଭଳି ସଙ୍ଗୀନ ଅପରାଧରେ ସାମିଲ ଥିବା ନେଇ ଜଗତସିଂପୁର ପୁଲିସ ଜାଣିବାକୁ ପାଇଥିଲା। ଜଗତସିଂପୁର ପୁଲିସ ଏହି ଘଟଣାକୁ କେଶ ନଂ ୯୧୨/୨୫ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଅଭିଯୁକ୍ତଦ୍ୱୟ ଘଟଣା ପରଠାରୁ ଫେରାର ରହିଥିଲେ। ଅଭିଯୁକ୍ତଦ୍ୱୟ ଯାଜପୁର ଜିଲ୍ଲା ଅଳକୁଣ୍ଡ ଥାନା ଅଞ୍ଚଳରେ ଆତ୍ମଗୋପନ କରିଥିବା ଜଗତସିଂହପୁର ପୁଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ସ୍ଥାନୀୟ ଆରକ୍ଷୀ ନିରୀକ୍ଷକ ଶୁଭ୍ରଜିତ ଦାସଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍ ଓ ଅଳକୁଣ୍ଡ ଥାନାଧିକାରୀ ଦେବାଶିଷ ଶତପଥୀଙ୍କ ସହ ମିଶି ଶୁକ୍ରବାର ବିଳମ୍ବିତ ରାତିରେ ଅଳକୁଣ୍ଡ ଅଞ୍ଚଳର ସେକ୍ ମୁସଲିମ ଓରଫ ମୋତିଙ୍କ ଘର ଉପରେ ମିଳିତ ଚଢ଼ଉ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲେ। ତେବେ କେଉଁ ପରିସ୍ଥିତିରେ ଫେରାର ବାଂଲାଦେଶୀଙ୍କୁ ଏଠାରେ ଶରଣ ଦିଆଯାଇଥିଲା ଏବଂ ଉଭୟଙ୍କ ମଧ୍ୟରେ କ'ଣ ସଂପର୍କ ରହିଛି ପୁଲିସ୍ ତାର ଖୋଳତାଡ଼ କରୁଛି।

**■ ପୁଲିସ ଏସ୍‌ଆଇ କେଳେଙ୍କାରୀ ମାମଲା**

# ଚୌଦ୍ୱାର ଜେଲ୍‌କୁ ଯିବେ ଶଙ୍କର, ସହଯୋଗୀ!

ବ୍ରହ୍ମପୁର, ୨୨।୧୧(ସମିସ): ପୁଲିସ ଏସ୍‌ଆଇ କେଳେଙ୍କାରୀ ମାମଲାର ତଦନ୍ତ ଭାର ବର୍ତ୍ତମାନ ସିବିଆଇ ଅଧୀନରେ ରହିଛି। ଏହି ମାମଲା ସିବିଆଇ ନେବା ପରେ ଭୁବନେଶ୍ୱରସ୍ଥିତ ସିବିଆଇ କୋର୍ଟରେ ପହଞ୍ଚିବ। ପରେ ବ୍ରହ୍ମପୁର ଜେଲରେ ରହିଥିବା ଅଭିଯୁକ୍ତ ଶଙ୍କର ପୃଷ୍ଟି, ମୁନା ମହାନ୍ତି ଓ ଅନ୍ୟ ଅଭିଯୁକ୍ତଙ୍କ ଠିକଣା ବଦଳିବ ବୋଲି ଜଣାପଡ଼ିଛି। ଚୌଦ୍ୱାର ଜେଲକୁ ଯିବେ ଶଙ୍କର ଓ ତାର ସହଯୋଗୀ। ଅନ୍ୟପକ୍ଷରେ, ସିବିଆଇ ଡାକିପାରେ ୨ ଜଣ ତଦନ୍ତଧିକାରୀ ଡ଼ିଏସପିଙ୍କୁ। ସେମାନେ ହେଲେ, ବ୍ରହ୍ମପୁର ପୁଲିସ ଜିଲ୍ଲାର ଡିଏସ୍‌ପି ବିବେକାନନ୍ଦ ସ୍ୱାଇଁ ଓ କ୍ରାଇମବ୍ରାଞ୍ଚ ଡିଏସ୍‌ପି ରତ୍ନପ୍ରଭା ଶତପଥୀ। ବ୍ରହ୍ମପୁର ପୁଲିସ ଏହି ରାକେଟର ପର୍ଦ୍ଦାଫାସ୍ କରିଥିଲା। ସେତେବେଳେ ଏହି ଘଟଣାର ତଦନ୍ତ ଅଧିକାରୀ ରହିଥିଲେ ଡିଏସ୍‌ପି ବିବେକାନନ୍ଦ ସ୍ୱାଇଁ। ପରେ ଏହି ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ କରିଥିଲା। ସେତେବେଳେ କ୍ରାଇମବ୍ରାଞ୍ଚ ଡିଏସ୍‌ପି ରତ୍ନପ୍ରଭା ଶତପଥୀ ତଦନ୍ତ କରି ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟି, ମୁନା ମହାନ୍ତିଙ୍କ ସମେତ ମୋଟ ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥଲେ। ବର୍ତ୍ତମାନ ବ୍ରହ୍ମପୁର ଜେଲରେ ଏସଆଇ ପରୀକ୍ଷା କେଳେଙ୍କାରୀର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି, ସିଲିକନ ପ୍ରାଇଭେଟ୍ ଲିମିଟେଡ୍ ମାଲିକ ସୁରେଶ ଚନ୍ଦ୍ର ନାୟକ, ଦଲାଲ ଅରବିନ୍ଦ ଦାସ ଓ ଏଜେଣ୍ଟ ସାଗର ଗୌଡ, ବିଶ୍ୱରଂଜନ ବେହେରା, ଅଭିମନ୍ୟୁ ଦୋରା, ପ୍ରିୟଦର୍ଶିନୀ ସାମଲ, ମୁନା ମହାନ୍ତି, ଶ୍ରୀକାନ୍ତ ମହାରଣା, ଅହମ୍ମଦ ଖାନ ଓ ଲୋକନାଥ ସାହୁ ରହିଛନ୍ତି। ଖୁବଶୀଘ୍ର ସିବିଆଇ ଶଙ୍କର, ମୁନା, ଅରବିନ୍ଦ ସମେତ ୫ରୁ ଊର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ପର୍ଯ୍ୟାୟକ୍ରମେ ରିମାଣ୍ଡରେ ନେଇ ମୁହାଁମୁହିଁ ଜେରା କରିବ ବୋଲି ଜଣାପଡିଛି। ଅଧିକ ତଥ୍ୟ ଜାଣିବା ପାଇଁ ସିବିଆଇ ଉପରୋକ୍ତ ଦୁଇ ତଦନ୍ତଅଧିକାରୀ ଡିଏସପିଙ୍କୁ ଡାକିପାରେ।

**୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା**

# ଓଡ଼ିଶା ପାଲଟିଛି ଦେଶର ସର୍ବପ୍ରଥମ ସିଲିକନ୍ ସେମି-କଣ୍ଡକ୍ଟର୍ ହବ୍ : ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର୨୨।୧୧(ସମିସ): ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୦୨୫ର ନବମ ଦିବସରେ ଭାରତ ମଣ୍ଡପମ ପରିସରସ୍ଥ ମୁକ୍ତାକାଶ ନାଟ୍ୟଶାଳାରେ ଆଜି ଆୟୋଜିତ ଓଡିଶା ରାଜ୍ୟ ଦିବସ ସମାରୋହର ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ସମାରୋହକୁ ଉଦଘାଟନ କରିବା ସହିତ ଉତ୍କଳ ପ୍ରସଙ୍ଗ ଏବଂ ଓଡିଶା ରିଭ୍ୟୁ ପତ୍ରିକା ଦ୍ୱୟର ସ୍ୱତନ୍ତ୍ର ସଂଖ୍ୟାର ଶୁଭ ଉନ୍ମୋଚନ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ଓଡିଶା ମଣ୍ଡପ ପରିଦର୍ଶନରେ ଆସି ବିଭିନ୍ନ ବିଭାଗର ଷ୍ଟଲ୍



ଅଧିକାରୀ, ଶିଳ୍ପୀ ଓ ବୁଣାକାରଙ୍କ ସହ ବାର୍ତ୍ତାଳାପ କରି, ଓଡିଶାର ଗୌରବମୟ ଅତୀତକୁ ବଜାୟ ରଖିବା ସହ ଓଡିଶାକୁ ଆତ୍ମନିର୍ଭର ଓଡିଶାରେ ପରିଣତ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ମେକ-ଇନ-ଓଡିଶା କନକ୍ଲେଭ ମାଧ୍ୟମରେ ବିଶ୍ୱର ଶିଳ୍ପପତି ଓ ପୁଞ୍ଜିପତିମାନଙ୍କୁ ଓଡିଶା ପ୍ରତି ଆକର୍ଷିତ କରିବା ହେଉ, ଓଡିଶାର ସୁଦକ୍ଷ ଯୁବଗୋଷ୍ଠୀ ଓ ସେମାନଙ୍କ ଷ୍ଟାର୍ଟ-ଅପ ଉତ୍ପାଦକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ ହେଉ, ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶା ଉତ୍ତମ ପ୍ରଦର୍ଶନ କରି ଆସିଛି। ଓଡ଼ିଶା ଦେଶର ସର୍ବପ୍ରଥମ ସିଲିକନ୍ ସେମି କଣ୍ଡକ୍ଟର ହବ୍ ପାଲଟିଛି। ପ୍ରତ୍ୟେକ କ୍ଷେତ୍ରରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଓଡିଶାର ପ୍ରଗତିଶୀଳ ନୀତିକୁ ସମଗ୍ର ବିଶ୍ୱ ସକାରାତ୍ମକ ଦୃଷ୍ଟିରେ ଦେଖୁଛି ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମାଙ୍କ ସହ ବହୁ ସରକାରୀ ଅଧିକାରୀ ଓ ବିଜେପି ନେତା ଯୋଗ ଦେଇଥିଲେ।

# ୩ ହଜାର ଟଙ୍କା ଲାଞ୍ଚ; ୧୩ ବର୍ଷ ବିଚାର, ୩ ବର୍ଷ ଜେଲ

ଭୁବନେଶ୍ୱର,୨୨।୧୧(ସମିସ): ଏକ ଲାଞ୍ଚ କାରବାର ମାମଲାରେ ୧୩ବର୍ଷ ପରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ଅବସରପ୍ରାପ୍ତ କୃଷି ବିଭାଗର

**■ କୃଷି ବିଭାଗ ପୂର୍ବତନ ଯୁଗ୍ମ ସଚିବ ଦୋଷୀ ସାବ୍ୟସ୍ତ**
**■ ଜଳ ସମ୍ପଦ ବିଭାଗ ନିର୍ଦ୍ଦେଶକଙ୍କ ପିଏସ୍ ବି ଦୋଷୀ**

ଯୁଗ୍ମ ସଚିବ ବିଜୟ ଚନ୍ଦ୍ର ମହାପାତ୍ର ଓ ତତ୍‌କାଳୀନ ଜଳ ସମ୍ପଦ ବିଭାଗ ନିର୍ଦ୍ଦେଶକଙ୍କ ବ୍ୟକ୍ତିଗତ ସଚିବ(ପିଏସ୍) ବେଣୁଧର ମହାନ୍ତି। ପାସ୍‌ପୋର୍ଟ ଭେରିଫିକେସନ୍ ପାଇଁ ଅଭିଯୋଗକାରୀଙ୍କ ଠାରୁ ଲାଞ୍ଚ ନେବା ଅଭିଯୋଗରେ ଉଭୟଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ ବର୍ଷ ଜେଲ ଓ ଜୋରିମାନାରେ ଦଣ୍ଡିତ କରିଛନ୍ତି ଭୁବନେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍।

ସୂଚନା ଅନୁସାରେ ଚାକିରିରେ ଥିବାବେଳେ ଦୁଇ ବରିଷ୍ଠ ଅଧିକାରୀ ଲାଞ୍ଚ ନେଇଥିଲେ। ଦୋଷୀ ସାବ୍ୟସ୍ତ ହେଲା ବେଳକୁ ସେମାନେ ଅବସର ଗ୍ରହଣ କରି ସାରିଛନ୍ତି। ଏଣୁ ତାଙ୍କ ପେନସନ୍ ଅଟକାଇବାକୁ ଭିଜିଲାନ୍ସ ସରକାରଙ୍କୁ ଚିଠି ଲେଖିବ ବୋଲି ସୂଚନା ମିଳିଛି। ରଙ୍ଗଲାଲ୍ ଶଙ୍କର ରାଓ ନାମକ ଜଣେ ବ୍ୟକ୍ତି ତାଙ୍କ ବୋହୂର ତତ୍କାଳ ପାସପୋର୍ଟ ଭେରିଫିକେସନ ଏହି ଦୁଇ ଲାଞ୍ଚୁଆ ଅଧିକାରୀ ପାଖକୁ ଯାଇଥିଲେ। ମାତ୍ର ଭେରିଫିକେସନ ପାଇଁ ସେମାନେ ଲାଞ୍ଚ ମାଗିଥିଲେ। ଶ୍ରୀ ମହାପାତ୍ର ୩ହଜାର ଓ ଶ୍ରୀ ମହାନ୍ତି ୧ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଭିଜିଲାନ୍ସ ଉଭୟଙ୍କୁ ମାଡି ବସିଥିଲା। ସେବେଠାରୁ ସେମାନଙ୍କ ବିରୋଧରେ କୋର୍ଟରେ ମାମଲା ଚାଲିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସଲିଳ କୁମାର ପ୍ରଧାନ, ବିଶ୍ୱରଞ୍ଜନ ରାଉତ ଏବଂ ଏପିପି ସୌମିତ୍ର ଘୋଷ ମାମଲା ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କେନ୍ଦ୍ରର ପ୍ରତ୍ୟାଖ୍ୟାନ...

ପଡିବ ନାହିଁ। ମାତ୍ର କେନ୍ଦ୍ର ଜିଏସଟି ପରିଷଦ କୋଇଲା ଉତ୍ପାଦନ ଉପରେ ଲାଗୁଥିବା ଜିଏସଟି କ୍ଷତିପୂରଣ ସେସ୍ ଟନ ପିଛା ୪୦୦ ଟଙ୍କା ପ୍ରଦାନ ସେପ୍ଟେମ୍ବର ୨୨ ତାରିଖରୁ ବନ୍ଦ କରିଦେଇଛନ୍ତି। ସେହିପରି କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଗତ ଅଗଷ୍ଟ ମାସରେ ଓସିପିଏଲକୁ ସୁନ୍ଦରଗଡ ଜିଲ୍ଲାର ଟାଙ୍ଗରଡିହି ଉତ୍ତର କୋଇଲାଖଣି ବାଣିଜ୍ୟ ଉଦ୍ଦେଶ୍ୟରେ ନିଲାମ କରିଛନ୍ତି। ପରିବର୍ତ୍ତିତ ପରିସ୍ଥିତିରେ ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିଦେଲେ ନିଲାମରେ ପାଇଥିବା ଖଣି ବ୍ୟାଜ୍ୟାପ୍ତି ହେବାସହ ରାଜ୍ୟର ପ୍ରବଳ ବ୍ୟବସାୟୀକ ଓ ଅର୍ଥନୈତିକ କ୍ଷତି ହେବ। ସେହିପରି ଦକ୍ଷତା ବୃଦ୍ଧିପାଇଁ ଏନଟିପିସି ଏକ ନୂତନ କୋଇଲା କମ୍ପାନୀ ଏନଏମଏଲ (ଏନଟିପିସି ମାଇନିଙ୍ଗ ଲିମିଟେଡ) ଗଠନ କରିଥିବାବେଳେ ଓଡ଼ିଶା ସରକାର କୋଇଲା ଉତ୍ପାଦନରେ ଦକ୍ଷ ଓ ଅଭିଜ୍ଞ ଥିବା ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିବା ନିଷ୍ପତ୍ତି ରାଜ୍ୟ ସ୍ୱାର୍ଥ ପରିପନ୍ଥୀ ବୋଲି ସେ ସେତେବେଳେ ନିଜ ଯୁକ୍ତିରେ ଦର୍ଶାଇଥିଲେ। ଏପରିସ୍ଥଳେ କୋଇଲା ମନ୍ତ୍ରାଳୟର ଉପରୋକ୍ତ ନିଷ୍ପତ୍ତିକୁ ଶ୍ରୀ ମହାପାତ୍ର ସ୍ୱାଗତ କରିଛନ୍ତି।

### ବୁଥ୍‌ୱାରୀ ତଦନ୍ତ...

ନେଇ ଆଲୋଚନା କରାଯାଇଛି। ୬୩ଟି ବୁଥରେ ଶାସକ ଦଳ ବିଭିନ୍ନ କୌଶଳ ପ୍ରୟୋଗ କରି ଲୋକଙ୍କୁ ଭୋଟ୍ ଦେବାକୁ ସୁଯୋଗ ଦେଇ ନାହାନ୍ତି। ବିଭିନ୍ନ ବାଟରେ ସେମାନେ ବିଜେଡିର ଭୋଟକୁ ଜୋର ଜବରଦସ୍ତ ନେଇଛନ୍ତି। ଏ ବିଷୟରେ ଦଳର ସଭାପତି ବିସ୍ତୃତ ଆଲୋଚନା କଲେ। ଖୁବଶୀଘ୍ର ଦଳ ଏ ନେଇ ପ୍ରତ୍ୟେକ ବୁଥୱାରୀ ତଦନ୍ତ, ତର୍ଜମା କରିବ। ଯେଭଳି ଭାବେ ସେମାନେ ଅନ୍ୟାୟ, ଅନୀତି ଦ୍ୱାରା ବିଜେଡିର ଭୋଟ ନେଇଛନ୍ତି, ତାହାକୁ ନେଇ ସାରା ଓଡ଼ିଶାବାସୀ ଆଶ୍ଚର୍ଯ୍ୟ ପ୍ରକାଶ କରୁଛନ୍ତି ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିପରି ବାକି ଥିବା ସାଂଗଠନିକ ପ୍ରକ୍ରିୟାକୁ ଶେଷ କରିବା ପାଇଁ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ସଂଗଠନକୁ ସୁଦୃଢ଼ କରିବା ପାଇଁ ସଭାପତି ଏକାଧିକ ପରାମର୍ଶ ଦେଇଥିବା ପ୍ରମିଳା କହିଛନ୍ତି। ଅପରପକ୍ଷେ ଆସନ୍ତା ଶୀତ ଅଧିବେଶନରେ ଦଳର ଆଭିମୁଖ୍ୟ ସମ୍ପର୍କରେ ମଧ୍ୟ ବୈଠକରେ ସମ୍ୟକ୍ ଆଲୋଚନା ହୋଇଛି। ଅଧିବେଶନରେ ଦଳ ରାଜ୍ୟସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଗୁଡ଼ିକ ଅତି ଶାଣିତ ଭାବରେ ଉତ୍ଥାପନ କରିବ ବୋଲି ଶ୍ରୀମତୀ ମଲ୍ଲିକ ସୂଚନା ଦେଇଛନ୍ତି। ଏହି ବୈଠକରେ ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ବିରୋଧୀ ଦଳ ନେତାଙ୍କ ରାଜନୈତିକ ସଚିବ ସନ୍ତୃପ୍ତ ମିଶ୍ର, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ ଦାସବର୍ମା, ନିରଞ୍ଜନ ପୂଜାରୀ, ସୁଦାମ ମାର୍ଣ୍ଡି ଓ ଟୁକୁନି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ନିଶା ନିବାରଣ...

ନିଶା ଅଭ୍ୟାସ ଆମେ ଦୂରେଇଦେବୁ ବୋଲି କହିଥିଲେ। ଗତ ୧୬ ତାରିଖରେ ଉକ୍ତ ନିଶା ନିବାରଣ କେନ୍ଦ୍ରରେ ପରିବାରଲୋକେ ମିଳନଙ୍କୁ ଛାଡ଼ିଥିଲେ। ପୁଅର ସ୍ୱାସ୍ଥ୍ୟବସ୍ଥା ଠିକଠାକ ଥିଲା। ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ସାଢ଼େ ଦୁଇଟାରେ ଉକ୍ତ କେନ୍ଦ୍ରର ପରିଚାଳକ ଫୋନ କରି ତାଙ୍କୁ ଏମ୍‌କେସିଜି ମେଡିକାଲ ଆସିବାକୁ କହିଥିଲେ। ମିଳନ ଅସୁସ୍ଥ ହେବାରୁ ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି କହିଥିଲେ। ମାତ୍ର ମେଡିକାଲରେ ପହଞ୍ଚି ପୁଅ ମରି ପଡ଼ିଥିବା ଦେଖିବାକୁ ପାଇଥିଲୁ। ମିଳନର ହାତ, ଗୋଡ଼ରେ କ୍ଷତ ଚିହ୍ନ ରହିଛି। ତାଙ୍କୁ ଉକ୍ତ କେନ୍ଦ୍ରର ପରିଚାଳକ ଓ ତାଙ୍କ ସହଯୋଗୀ ହତ୍ୟା କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ପ୍ରକାଶଥାଉ କି, ଗତ ୨ମାସ ତଳେ ସଦର ଥାନା ଅନ୍ତର୍ଗତ ଲାଠିରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ରହୁଥିବା ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ପରିବାର ଲୋକ ଅଭିଯୋଗ କରିଥିଲେ।

# ଶ୍ରୀମନ୍ଦିର ଅଧୀନକୁ ଆସିବ ଏମାର ମଠର ୫୬୭ ଖଣ୍ଡ ରୁପା ଇଟା

ପୁରୀ,୨୨।୧୧(ସମିସ): କ'ଣ ହେବ ଏମାର ମଠରୁ ମିଳିଥିବା ୫୬୭ ଖଣ୍ଡ ରୁପା ଇଟାର ଭାଗ୍ୟ? ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ଫେରିବ ନା ସେମିତି ପୁଲିସ ଅସ୍ତ୍ରାଗାର ଏବଂ ଜିଲ୍ଲା ଟ୍ରେଜେରୀରେ ରହିଯିବ? ଏମିତି ପ୍ରଶ୍ନ ସମସ୍ତଙ୍କ ମନରେ ଉଙ୍କି ମାରୁଥିବା ବେଳେ ଏହି ରୁପାଇଟା ଶ୍ରୀମନ୍ଦିର ଅଧୀନକୁ ଫେରିବ ବୋଲି ସମ୍ଭାବନା ଦେଖାଦେଇଛି। ଶୁକ୍ରବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏହା ଉପରେ ଆଲୋଚନା ହୋଇଥିବା ବେଳେ ଏଥିପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।



**■ ୨୦୧୧ରେ ୫୨୨ ଓ ୨୦୨୧ରେ ମିଳିଥିଲା ୪୫ ଖଣ୍ଡ**
**■ ପୁଲିସ ଅସ୍ତ୍ରାଗାର ଓ ଜିଲ୍ଲା ଟ୍ରେଜେରୀରେ ରହିଛି ରୁପା ଇଟା**

ଅତୀତରେ ଓଡ଼ିଶାର ସବୁଠୁ ଧନୀ ତଥା ବିତ୍ତଶାଳୀ ମଠ ଭାବେ ପରିଚିତ ଥିଲା ଏମାର ମଠ। ପ୍ରାୟ ୯୦୦ ବର୍ଷ ତଳର ଏହି ମଠ ବିପତ୍ତି ସମୟରେ ସହଯୋଗ ଓ ସହାୟତାର ହାତ ବଢାଉଥିଲା। ୨୦୧୧ ମସିହାରେ ଶ୍ରୀ ସମ୍ପ୍ରଦାୟର ଏହି ମଠ ରୁପା ଇଟାକୁ ନେଇ ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା। ସେତେବେଳେ ମଠରୁ ମିଳିଥିଲା ୫୨୨ ଖଣ୍ଡ ରୁପା ଇଟା। ୧୦ ବର୍ଷ ପରେ ୨୦୨୧ ଏପ୍ରିଲ ୧୦ ତାରିଖରେ ପୁଣିଥରେ ରୁପା ଇଟାକୁ ନେଇ ଚର୍ଚ୍ଚାକୁ ଆସିଥିଲା ଏହି ମଠ। କାରଣ ମଠରୁ ମିଳିଥିଲା ଆହୁରି ୪୫ ଖଣ୍ଡ ରୁପା ଇଟା।

କୋଟି କୋଟି ଟଙ୍କା ମୂଲ୍ୟର ଏହି ରୁପାଇଟା ସମ୍ପର୍କରେ ଜାଣିବାକୁ ହେଲେ ମନେ ପକାଇବାକୁ ପଡିବ ୨୦୧୧ ମସିହା କଥା। ସେତେବେଳେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ମଠର ଦୁଇଟି କୋଠରି ମରାମତି ଚାଲିଥିଲା। ସେଥିରେ ନିୟୋଜିତ ଠିକାଦାର ଏବଂ ଶ୍ରମିକ ମଠର ସିନ୍ଦୁକ ଭାଙ୍ଗି ରୁପାଇଟା ଚୋରି କରିଥିବା ଅଭିଯୋଗ ହୋଇଥିଲା। ଏହାପରେ ଆରମ୍ଭ ହୋଇଥିଲା ଖୋଳତାଡ। ଢେଙ୍କାନାଳର ଜଣେ ବ୍ୟକ୍ତିଙ୍କଠାରୁ ରୁପାଇଟା ଜବତ ହେବା ପରେ ସିଂହଦ୍ୱାର ପୁଲିସ ଗୋଟିଏ କୋଠିରରେ ଥିବା ସିନ୍ଦୁକରୁ ୫୨୨ ଖଣ୍ଡ ରୁପାଇଟା (ସେତେବେଳେ ଆନୁମାନିକ ମୂଲ୍ୟ ପ୍ରାୟ ୯୦ କୋଟି ଟଙ୍କା) ଜବତ କରିଥିଲା। ସେହି ରୁପାଇଟାଗୁଡ଼ିକ ବ୍ରିଟିଶ ଅମଳର ବୋଲି ଜଣାପଡ଼ିଥିଲା। ଆଇନଗତ ବିବାଦରେ ଛନ୍ଦି ହେବା ପରେ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାହାକୁ ଜିଲ୍ଲା ପୁଲିସ ଅସ୍ତ୍ରାଗାରରେ ରଖାଯାଇଛି। ହେଲେ ୧୪ବର୍ଷ ପରେ ବି ଏହାର ତଦନ୍ତ ପ୍ରକ୍ରିୟା ଆଗକୁ ବଢ଼ିପାରି ନାହିଁ। ଇତିମଧ୍ୟରେ ୧୦ରୁ ଅଧିକ ତଦନ୍ତ ଅଧିକାରୀ ଓ ଏସ୍‌ପି ଏଠାରୁ ଅନ୍ୟତ୍ର ବଦଳି ହୋଇସାରିଲେଣି। ମାତ୍ର ରୁପା ଇଟା ଏବେ ବି ରହସ୍ୟମୟ ହୋଇପଡ଼ିଛି। ଏହି ଘଟଣାରେ ପୁଲିସ କେବଳ ଢେଙ୍କାନାଳର ଦୁଇଜଣ ଶ୍ରମିକ, ମଠ ମହନ୍ତ, ଚେଲା, ଜୁଏଲାରୀ ମାଲିକ ଓ କିଛି ବ୍ୟବସାୟୀଙ୍କୁ ଗିରଫ କରିଥିବା ବେଳେ ପ୍ରସଙ୍ଗକୁ ଏବେ ପ୍ରାୟ ଭୁଲିଯିବାକୁ ଲାଗିଲେଣି।

ସେହିପରି ୨୦୨୧ ଏପ୍ରିଲ ୧୦ ତାରିଖରେ ନୂତନ ଟ୍ରଷ୍ଟବୋର୍ଡକୁ ମଠ ପରିଚାଳନା ଦାୟିତ୍ୱ ହସ୍ତାନ୍ତର ସମୟରେ ମହନ୍ତଙ୍କ ଜିମା ଦିଆଯାଇଥିବା ଜିନିଷପତ୍ରକୁ ପୂର୍ବ ତାଲିକା ସହ ମେଳକ କରାଯାଉଥିଲା। ଏହି ସମୟରେ ମଠର ଏକ ବନ୍ଦ କୋଠରିର ପୋତାଯାଇଥିବା ୪୫ ଖଣ୍ଡ ରୁପା ଇଟା ଖୋଳି ବାହାର କରାଯାଇଥିଲା। ପରେ ଏହାକୁ ଜିଲ୍ଲା ଟ୍ରେଜେରୀକୁ ନିଆଯାଇ ରଖାଯାଇଛି।

ବିଭିନ୍ନ ସମୟରେ ଏମାର ମଠରୁ ମିଳିଥିବା ରୁପା ଇଟାକୁ ଶ୍ରୀମନ୍ଦିର ଅଧୀନକୁ ଆଣିବାକୁ ଦାବି ଉଠିଛି। ଏହି ପ୍ରସଙ୍ଗକୁ ଗୁରୁତର ଭାବେ ଗ୍ରହଣ କରିଛି ଶ୍ରୀମନ୍ଦିର ପରିଚାଳନା କମିଟି। ଶୁକ୍ରବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏହା ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ କହିଥିଲେ ଯେ, ଏମାର ମଠରୁ ଉଦ୍ଧାର ରୁପା ଇଟା ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି। ରୂପା ଇଟା କିଭଳି ମହାପ୍ରଭୁଙ୍କ ଅଧୀନକୁ ଆସିବ ସେ ନେଇ ରାଜ୍ୟ ସରକାରଙ୍କ ସ୍ତରରେ ମଧ୍ୟ ଆଲୋଚନା ହୋଇଛି। ଏ ନେଇ ପ୍ରକ୍ରିୟା ଚାଲିଛି। ନିୟମ ଅନୁସାରେ ମନ୍ଦିର ପ୍ରଶାସନ ଅଧୀନକୁ ଏହି ରୂପା ଇଟା ଅଣାଯିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢୀ।


**AFFIDAVIT**

By virtue of an Affidavit no. 6579 sworn before the Executive Magistrate, Puri on 11/11/2025 that I, Madhabi Das, D/o- Shyam Sundar Barik, resident of Dolamandap Sahi, Puri, declare that my correct name is Madhabi Das and date of birth is 11/02/1969 as per my Aadhaar Card. In my Family Pension Record, my name is listed as Madhvi and birth date as 11/02/1968. This is to correct all official records.

**AFFIDAVIT**

By virtue of an affidavit sworn before the Executive magistrate, Tangi Dist :Khordha CA No:651 dated 01/05/2025 , I Ranjit Kumar Pradhan ,S/o Narayan Pradhan resident of Village At- Balipatpur, Po-Bhusandpur,Ps- Tangi, Dist-Khordha,Odisha, Pin-752021.I have changed my name from Ranjay Pradhan to Ranjit Kumar Pradhan.Hence forth, I shall be known as RANJIT KUMAR PRADHAN for all future purposes.

Sd- Ranjit Kumar Pradhan

**NOTICE (for Minor)**

By virtue of an affidavit sworn before The Notary Public, Udala, Mayurbhanj, dated 15-11-2025 I, Janamuni Hembram , Address AT- Pathurikata, PO- Pathurikata, PS- Udala, Dist- Mayurbhanj, PIN-757085 declare that I have changed the name of my daughter from Sakra Beshra to Tejaswini Beshra. Henceforth, she shall be known as Tejaswini Beshra for all purposes.

Janamuni Hembram

**AFFIDAVIT**

By virtue of an affidavit of Notary Public, Morada on dtd-19/11/2025. It is declared and inform that my name Yasmita Mohanta has been sending by unique identification department by Aadhaar, India. Actually, my correct name is Jasmita Mohanta. Only letter should change J instead of Y whether all address has correct and same. As per guideline of Aadhar India. The paper advertisement and affidavit should submit in the Janaseva Kendra for the further publication of my Aadhar card. My Aadhaar No. is 381527519472.

ADMISSION NOTICE-2025-26

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

Campus:
262, Puranpadhan, Balakati, Bhubaneswar

Mob. 7019799641, 7978608747
9853801459
Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

● ସ୍ୱତନ୍ତ୍ର ଟିକଟ ଯାଞ୍ଚ ଅଭିଯାନ

## ବିନା ଟିକଟ ଯାତ୍ରାର ୩୪୫ ମାମଲା ଚିହ୍ନଟ

ବାଲେଶ୍ୱର,୨୨।୧୧(ସମିସ): ଦକ୍ଷିଣ ପୂର୍ବ ରେଳବାଇର ଖଡ଼ଗପୁର ଡିଭିଜନ ପକ୍ଷରୁ ଟ୍ରେନ୍ ନମ୍ବର ୧୨୮୬୦, ୧୨୮୪୧, ୧୨୭୦୩, ୧୨୭୦୪, ୧୨୦୭୪,



୧୨୮୨୮, ୨୨୫୦୪ ଏବଂ ଖଡ଼ଗପୁର-ବାଲେଶ୍ୱର-ଖଡ଼ଗପୁର ଏବଂ ଖଡ଼ଗପୁର-ହାଓ୍ୱଡ଼ା-ଖଡ଼ଗପୁର ରୁଟରେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଟ୍ରେନ୍ ସମେତ ଅନେକ ଟ୍ରେନ୍‌ରେ ସ୍ୱତନ୍ତ୍ର ଟିକଟ ଯାଞ୍ଚ ଅଭିଯାନ କରାଯାଇଛି। ସତର୍କତାକୁ ସୁଦୃଢ଼ କରିବା ଏବଂ ଯାତ୍ରୀଙ୍କ ଅନୁପାଳନ ସୁନିଶ୍ଚିତ କରିବା ପାଇଁ ବାଣିଜ୍ୟିକ ନିରୀକ୍ଷକ ଏବଂ ଟିକଟ ଯାଞ୍ଚ କର୍ମଚାରୀଙ୍କ ନେତୃତ୍ୱରେ ଦଳ ନିୟୋଜିତ କରାଯାଇଥିଲା। ଏହି ଅଭିଯାନ ସମୟରେ ଅନିୟମିତ ଯାତ୍ରା ଏବଂ ବିନା ଟିକଟ ଯାତ୍ରାର ମୋଟ ୩୪୫ ମାମଲା ଚିହ୍ନଟ ହୋଇଥିଲା। ରେଳବାଇ ଆଇନର ବ୍ୟବସ୍ଥା ଅନୁଯାୟୀ ଡିଭିଜନ ପକ୍ଷରୁ ଉଲ୍ଲଂଘନକାରୀଙ୍କଠୁ ୨,୧୬,୧୪୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ବାଣିଜ୍ୟିକ ବିଭାଗର ତତ୍ତ୍ୱାବଧାନରେ ବାଣିଜ୍ୟିକ ନିରୀକ୍ଷକ ଏବଂ ଯାଞ୍ଚ କର୍ମଚାରୀଙ୍କ ସମନ୍ୱିତ ପ୍ରୟାସ ସହିତ ଏହି ଅଭିଯାନ କରାଯାଇଥିଲା। ଏହି ପଦକ୍ଷେପର ଉଦ୍ଦେଶ୍ୟ ଥିଲା ବିନା ଟିକଟ ଯାତ୍ରାକୁ ରୋକିବା, ରାଜସ୍ୱ ସୁରକ୍ଷା ବୃଦ୍ଧି କରିବା ଏବଂ ଦାୟିତ୍ୱପୂର୍ଣ୍ଣ ଯାତ୍ରୀ ଆଚରଣକୁ ପ୍ରୋତ୍ସାହିତ କରିବା। ସମସ୍ତ ପ୍ରକୃତ ଯାତ୍ରୀଙ୍କ ପାଇଁ ନିରାପଦ, ନିରପେକ୍ଷ ଏବଂ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବା ପାଇଁ ଖଡ଼ଗପୁର ଡିଭିଜନ ନିୟମିତ ଭାବରେ ଏପରି ଯାଞ୍ଚ ଜାରି ରଖିବ।

## ୨୭ରୁ ଶ୍ରୀଭକ୍ତମାଳା କଥା

ବାଲେଶ୍ୱର,୨୨।୧୧(ସମିସ): ପ୍ରଖ୍ୟାତ ସନ୍ଥ ନଭ ଦାସଙ୍କ ବିରଚିତ ଭକ୍ତିରସବୋଧିନୀ ଟିକା, "ଶ୍ରୀ ଭକ୍ତମାଳା' ଅଧାରିତ ପ୍ରବଚନ କାର୍ଯ୍ୟକ୍ରମ ଆସନ୍ତା ୨୭ ତାରିଖଠାରୁ ସାତ ଦିନ ବ୍ୟାପୀ ସହରର ପୁରୁଣା ଷ୍ଟାଡିୟମ ପଡିଆରେ ଆୟୋଜତ ହେବାକୁ ଯାଉଛି। ଏଥିରେ କଥାବ୍ୟାସ ଭାବେ ଜଗତଗୁରୁ ଦ୍ୱାରାଚାର୍ଯ୍ୟ ମଲୁକପୀଠାଧିଶ୍ୱର ପରମପୂଜ୍ୟ ଶ୍ରୀ ରାଜେନ୍ଦ୍ର ଦାସ ଜୀ ମହାରାଜ ଯୋଗଦେବେ। କାର୍ଯ୍ୟକ୍ରମ ଆୟୋଜନ ନେଇ ବାଲେଶ୍ୱରର ମା ଭାରତୀ ଗୋ-ସେବା କେନ୍ଦ୍ର ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସ୍ୱାମୀ ମୁକୁନ୍ଦ କ୍ରିଷ୍ଣା ମହାରାଜ ଯୋଗଦେଇ ସପ୍ତଦିବସୀୟ କଥା କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ମା ଭାରତୀ ଗୋ-ସେବା କେନ୍ଦ୍ରର ସମ୍ପାଦକ ଜିତେନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କିଶନ ଗୋପାଲ ଶାରଦା, ଉମେଶ ଖଣ୍ଡେଲୱାଲ, କୁମୁଦ ରଞ୍ଜନ ଆଚାର୍ଯ୍ୟ, ପ୍ରେମ ପ୍ରକାଶ ହାଜରା, ରାଜେଶ ମହାପାତ୍ର ଓ ସ୍ୱାଧୀନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବିପଦରେ ସମୁଦ୍ର ତଟବର୍ତ୍ତୀ ଭୋଗରାଇବାସୀ





ବାଲେଶ୍ୱର(ଉତ୍ତର),୨୨।୧୧ (ସମିସ)

ବଙ୍ଗୋପସାଗର ତଟବର୍ତ୍ତୀ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ୧୦ରୁ ଅଧିକ ଗ୍ରାମବାସୀ ଏବେ ବିପଦରେ ଅଛନ୍ତି। ପ୍ରତିବର୍ଷ ନିୟମିତ ସାମୁଦ୍ରିକ ଜୁଆର ତଥା ପ୍ରାକୃତିକ ବିପର୍ଯ୍ୟୟ ବେଳେ ସମୁଦ୍ର ଅଶାନ୍ତ ରହୁଥିବାରୁ ଜୁଆର ପାଣି ମାଡ଼ରେ ତଟବର୍ତ୍ତି ଅଞ୍ଚଳ କ୍ଷତିଗ୍ରସ୍ତ ହେଉଛି। ଏପରିକି ଅନେକ ସମତଳ ଅଞ୍ଚଳରେ ଜୁଆର ପାଣି ଚାଷଜମିରେ ପ୍ରବେଶ କରୁଛି। ଏହାର ପ୍ରତିକାର ପାଇଁ ତତ୍କାଳୀନ ନବୀନ ସରକାରଙ୍କ ସମୟରେ ତାଳସାରୀ-ଭୂଷଣ୍ଡେଶ୍ୱର ତଟ ସୁରକ୍ଷା ପ୍ରକଳ୍ପ ନାମରେ ଏକ ପ୍ରକଳ୍ପ ହାତକୁ ନିଆଯାଇଥିଲା। ଏଥିପାଇଁ ବୈଷୟିକ ଅନୁମୋଦନ ମଧ୍ୟ ମିଳିସାରି ଥିଲା। ପରେ ଏହାର ପ୍ରଶାସନିକ ମଞ୍ଜୁରୀ ମିଳିବା ପରେ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥାନ୍ତା। ମାତ୍ର ସରକାର ବଦଳିବା ପରେ ଏହି ପ୍ରକଳ୍ପ ଏବେ ଶୀତଳ ଭଣ୍ଡାର ମଧ୍ୟରେ ରହିଛି। ସାଢ଼େ ୩ ବର୍ଷ ପରେ ମଧ୍ୟ ଏହା ଆଗେଇ ପାରୁନାହିଁ। ଏହି ପ୍ରକଳ୍ପର ମୂଳ ବ୍ୟୟ ଅଟକଳ ୨୧୫ କୋଟି ଟଙ୍କାରୁ ବଢ଼ି ଏବେ ୫୦୦ କୋଟି ଟଙ୍କାରେ ପହଞ୍ଚିଛି। ପ୍ରକଳ୍ପ କାମ ଆରମ୍ଭ ହେଉ ନ ଥିବାରୁ ସମୁଦ୍ରକୂଳିଆ ବାସୀ ଭୟରେ ଦିନ କାଟୁଛନ୍ତି।

ବାଲେଶ୍ୱର ଜିଲ୍ଲାର ଉଦୟପୁରଠାରୁ ଭୂଷଣ୍ଡେଶ୍ୱର ପର୍ଯ୍ୟନ୍ତ ୧୬ କିଲୋମିଟର ବେଳାଭୂମି ସମୁଦ୍ର ଜୁଆର ଦ୍ୱାରା କ୍ଷତିଗ୍ରସ୍ତ ହେଉଛି। ଜୁଆର ମାଡ଼ରେ ସ୍ଥଳଭାଗ, ଝାଉଁ ଜଙ୍ଗଲ, ଚାଷଜମି ଏବଂ ବାଲିଆଡ଼ିଆ କ୍ଷତିଗ୍ରସ୍ତ ହେଉଛି। ଉଦୟପୁରଠାରୁ ତାଳସାରୀ ଯାଏଁ ୪ କିମି ବେଳାଭୂମିରେ ତଟ ସୁରକ୍ଷା କାମ ସମ୍ପୂର୍ଣ୍ଣ ହୋଇଛି। ସୁଉଚ୍ଚ ପଥରବନ୍ଧ ଯୋଗୁ ଏହି ଅଞ୍ଚଳକୁ ସୁରକ୍ଷା ମିଳୁଛି। ତେବେ ତାଳସାରୀରୁ ଭୂଷଣ୍ଡେଶ୍ୱର ଯାଏଁ ଅବଶିଷ୍ଟ ୧୨ କିମି ଅଞ୍ଚଳରେ ଗମ୍ଭାରିଆ, ବିନ୍ଧା ପଦ୍ମପୁର, ମଙ୍ଗରାଜପୁର, କନ୍ୟାନଗରୀ, ଖଡିବିଲ, ବିଚିତ୍ରପୁର, ବଡ଼ପାହି, କୃଷ୍ଣନଗର, ନାରାଣ ମହାନ୍ତି ପଡ଼ିଆ, ଚନ୍ଦ୍ରାବାଲି, କୀର୍ତ୍ତନିଆ ଓ କୁମ୍ଭୀରଗଡ଼ି ଆଦି ଗାଁ ରହିଛି। ଏହିସବୁ ଗାଁ ସହ ଆଖପାଖର ଗାଁର ଅଧିବାସୀଙ୍କୁ ଡରାଉଛି ସମୁଦ୍ର। ସାମୁଦ୍ରିକ ଜୁଆର ମୁହଁରୁ ଏହି ଅଞ୍ଚଳକୁ ସୁରକ୍ଷା ଦେବା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ୨୧୫ କୋଟି ଟଙ୍କା ବ୍ୟୟ ଅଟକଳରେ ୯ଟି ତଟ ସୁରକ୍ଷା ପ୍ରକଳ୍ପ ପାଇଁ ଯୋଜନା ହୋଇଥିଲା। ସେଗୁଡ଼ିକ ହେଉଛି ତାଳସାରୀ ଜେଟିରୁ କୃଷ୍ଣନଗର (୩୧ କୋଟି), କୃଷ୍ଣନଗରରୁ କନ୍ୟାନଗରୀ (୨୨.୯୯ କୋଟି), କନ୍ୟାନଗରୀରୁ ବିଚିତ୍ରପୁର (୨୧.୭୦ କୋଟି), ବିଚିତ୍ରପୁରରୁ ବଡ଼ପାହି (୧୭.୮୦ କୋଟି), ବଡ଼ପାହିରୁ ମାଟିକେଞ୍ଚା (୨୫.୪ କୋଟି), ମାଟିକେଞ୍ଚାରୁ କୀର୍ତ୍ତନିଆ (୨୬.୩୯ କୋଟି), କୀର୍ତ୍ତନିଆରୁ ସାହାଡ଼ାବଣିଆ (୨୮.୬୩ କୋଟି), ସାହାଡ଼ାବଣିଆରୁ କୀର୍ତ୍ତନିଆ ଜଳପାହି (୨୧.୭୭ କୋଟି) ଏବଂ କୀର୍ତ୍ତନିଆ ଜଳପାହିରୁ ଭୂଷଣ୍ଡେଶ୍ୱର ମନ୍ଦିର (୧୯.୩୪ କୋଟି)। ୨୦୨୨ ମେ' ୭ରେ ଏହି ୯ଟି ପ୍ରକଳ୍ପକୁ ରାଜ୍ୟ ସରକାରଙ୍କ ୧୩୭ତମ ବୈଷୟିକ ପରାମର୍ଶଦାତା କମିଟି (ଟିଏସି) ମଞ୍ଜୁରି ଦେଇଥିଲା। ପ୍ରକଳ୍ପ କାର୍ଯ୍ୟକାରୀ ସମୟରେ ଯେପରି ଏହା ସ୍ଥାନୀୟ ପରିବେଶ ଉପରେ ବିଶେଷକରି ସାମୁଦ୍ରିକ ଜୀବ ଉପରେ କୌଣସି ପ୍ରଭାବ ପକାଇବ ନାହିଁ, ସେ ନେଇ ତର୍ଜମା କରିବାକୁ ପରାମର୍ଶ ଦିଆଯାଇଥିଲା। ଚେନ୍ନାଇସ୍ଥିତ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସେନ୍ ଟେକ୍ନୋଲୋଜିର ସହାୟତା ଓ ପରାମର୍ଶ ନେବାକୁ ଟିଏସି ପରାମର୍ଶ ଦେଇଥିଲା । କିନ୍ତୁ ଏହା ଭିତରେ ସାଢ଼େ ୩ ବର୍ଷ ବିତିଲାଣି ସେହିପରି, କୋଟିରେ ପ୍ରକଳ୍ପର ବ୍ୟୟ ଅଟକଳ ୫୦୦ ପହଞ୍ଚିଲାଣି। ତଥାପି ପ୍ରକଳ୍ପର ଅଗ୍ରଗତି ହୋଇ ନାହିଁ। ସବୁଠାରୁ ବଡ଼କଥା ହେଲା ପ୍ରକଳ୍ପର ସ୍ଥିତି ସମ୍ପର୍କରେ ଜଳେଶ୍ୱର ଜଳସମ୍ପଦ ବିଭାଗ ଉପଖଣ୍ଡ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ରଣକୋଠା ସେକ୍ସନ୍ ଅଫିସ୍‌ର କନିଷ୍ଠ ଯନ୍ତ୍ରୀଙ୍କ ନିକଟରେ କୌଣସି ସଠିକ ସୂଚନା ମଧ୍ୟ ନାହିଁ। ଅନ୍ୟପକ୍ଷରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ ଏ ନେଇ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ସହ କଥା ହୋଇଛି। ସିଆରଜେଡ ପକ୍ଷରୁ ସବୁଜ ସଙ୍କେତ ମିଳିପାରୁ ନ ଥିବାରୁ ପ୍ରକଳ୍ପ ଆଗେଇ ପାରୁ ନାହିଁ। ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟରେ ବିଜେପିର ଡବଲ ଇଞ୍ଜିନ ସରକାର ରହିଥିବାବେଳେ ଜୀବନ ପ୍ରତି ବିପଦ ଥିବା ହଜାର ହଜାର ସମୁଦ୍ର ତଟବର୍ତ୍ତି ଲୋକଙ୍କ ସୁରକ୍ଷା ଦେବାକୁ ଉଦ୍ଦିଷ୍ଟ ଏହି ମହତ୍ୱକାଂକ୍ଷୀ ପ୍ରକଳ୍ପକୁ ସିଆରଜେଡ ଅନୁମୋଦନ କରାଇ ତୁରନ୍ତ କାର୍ଯ୍ୟକାରୀ କରାଇବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

● ପୂର୍ବ ସରକାରଙ୍କ ଦ୍ୱାରା ବୈଷୟିକ ଅନୁମୋଦନକୁ ପୂରିଛି ସାଢ଼େ ୩ ବର୍ଷ

● ଆଗେଇ ପାରୁନି ତଟ ସୁରକ୍ଷା ପ୍ରକଳ୍ପ

● ୨୧୫ କୋଟି ପ୍ରକଳ୍ପ ଏବେ ପହଞ୍ଚିଛି ୫୦୦ କୋଟି

## ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପ୍ରତିଷ୍ଠା ଦିବସର ଚତୁର୍ଥ ସନ୍ଧ୍ୟା



ବାଲେଶ୍ୱର,୨୨।୧୧(ସମିସ): ଜୁମରନାଥ ପାତ୍ର ଓ ଶାନ୍ତିଲତା ପଣ୍ଡା ନଟ ଓ ନଟୀ ରୂପରେ ସ୍ରଷ୍ଟା ନାଟ୍ୟାଳୟର ମଞ୍ଚ ଉପରକୁ ଆସି ଅଭିନବ ଢଙ୍ଗରେ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ପ୍ରତିଷ୍ଠା ଦିବସର ଚତୁର୍ଥ ସନ୍ଧ୍ୟା ସମର୍ପିତ ହୋଇଥିଲା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କୁ। ସଙ୍ଗୀତ ନିର୍ଦ୍ଦେଶିକା କଲ୍ୟାଣୀ ନନ୍ଦ ତିନିଗୋଟି ଥାକରେ ତବଲା ବାଦକ ଲକ୍ଷ୍ମୀଧରଙ୍କ ସହ ମିଳିତଭାବରେ ହେମେନ୍ଦ୍ରଙ୍କ ଜୀବନୀ, ସାହିତ୍ୟ ଓ ପୁରସ୍କାର ସମ୍ବର୍ଦ୍ଧନାକୁ ଗୀତରେ ପ୍ରକାଶ କରିଥିଲେ। ଡ. ଶିରୀଶ ଚନ୍ଦ୍ର ଜେନା ନାଟ୍ୟକାରଙ୍କ ସାହିତ୍ୟିକ ଜୀବନର କଥା ଓ ନାଟ୍ୟକାର ପ୍ରଦୀପ ମିଶ୍ର ତାଙ୍କର ସାଂସାରିକ ଜୀବନର ଗାଥା ରମ୍ୟାତ୍ମକ ଢଙ୍ଗରେ ପ୍ରକାଶ କରିଥିଲେ। ନାଟ୍ୟକାର ହେମେନ୍ଦ୍ରଙ୍କ ଚରିତ୍ରଗୁଡ଼ିକୁ ନେଇ ଏକ ନାଟିକା ପଣ୍ଡିତ ସଂଜୟ କୁମାର ପଣ୍ଡା, ପ୍ରଭାକର ସାହୁ, ଲକ୍ଷ୍ମୀକାନ୍ତ ବେହେରା, ରିତେଶ ଦାଶ, ଜ୍ୟୋତ୍ସ୍ନା ରାୟ ମହାପାତ୍ର ଓ ଡ. ସମରବଲ୍ଲଭ ଭୋଇଙ୍କ ଅଭିନୟ ମାଧ୍ୟମରେ ରୂପାୟିତ ହୋଇଥିଲା। ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚନା, ନିରଞ୍ଜନ ରାଉତଙ୍କ ନିର୍ଦ୍ଦେଶନା ଓ ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳଙ୍କ ସ୍ମାରକତାରେ ନାଟକ ତାର ଅପୂର୍ବ କାରିଗରୀ ସୃଷ୍ଟି କରିଥିଲା। ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ସଭାପତିତ୍ୱରେ ବାଲେଶ୍ୱର ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତଙ୍କ କରକମଳରେ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ଓ ନାଟ୍ୟକାରଙ୍କ ପତ୍ନୀ ସୁଷମା ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ଶେଷରେ କଲ୍ୟାଣୀ ନନ୍ଦଙ୍କ ଧନ୍ୟବାଦ ଗୀତ ସମସ୍ତଙ୍କର ହୃଦୟକୁ ସ୍ପର୍ଶ କରିଥିଲା।

ହେମେନ୍ଦ୍ର ମହାପାତ୍ରଙ୍କ ସାହିତ୍ୟ ବିଚିତ୍ରା 'ହୈମ ହେମେନ୍ଦ୍ର'

## ଅନ୍‌ଲାଇନ ଟ୍ରେଡିଂ ପ୍ରଲୋଭନ ଦେଖାଇ ୫ଲକ୍ଷରୁ ଊର୍ଦ୍ଧ୍ୱ ଠକେଇ

ବାରିପଦା, ୨୨।୧୧(ସମିସ): ଅନଲାଇନ ଟ୍ରେଡିଂ ପ୍ରଲୋଭନ ଦେଖାଇ ୫ଲକ୍ଷରୁ ଊର୍ଦ୍ଧ୍ୱ ଠକେଇ ହୋଇଛି। ଏ ନେଇ ରାସଗୋବିନ୍ଦପୁର ଥାନା ଅଞ୍ଚଳର ସୁମିତ୍ରାଦେଈପୁର ଗ୍ରାମର ଭାଗ୍ୟସାରଥୀ ପଣ୍ଡା ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କୁ ଏକ ଅଜଣା ନମ୍ବରରୁ ୱାଟସହପ ଲିଙ୍କ ଆସିଥିଲା। ଯାହାକୁ ନେଇ ସେ ଏକ ଗ୍ରୁପରେ ଯୋଡ଼ିଥିଲେ। ଅନଲାଇନ ଟ୍ରେଡିଂ ଜରିଆରେ ଅଧିକ ଉପାର୍ଜନ କରିବାର ପ୍ରଲୋଭନ ଦେଖାଇ ଥିଲେ। ଏହାକୁ ନେଇ ପ୍ରଥମେ ୫୦ ହଜାର ଟଙ୍କା ଲଗାଇଥିଲେ। ଏହାପରେ ତାଙ୍କୁ କମିଶନ ମିଳିଛି ବୋଲି ପ୍ରଲୋଭିତ କରିଥିଲେ। ଯାହାକୁ ନେଇ ପର୍ଯ୍ୟାୟକ୍ରମରେ ସମୁଦାୟ ୫ ଲକ୍ଷ ୬୫ ହଜାର ଟଙ୍କା ଲଗାଇଥିଲେ।

## ଇପିଏଫ୍ ପେନ୍‌ସନ୍‌ଭୋଗୀଙ୍କ ବୈଠକ

● ଡିସେମ୍ବର ୯ ଓ ୧୦ରେ ଦିଲ୍ଲୀରେ ବିକ୍ଷୋଭ

ବାଲେଶ୍ୱର,୨୨।୧୧(ସମିସ): କେନ୍ଦ୍ର ସରକାରଙ୍କ ପରିଚାଳିତ ସଂସ୍ଥା ଭବିଷ୍ୟନିଧି ପାଣ୍ଠିରୁ ମାସିକ ପେନସନ ପାଉଥିବା ପେନସନର୍ସମାନଙ୍କ ବୈଠକ ସ୍ୱର୍ଗତ ଅରୁଣ ଦେ ସ୍ମୃତି ପରିଷଦ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅଲ ଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏସନର ବାଲେଶ୍ୱର ଜିଲ୍ଲା କମିଟିର ଉପସଭାପତି ହରିଶ୍ଚନ୍ଦ୍ର ସାହୁ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ସମ୍ପାଦକ ବିଷ୍ଣୁ ପ୍ରସାଦ ମହାନ୍ତି ଓ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ କେନ୍ଦ୍ର ଓ ରାଜ୍ୟସ୍ତରରେ ଆସୋସିଏସନ ଗ୍ରହଣ କରିଥିବା ବିଭିନ୍ନ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ। ସର୍ବନିମ୍ନ ମାସିକ ପେନସନ ୯ ହଜାର ଟଙ୍କା ଓ ସୁପ୍ରିମକୋର୍ଟଙ୍କ ଆଦେଶ ଅନୁଯାୟୀ ଅଧିକ ବେତନ ପାଉଥିବା କର୍ମଚାରୀଙ୍କୁ ଅଧିକ ପେନସନ



ଏବଂ ମାସିକ ପେନସନ ସହ ମହଙ୍ଗା ଭତ୍ତା ଦାବିରେ ଆସନ୍ତା ଡିସେମ୍ବର ୯ ଓ୧୦ ତାରିଖରେ ଦିଲ୍ଲୀରେ ସଂସଦ ଭବନ ସମ୍ମୁଖରେ ଗଣବିକ୍ଷୋଭ ପାଇଁ ନିଷ୍ପତ୍ତି ନିଆଯାଇଥିବା ନେଇ ସୂଚନା ଦେଇଥିଲେ। ଓଡ଼ିଶାର ରାଜଭବନ ସମ୍ମୁଖରେ ଗଣଧାରଣା ପ୍ରସ୍ତାବକୁ ସ୍ଥଗିତ ରଖାଯାଇଛି। ଦେଶର ସମସ୍ତ ରାଜ୍ୟର ରାଜ୍ୟପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆସନ୍ତା ଜାନୁୟାରୀ ମାସରେ ଗଣଧାରଣା ପାଇଁ ଏକ ପ୍ରସ୍ତାବ ଗୃହୀତ ହୋଇଛି। ଏହି ପ୍ରସ୍ତାବକୁ ରାଜ୍ୟ କମିଟିକୁ ପଠାଇବାକୁ ନିଷ୍ପତ୍ତି ନିଆଯାଇଛି। ନୂତନ ସଭ୍ୟ ଗ୍ରହଣ ଓ ପୁରାତନ ସଭ୍ୟମାନଙ୍କର ବାର୍ଷିକ ନବୀକରଣକୁ ଅଧିକ ଗୁରୁତ୍ୱ ଦେବାକୁ ଉପସ୍ଥିତ ସଭ୍ୟମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଆଲୋଚନାରେ ଶ୍ୟାମସୁନ୍ଦର ଜେନା, ଜଳଧର ପଣ୍ଡା, ନିତ୍ୟାନନ୍ଦ ନଟ, ଶରତ ଚନ୍ଦ୍ର ଦଳାଇ, ହରିହର ଆଚାର୍ଯ୍ୟ ଓ ଦୀପକ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ରତ୍ନାକର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଜାତୀୟ ଫାର୍ମାସୀ ସପ୍ତାହରେ ସଚେତନତା ଶୋଭାଯାତ୍ରା



ବାଲେଶ୍ୱର,୨୨।୧୧(ସମିସ): ନଭେମ୍ବର ୧୬ରୁ୨୨ ତାରିଖ ସମଗ୍ର ଦେଶରେ ୬୪ତମ ଜାତୀୟ ଫାର୍ମାସୀ ସପ୍ତାହ ପାଳିତ ହୋଇଥିବା ବେଳେ ବାଲେଶ୍ୱରର ସେରଗଡସ୍ଥିତ ନିତ୍ୟାନନ୍ଦ କଲେଜ ଅଫ ଫାର୍ମାସି ପକ୍ଷରୁ ଶୋଭାଯାତ୍ରା ଆୟୋଜନ ମାଧ୍ୟମରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଛି। ଫାର୍ମାସୀ ସପ୍ତାହ ପାଳନରେ ଚଳିତ ବର୍ଷର ଶୀର୍ଷକ "ଫାର୍ମାସିଷ୍ଟ ଏଜ୍ ଆଡଭୋକେଟ ଅଫ ଭ୍ୟାକ୍ସିନେସନ' ବା "ଟୀକାକରଣର ସମର୍ଥନରେ ଫାର୍ମାସିଷ୍ଟ'ର ବାର୍ତ୍ତାକୁ ନେଇ ବାଲେଶ୍ୱର ସହରରେ ଏହି ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ନିତ୍ୟାନନ୍ଦ କଲେଜ ଅଫ ଫାର୍ମାସିର ପରିଚାଳନା ସମିତି ଚେୟାରମ୍ୟାନ ଡ. ମନ୍ମଥ ବିଶ୍ୱାଳ ଓ ଭାଇସ ଚେୟାରମ୍ୟାନ ଅଭିଷେକ ବିଶ୍ୱାଳଙ୍କ ପରାମର୍ଶ କ୍ରମେ ନିର୍ଦ୍ଦେଶକ ଡାକ୍ତର ବିଜୟ କୁମାର ସାହୁ ଓ ଅଧ୍ୟକ୍ଷ ଡାକ୍ତର ଆଦିତ୍ୟ ଜେନାଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ସହରର ବିଭିନ୍ନ ରାସ୍ତା ପରିକ୍ରମା କରିଥିଲା। ଏହି ଅବସରରେ ଟୀକାକରଣର ଉପକାରିତା ଓ ଉପାଦେୟତା ସମ୍ପର୍କରେ ନିର୍ଦ୍ଦେଶକ ଡାକ୍ତର ସାହୁ ସୂଚନା ଦେଇଥିଲେ। ଟୀକାକରଣ ପାଇଁ ଉପଯୁକ୍ତ ଡାକ୍ତରୀ ପରାମର୍ଶ ଓ ସଠିକ ସମୟସାରଣୀ ଅବଲମ୍ବନ ପାଇଁ ପ୍ଲାକାର୍ଡ ମାଧ୍ୟମରେ ଶୋଭାଯାତ୍ରାରେ ନିତ୍ୟାନନ୍ଦ କଲେଜ ଅଫ ଫାର୍ମାସିର ଛାତ୍ରଛାତ୍ରୀ ସଚେତନତା ସୃଷ୍ଟି କରିଥିଲେ। ଡାକ୍ତର ଅଜିତ ଆଚାର୍ଯ୍ୟ, ଡାକ୍ତର ନିତ୍ୟାନନ୍ଦ ସାହୁ, ଡାକ୍ତର ବିଶ୍ୱରଞ୍ଜନ ରାୟ, ଡାକ୍ତର ରୀନାରାଣୀ ନାୟକ, ଓମ ପ୍ରକାଶ ପରିଡା ପ୍ରମୁଖ ଅଧ୍ୟାପକ ଅଧ୍ୟାପିକାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶୋଭାଯାତ୍ରା ସ୍ଥାନୀୟ ପୁଲିସ ଲାଇନ ଛକ ଠାରୁ ବାହାରି ଫକୀର ମୋହନ ଗୋଲେଇ, ଫାଣ୍ଡି ଛକ, ମିଶନ ଛକ ଓ ଏଡିଏମ ଛକ ଦେଇ ସର୍କିଟ ହାଉସ ନିକଟରେ ଶେଷ ହୋଇଥିଲା। ନିତ୍ୟାନନ୍ଦ କଲେଜ ଅଫ ଫାର୍ମାସି ଶତାଧିକ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ।

## ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଯାପିତ

ବାଲେଶ୍ୱର,୨୨।୧୧(ସମିସ): ସ୍ଥାନୀୟ ଗାନ୍ଧି ସ୍ମୃତି ଭବନରେ ଚାଲିଥିବା 'ନାୟିକା' ବାଲେଶ୍ୱରର ୨୦ ତମ ବାର୍ଷିକ ଉତ୍ସବ ଏବଂ ୮ ମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗ ଦେଇଥିଲେ। କବି ଶ୍ରୀଦେବ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ। 'ନାୟିକା' ବାଲେଶ୍ୱରର ନିର୍ଦ୍ଦେଶିକା ସୁସ୍ମିତା ରଣା ପଟ୍ଟନାୟକ ମଞ୍ଚରେ ଉପସ୍ଥିତ ଥିଲେ। ଏହି ଅବସରରେ ଡ. ସୁଧାଂଶୁ ଶେଖର ନାୟକଙ୍କୁ 'ନାୟିକା ସମ୍ମାନ' ଏବଂ ଆଲୋକ ବାରିକଙ୍କୁ 'ନାୟିକା ମିଡ଼ିଆ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଉଦ୍‌ଯାପନୀ ସନ୍ଧ୍ୟାରେ ଭଦ୍ରକର ନଟରାଜ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ 'ଏଠି ସବୁ ଭୁଲ୍' ନାଟକ ମଞ୍ଚସ୍ଥ ହୋଇଥିଲା। ନାଟକ ରଚନା ଡ. ସୁଧାଂଶୁ ଶେଖର ନାୟକ କରିଥିବା ବେଳେ ତାପସ ସ୍ୱାଇଁ ନିର୍ଦ୍ଦେଶନା ଦେଇଥିଲେ। ପ୍ରଯୋଜନା ମୁଖ୍ୟ ନରେନ୍ଦ୍ର ପରିଡ଼ା, ନିରଞ୍ଜନ ସ୍ୱାଇଁ କାଳନ୍ଦି ମଲ୍ଲିକ, ରମାକାନ୍ତ ବାରିକ ଓ ଅଜୟ ନାୟକ ସହଯୋଗ କରିଥିଲେ। ସେହିପରି ସଂଗଠନ ସଦସ୍ୟ ବିଜୟ, ପ୍ରଦୀପ, ମୋହିତ, ହରିଶଙ୍କର, ଘନଶ୍ୟାମ, ଅତୁଲ, ଅଭିଷେକ, ସୌରଜିତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ନାଟକ 'ଏଠି ସବୁ ଭୁଲ୍' ମଞ୍ଚସ୍ଥ





## ସିଆଇଟିୟୁ ପକ୍ଷରୁ ପ୍ରତିବାଦ ସଭା




ବାଲେଶ୍ୱର,୨୨।୧୧(ସମିସ): ଚାରୋଟି ଶ୍ରମ କୋଡ୍‌କୁ ପ୍ରତ୍ୟାହାର ଦାବିରେ ସିଆଇଟିୟୁ ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ଯାଇଛି। କେନ୍ଦ୍ରରେ ବିଜେପି ସରକାର ୪୪ଟି ଶ୍ରମ ଆଇନକୁ ଭାଙ୍ଗି ଚାରୋଟି କୋଡରେ ପରବର୍ତ୍ତନ କରି ଆଜିଠାରୁ କାର୍ଯ୍ୟକାରୀ କରିଛନ୍ତି। ଚାରୋଟି ଶ୍ରମ କୋଡ୍ ଲାଗୁ ହେବା ଫଳରେ ଶ୍ରମିକ ମାନେ ନିଜର ଅଧିକାର ହରାଇଛନ୍ତି। ଏହାକୁ ପ୍ରତିବାଦ କରି ସିଆଇଟିୟୁ ଜିଲ୍ଲା କମିଟି ତରଫରୁ ଫାଣ୍ଡି ଛକରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସିଆଇଟିୟୁ ଜିଲ୍ଲା ସଭାପତି ରାଜକିଶୋର ଲେଙ୍କାଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସିଆଇଟିୟୁ ଜିଲ୍ଲା ସମ୍ପାଦକ ବିଜୟ କୁମାର ପାତ୍ର କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧି ନୀତି ବିରୁଦ୍ଧରେ ଆଲୋଚନା କରିଥିଲେ। ଯେ ପର୍ଯ୍ୟନ୍ତ ଶ୍ରମ କୋଡ୍ ବାତିଲ ନ ହୋଇଛି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଉକ୍ତ ସଭାରେ ଅରୁଣ ମିଶ୍ର, ସଧାନନ ଦୀକ୍ଷିତ, ସାଇକିଙ୍କର ନାୟକ, ସୁଶାନ୍ତ ଜେନା, ମୃତ୍ୟୁଞ୍ଜୟ ରାଉତ, ହେମେନ୍ଦ୍ର ସେଠି, ପୂର୍ଣ୍ଣିମା ବେହେରା, କନକ ବେହେରା, ଷ୍ଟାଲିନ୍ ମିଶ୍ରଙ୍କ ସମେତ ବହୁ ସାଥୀ ଉପସ୍ଥିତ ଥିଲେ।

## 'ସ୍ପୋର୍ଟ କମ୍ପ୍ଲେକ୍ସକୁ ସୁନାରାମ ସୋରେନଙ୍କ ନାଁରେ ନାମିତ କରାଯାଉ'

ରାଇରଙ୍ଗପୁର, ୨୨।୧୧(ସମିସ): ରାଇରଙ୍ଗପୁରର ନବ ନିର୍ମିତ ସ୍ପୋର୍ଟ କମ୍ପ୍ଲେକ୍ସକୁ ସୁନାରାମ ସୋରେନଙ୍କ ନାମରେ ନାମିତ କରିବାକୁ ଦାବି ହୋଇଛି। ଏନେଇ ଦାଣ୍ଡବୋଷ ସ୍ଥିତ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ ଟ୍ରଷ୍ଟ ପକ୍ଷରୁ ସାଧାରଣ ସମ୍ପାଦକ ମଦନ ମୋହନ ସୋରେନ ଓ କୋଷାଧ୍ୟକ୍ଷ ଆନ୍ତ ଆଲୋକ ବାସ୍କେ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରାଇରଙ୍ଗପୁର ସନ୍ନିକଟ ହେଁସଲ ଗ୍ରାମରେ ୧୯୧୭ ମସିହାରେ ସ୍ୱର୍ଗତ ସୁନାରାମ ସୋରେନ ଜନ୍ମଗ୍ରହଣ କରିଥିଲେ। ସେ ଏକଧାରାରେ ଜଣେ ରାଜନୀତିଜ୍ଞ, ପୂର୍ବତନ ମନ୍ତ୍ରୀ, ସମାଜ ସଂସ୍କାରକ ଏବଂ ଅଲଚିକି ଲିପି ସ୍ରଷ୍ଟାର ଜଣେ ପୃଷ୍ଠପୋଷକ ଅଟନ୍ତି। ସାନ୍ତାଳୀ ସମାଜରେ ସେ ପ୍ରଥମ କ୍ୟାବିନେଟ ମନ୍ତ୍ରୀ ଥିଲେ। ଆଦିବାସୀଙ୍କ ଶିକ୍ଷା କ୍ଷେତ୍ରରେ ବିକାଶ ନିମନ୍ତେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ତାଙ୍କର ମନ୍ତ୍ରିତ୍ୱ କାର୍ଯ୍ୟକାଳ ମଧ୍ୟରେ ରାଜ୍ୟରେ ପ୍ରଥମ କରି ଆଶ୍ରମ ବିଦ୍ୟାଳୟର ସ୍ଥାପନା କରିଥିଲେ। ଅଲଚିକି ଲିପିର ପ୍ରଚଳନ ନିମନ୍ତେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସେ ପ୍ରଥମ ସହାୟକ ଥିଲେ। ତେଣୁକରି ତାଙ୍କ ସ୍ମୃତିରେ ଯଥୋଚିତ ସମ୍ମାନ ପ୍ରଦାନ କରିବାକୁ ସ୍ପୋର୍ଟ କମ୍ପ୍ଲେକ୍ସ ସୁନାରାମ ସୋରେନଙ୍କ ନାମରେ ନାମିତ କରିବାକୁ ଦାବି କରିଛନ୍ତି।

# ୫ କୋଟି ଟଙ୍କାର କେନାଲ ନିର୍ମାଣରେ ଅନିୟମିତତା



ଆନନ୍ଦପୁର,୨୨।୧୧ (ସମିସ):

ଚାଷଜମିର ଉନ୍ନତି ପାଇଁ ସରକାର ଆବଶ୍ୟକ ଅନୁଦାନ ଯୋଗାଇ ଦେଉଥିଲେ ମଧ୍ୟ କିଛି ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀଙ୍କ ପାଇଁ ଏହି ଅନୁଦାନର ସଦୁପଯୋଗ ହୋଇପାରୁନାହିଁ। ପ୍ରତିବାଦରେ କେତେକ ଚାଷୀ ଜଳସମ୍ପଦ ବିଭାଗ ସଚିବଙ୍କୁ ଦାବିପତ୍ର ପ୍ରଦାନ କରି ଏହାର ତଦନ୍ତ ଦାବି କରିଛନ୍ତି। ଗତ

## ଜଳସମ୍ପଦ ସଚିବଙ୍କୁ ଚାଷୀଙ୍କ ଦାବିପତ୍ର

୨୦୨୪/୨୫ ଆର୍ଥିକ ବର୍ଷରେ ପ୍ରାୟ ୫ କୋଟି ଟଙ୍କାରେ ନିର୍ମାଣ ହୋଇଥିବା କାଡା କେନାଲ କାର୍ଯ୍ୟରେ ଚାଷୀଙ୍କ ମତାମତକୁ ଉପେକ୍ଷା କରାଯାଇଥିବା ବେଳେ ନିମ୍ନମାନର କାର୍ଯ୍ୟ ଯୋଗୁଁ ଚାରି ମାସ ନପୂରୁଣୁ ଭାଙ୍ଗିରୁଜି ନଷ୍ଟ ହୋଇଗଲାଣି; ଯାହାର ଚିତ୍ର ଦେଖିବାକୁ ମିଳିଛି ଘସିପୁରା ବ୍ଲକର ସେଣ୍ଡେଇ ଓ ହରିଚନ୍ଦନପୁର ବ୍ଲକର ଛତିଆ ଅଞ୍ଚଳରେ। କମାଣ୍ଡ ଏରିଆ ଡେଭଲପମେଣ୍ଟ ଆଣ୍ଡ ଅଥରିଟି ( କାଡା) ଅନୁଦାନର ବିନିଯୋଗରେ ଆଖିବୁଜା ଦୁର୍ନୀତି ଚାଲିଛି। ଏନେଇ କିଛିଦିନ ତଳେ ବିଜେପି ନେତା ନିର୍ମାଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ କରିଥିଲେ। ଏନେଇ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ତାଗିଦ ମଧ୍ୟ କରିଥିଲେ। ତେବେ ଏବେବି ଛତିଆ କାଡା କେନାଲ ନିର୍ମାଣରେ ଦୁର୍ନୀତି ଜଳଜଳ ଦେଖାଯାଉଛି। ଆନନ୍ଦପୁର କ୍ଷୁଦ୍ର ଜଳସେଚନ ବିଭାଗର ହରିଚନ୍ଦନପୁରସ୍ଥିତ ରଘୁବେଡା ପ୍ରକଳ୍ପ ଅଞ୍ଚଳରେ ଥିବା ଢିପ ଜମିକୁ ଜଳସେଚିତ କରିବା ପାଇଁ ଛତିଆ ଅଞ୍ଚଳରେ କାଡା କେନାଲର ପରିକଳ୍ପନା କରାଯାଇଥିଲା ହେଲେ ସ୍ଥାନୀୟ ପାଣି ପଞ୍ଚାୟତକୁ ଢାଲ କରି ଠିକାଦାରମାନେ ନିର୍ମାଣ କାର୍ଯ୍ୟକୁ ହାତେଇ ନେଇ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରିଥିବାରୁ ଏହା କମ ଦିନରେ ନଷ୍ଟ ହୋଇଯାଇଛି। ଦୁଇ ଇଞ୍ଚ ମେଟାଲ, କଂକ୍ରିଟ ଦୁଇ ଇଞ୍ଚ ଚିପ୍ସ କଂକ୍ରିଟ୍ ହେବାର ଥିବାବେଳେ ମାତ୍ର ଗୋଟିଏ ଇଞ୍ଚ ମଧ୍ୟରେ ନିର୍ମାଣ ଶେଷ କରାଯାଇଛି। ବ୍ୟବହାର କରାଯାଇଥିବା ରଡ ମଧ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାବେଳେ ଅଳ୍ପଦିନରେ ଏହା ଭାଙ୍ଗି ପଡିବ ବୋଲି ସ୍ଥାନୀୟ ଜନସାଧାରଣ କହିଛନ୍ତି। ବର୍ଷବର୍ଷ ଧରି ନିର୍ବାଚନ ହୋଇ ନଥିବା ପାଣି ପଞ୍ଚାୟାତକୁ ମୋହରା କରାଯାଇ ଏଭଳି ଖୋଲାଖୋଲି ଦୁର୍ନୀତି ଚାଲିଛି। ଏହାର ଉଚ୍ଚସ୍ତରୀୟ ଜଦନ୍ତ କରାଯିବାକୁ ଦାବି ହେଉଛି।

# ରନ୍ଧନ ଗ୍ୟାସର କୃତ୍ରିମ ଅଭାବ ପଛରେ କିଏ ?



ଯୋଡ଼ା, ୨୨।୧୧(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ଅଞ୍ଚଳରେ କିଛି ଦିନ ହେବ ରନ୍ଧନ ଗ୍ୟାସର କୃତ୍ରିମ ଅଭାବ ଦେଖାଦେଇଛି। ଫଳରେ ଖାଉଟିମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମାସ ମାସ ଧରି ଗୋଟିଏ ଏଚପି ଗ୍ୟାସ ପାଇବା ନିମନ୍ତେ ଖାଉଟିଙ୍କୁ ଜଗିବାକୁ ପଡୁଛି। ପୂର୍ବରୁ ଯୋଡାରେ ମା'ତାରିଣୀ ଗ୍ୟାସ ଏଜେନ୍ସି ଏଚପି ଗ୍ୟାସ ବିତରଣ କରିଆସୁଥିଲା। ଧୀରେ ଧୀରେ ଉପଭୋକ୍ତା ବଢିବା ସହ ଠିକ ସମୟରେ ଲୋକଙ୍କୁ ଏଚପି ଗ୍ୟାସ ନ ପହଞ୍ଚିବାରୁ ୨ ହଜାର ଗ୍ରାହକଙ୍କ ପାଇଁ ଯୋଗାଣ ବିଭାଗ ଦ୍ୱାରା ରିମୁଳିର ମହାନ୍ତ ଗ୍ୟାସ ଏଜେନ୍ସିକୁ ଦାୟିତ୍ୱ ଦିଆଯାଇଛି। ହେଲେ ପୂର୍ବ ଭଳି ଉପଭୋକ୍ତା ନାହିଁ ନ ଥିବା ହଇରାଣ ହେଉଛନ୍ତି। ଗ୍ୟାସ ବୁକିଂ କରିବାର ମାସଟିଏ ବିତିଯାଉଥିଲେ ସୁଦ୍ଧା ଉପଭୋକ୍ତାଙ୍କୁ ରନ୍ଧନ ଗ୍ୟାସ ମିଳିପାରୁନାହିଁ। ତେବେ ଏହି ଗ୍ୟାସ ଯୋଡ଼ା ବଜାରରେ ଚଢା ଦରରେ କଳାବଜାର କରାଯାଉଥିବା ନେଇ ଏଚପି ଉପଭୋକ୍ତା ଅଭିଯୋଗ କରିଛନ୍ତି। ଯାହାର ମୂଲ୍ୟ ସିଲିଣ୍ଡର ମୂଲ୍ୟଠାରୁ ୩୦୦/୪୦୦ ଅଧିକ ରଖାଯାଉଛି। ଯୋଡ଼ା ସହରରେ ଦୁଇ ଦୁଇଟି ଏଚପି ଗ୍ୟାସର ଏଜେନସି ଥିଲେ ସୁଦ୍ଧା ଲୋକ ବ୍ଲାକରେ ସିଲିଣ୍ଡର କିଣି ଗୁଜୁରାଣ ମେଣ୍ଟାଇବା ସହ ଅଧିକ ଖର୍ଚ୍ଚାନ୍ତ ହେଉଥିବା ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଏପଟେ ଯୋଡ଼ା ବଜାରରେ ସିଲିଣ୍ଡର କଳାବଜାରୀଙ୍କ ଦୌରାତ୍ମ୍ୟ ବଢିଚାଲିଥିଲେ ସୁଦ୍ଧା ସ୍ଥାନୀୟ ପ୍ରଶାସନ କିମ୍ବା ଯୋଗାଣ ବିଭାଗ ଚୁପ ହୋଇ ବସିଥିବା ଦେଖିବାକୁ ମିଳୁଛି। ଗ୍ୟାସ ଏଜେନସିର ବିଭାଜନ ଦ୍ୱାରା ପୂର୍ବ ଗ୍ୟାସ ଏଜେନ୍ସି ଗ୍ୟାସ ଯୋଗାଣରେ ଆଗ୍ରହ ପ୍ରକାଶ କରୁ ନଥିବା ବେଳେ ନୂତନ ଭାବେ ନିଯୁକ୍ତ ଏଜେନ୍ସି ଗ୍ୟାସ ଯୋଗାଣରେ ବିଳମ୍ବ କରିଆସୁଛି। ଗୋଟିଏ ଗାଡି ଗ୍ୟାସ ଆସିବା ବେଳେ ଗ୍ୟାସ ନେବା ପାଇଁ ଲମ୍ବା ଧାଡି ଦେଖିବାକୁ ମିଳୁଛି। ରାତିରୁ ଖାସି ସିଲିଣ୍ଡର ଧରି ବୈଦ୍ୟନାଥ ଲଜ୍ ନିକଟରେ ଖୋଲା ସ୍ଥାନରେ ଘଣ୍ଟା ଘଣ୍ଟା ଦରି ଗ୍ରାହକଙ୍କୁ ଧାଡିରେ ରହିବାକୁ ପଡୁଛି। ଧାଡିରେ ଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ଅନେକ ସମୟରେ ଶେଷରେ ଗ୍ୟାସ ମିଳୁନଥିବା ବେଳେ ସେମାନେ ନିରାଶ ହୋଇ ସେଠାରୁ ଫେରୁଛନ୍ତି। ନିୟମ ଅନୁଯାୟୀ ପ୍ରତି ଗ୍ରାହକଙ୍କ ଘରେ ଗ୍ୟାସ ପହଞ୍ଚାଇବାର ବିଧି ଥିବା ବେଳେ ଏହାକୁ ଉଭୟ ଏଜେନ୍ସି ମାନୁ ନ ଥିବା ଦେଖିବାକୁ ମିଳିଛି। ଯୋଗାଣ ବିଭାଗର ଅପରିଣାମଦର୍ଶିତା କାରଣରୁ ଗ୍ରାହକ ଏହି ଅସୁବିଧା ଭୋଗ କରିବାକୁ ବାଧ୍ୟ ହେଉଛନ୍ତି। ସ୍ଥାନୀୟ ପ୍ରଶାସନ ଓ ଯୋଗାଣ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଘସିପୁରା ମଣ୍ଡଳସ୍ତରୀୟ କ୍ରିକେଟ

ଆନନ୍ଦପୁର,୨୨।୧୧ (ସମିସ): ଘସିପୁରା ବ୍ଲକ ପୁରୁଣାବାନ୍ଧଗୋଡ଼ାସ୍ଥିତ ବଳରାମଧୀର ସରକାରୀ ଉଚ୍ଚ ବିଦ୍ୟାଳୟରେ ଘସିପୁରା ମଣ୍ଡଳସ୍ତରୀୟ ୧୭ ବର୍ଷରୁ କମ ବାଳକ ବିଭାଗର କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିର୍ମଳଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟର ଅଧକ୍ଷ ଦେବବ୍ରତ ପଟ୍ଟନାୟକ ପତାକା ଉତ୍ତୋଳନ କରି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ କ୍ରୀଡା ସମ୍ପାଦକ ବିଜୟ ସାହୁ, ପ୍ରଭାସିନୀ ଷଡ଼ଙ୍ଗୀ ଯୋଗଦେଇଥିଲେ। ବିଦ୍ୟାଳୟର ଶିକ୍ଷକ



ନାରାୟଣ ଦାସ ସଭାର ସଂଯୋଜନା କରିଥିବା ବେଳେ ଶିକ୍ଷକ ଅତୀଶ ଜେନା, ଶୁଭ୍ରଜ୍ୟୋତି ଧୀର, ବିଶ୍ୱଜିତ ଖୁଣ୍ଟିଆ, ଲକ୍ଷ୍ମୀପ୍ରିୟା ସାହୁ, ବାସନ୍ତୀ ରଣା, ଲକ୍ଷ୍ମୀଧର ରାଉତ ସହଯୋଗ କରିଥିଲେ। ଅଳତୀ, ସାଇଁକୁଳ, ବଳରାମପୁର ଓ କୁଶଳେଶ୍ୱର ଜୋନରୁ ୭୦ ଜଣ ପ୍ରତିଯୋଗୀ ଭାଗନେଇଥିଲେ। କ୍ରୀଡା ଶିକ୍ଷକ ସୁରେଶ କୁମାର ଭୂୟାଁଙ୍କ ତତ୍ତ୍ୱାବଧାନରେ ପ୍ରକାଶ ବିଶ୍ୱାଳ, ବରଦା ପ୍ରସନ୍ନ ଖୁଣ୍ଟିଆ, ମିନହରୀ ପେରେଇ, ରାଜେଶ ଘଡେଇ, ବିଭୁପ୍ରସାଦ ମହାନ୍ତି, ପ୍ରତ୍ୟୁଷ ମହାନ୍ତି ବିଚାରକ ଥିଲେ। ଉମାଶଙ୍କର ରାଉତରାୟ, ରଞ୍ଜନ ବେହେରା, ଶୁଚିସ୍ମିତା ମହାନ୍ତି ଓ ଧର୍ମପ୍ରିୟା ବେହେରା ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ଅପନ୍ତରା ପଡ଼ିଛି ବସ୍‌ଷ୍ଟାଣ୍ଡ, ଖରାପ ରାସ୍ତାରେ ଗଡୁନି ବସ୍





ହାଟଡ଼ିହୀ,୨୨।୧୧(ସମିସ): ମରେଇଗାଁଠାରୁ ଶାଳଣିଆଁ ଦେଇ କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକର ଶେଷ ସୀମାନ୍ତ ବଳିପୁର ଯାଏଁ ଲମ୍ବିଥିବା ବନ୍ଧ ରାସ୍ତାରେ ବସ୍ ଗଡୁନି। ଏହି ରାସ୍ତାକଡ଼ରେ ନିର୍ମାଣ ହୋଇଥିବା ବସଷ୍ଟାଣ୍ଡଗୁଡ଼ିକ ଧୀରେ ଧୀରେ ଅଦରକାରୀ ହେବାକୁ ବସିଲାଣି। ସୂଚନା ଥାଉକି, ଗତ ୬ ବର୍ଷ ପୂର୍ବରୁ ରାସ୍ତାର ପୁନଃଉଦ୍ଧାର କାର୍ଯ୍ୟ ପାଇଁ ଟେଣ୍ଡର ହୋଇଥିଲା। ଠିକାଦାର ଏବଂ ସମ୍ପୃକ୍ତ ବିଭାଗର ଅପାରଗତା ପାଇଁ ରାସ୍ତାକାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ। ଯାହାଫଳରେ ଏହି ବନ୍ଧରାସ୍ତା କଡ଼ରେ ଅବସ୍ଥିତ ଥିବା ନନ୍ଦିପଦା, କ୍ଷେତୁଆଳି, ଇଞ୍ଚୋଳ, ଭୁତପଦା, ଅପସର, ବ୍ରାହ୍ମଣୀକଳା ଆଦି ଗ୍ରାମର ଲୋକେ ଯିବାଆସିବା କରିବାରେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଜରୁରୀ ସମୟରେ ଏହି ଗାଁଗୁଡ଼ିକୁ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ିଟିଏ ସହଜରେ ପହଞ୍ଚି ପାରୁନି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ଶାଳଣିଆଁରେ ଥିବାବେଳେ ଲୋକେ ସେଠାକୁ ମଧ୍ୟ ଯାଇପାରୁ ନାହାନ୍ତି। ଏହି ରାସ୍ତାରେ ସାଇକେଲ, ବାଇକ ନେଇ ଯିବା କଷ୍ଟକର ହୋଇପଡୁଛି। ରାସ୍ତାର ଅବସ୍ଥା ପାଇଁ ଅଟୋ କିମ୍ବା ଚାରିଚକିଆ ଯାନ ସମ୍ପୂର୍ଣ୍ଣ ନିଷେଧ ହୋଇଯାଇଛି। ଏହି ଗାଁଗୁଡ଼ିକରୁ ପିଲାମାନେ ସ୍କୁଲ କଲେଜ ଆଦି ଯିବାରେ ନାହିଁ ନଥିବା ହଇରାଣ ହେଉଛନ୍ତି। କିଛିମାସ ତଳେ ସ୍ଥାନୀୟ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଏ ସଂକ୍ରାନ୍ତରେ ବିଧାନସଭାରେ ପ୍ରଶ୍ନ କରିଥିଲେ। କିଛିଦିନ ମଧ୍ୟରେ ପୁନର୍ବାର ଟେଣ୍ଡର କରାଯାଇ ଏହି ରାସ୍ତାର ନବୀକରଣ କରାଯିବ ବୋଲି ସୂଚନା ମିଳିବା ପରେ ଅଞ୍ଚଳବାସୀଙ୍କ ମନରେ ଖୁସିର ଲହରୀ ଖେଳିଯାଇଥିଲା; କିନ୍ତୁ ଆଜିଯାଏଁ ରାସ୍ତାର ମରାମତି ହେବାର କୌଣସି ସୂଚନା ନମିଳିବାରୁ ଲୋକଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଇଛି। ରାସ୍ତାର ନବୀକରଣ ପରେ ଯାତାୟତରେ ସୁବିଧା ହେବା ସହ ବ୍ୟବସାୟିକ କ୍ଷେତ୍ରରେ ବିକାଶ ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

# ଛେନାପଦି ବଜାରରେ ଗୋଷ୍ଠୀ ଶୌଚାଳୟ ଓ ବସଷ୍ଟାଣ୍ଡ ନିର୍ମାଣ କେବେ ?

## ■ ମହିଳା ଓ ଛୋଟପିଲାଙ୍କୁ ବଳିଯାଉଛି କଷ୍ଟ

ହାଟଡ଼ିହୀ,୨୨।୧୧(ସମିସ): ହାଟଡ଼ିହୀ ବ୍ଲକର ସର୍ବବୃହତ ବ୍ୟସ୍ତବହୁଳ ବ୍ୟବସାୟିକ ପେଣ୍ଠସ୍ଥଳ କହିଲେ ଛେନାପଦି ବଜାରକୁ ବୁଝାଇଥାଏ। ଏଠାରୁ ପ୍ରତିଦିନ ଜିଲ୍ଲା ମୁଖ୍ୟାଳୟ ସହ ଘଟଗାଁ, କଟକ ଭୁବନେଶ୍ୱର, ରାଉରକେଲା, କରଞ୍ଜିଆ, ଭଦ୍ରକ, ବାଲେଶ୍ୱର, ଯାଜପୁର ଆଦି ସ୍ଥାନକୁ ଯାତ୍ରୀବାହୀ ବସ୍ ଚଳାଚଳ ହେଉଛି। ବ୍ଲକର ୩୧ଟି ପଞ୍ଚାୟତରୁ ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାର ଲୋକ ଏହି ବଜାର ଉପରେ ନିର୍ଭର କରିଥା'ନ୍ତି। ଏହି ବଜାର ମଧ୍ୟରେ ମା' ବିଶ୍ୱତାରିଣୀଙ୍କ ମନ୍ଦିର ସହ କଲ୍ୟାଣମଣ୍ଡପ ରହିଛି। ଏଠାରେ ବିବାହ କାର୍ଯ୍ୟଠାରୁ ଆରମ୍ଭ କରି ବିଭିନ୍ନ ସଭାସମିତି ବୈଠକ ମଧ୍ୟ ହୋଇଥାଏ। ଏପରିକି, ତିନି ତିନୋଟି ବ୍ୟାଙ୍କ ମଧ୍ୟ ଏହି ବଜାରରେ ରହିଛି। ଦୈନନ୍ଦିନ ମାର୍କେଟିଂ କରିବାଠାରୁ ଆରମ୍ଭ କରି ବ୍ୟାଙ୍କ, ବିବାହ କାର୍ଯ୍ୟ ପରି ବିଭିନ୍ନ କାର୍ଯ୍ୟରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ। ସକାଳଠୁ ରାତ୍ର ଯାଏଁ ବଜାରରେ ଅହେତୁକ ଭିଡ଼ ପାଇଁ ସାଧାରଣତଃ ମହିଳାମାନେ ଶୌଚ ହେବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ଯାତ୍ରୀଙ୍କ ପାଇଁ ବସଷ୍ଟାଣ୍ଡଟିଏ ନଥିବାରୁ ଯାତ୍ରୀମାନେ ବିଭିନ୍ନ ଦୋକାନ ସମ୍ମୁଖରେ ଗନ୍ତବ୍ୟସ୍ଥଳ ଯାନକୁ ଅପେକ୍ଷା କରିଥାନ୍ତି। ଯାତ୍ରୀ ବିଶ୍ରାମଗାର ଗୃହ ନଥିବାରୁ ସାଧାରଣତଃ ବର୍ଷାଦିନେ ଯାତ୍ରୀମାନେ ନାନା ସମସ୍ୟା ଭୋଗିଥା'ନ୍ତି। ଏନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେଇଥିଲେ ମଧ୍ୟ ପ୍ରଶାସନ କିମ୍ବା ଲୋକ ପ୍ରତିନିଧିଙ୍କ ଆନ୍ତରିକତା ଅଭାବରୁ ନିର୍ମାଣ ହୋଇପାରୁ ନାହିଁ ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି। ଏଭଳି ପ୍ରମୁଖ ସମସ୍ୟା ପ୍ରତି ଆନନ୍ଦପୁର ଉପଜିଲ୍ଲାପାଳ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ବଜାରର ଦୋକାନୀଙ୍କ ସହ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜିଲ୍ଲା ସାମ୍ବାଦିକ ସଂଘର ବାର୍ଷିକ ବୈଠକ; ନୂତନ କର୍ମକର୍ତ୍ତା ଚୟନ



କେନ୍ଦୁଝର,୨୨।୧୧(ସମିସ): ଉତ୍କଳ ସାମ୍ବାଦିକ ସଂଘ ଅନୁବନ୍ଧିତ ଜିଲ୍ଲା ସାମ୍ବାଦିକ ସଂଘ କେନ୍ଦୁଝରର ଏକ ଜରୁରୀ ବୈଠକ କେନ୍ଦୁଝର ଥାନା ଛକସ୍ଥିତ ନୂତନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା, ତଥା ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ସାମ୍ବାଦିକ ଏବଂ ସଂଘର କର୍ତ୍ତବ୍ୟ ସଂପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ମନୋନୀତ ହୋଇଛନ୍ତି। ସର୍ବସମ୍ମତିକ୍ରମେ ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମିଶ୍ର ସଭାପତି, ସୁଧାଂଶୁ ଶେଖର ସାହୁ ସାଧାରଣ ସଂପାଦକ ଭାବେ ମନୋନୀତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ଦେବାଶିଷ ମିଶ୍ର, ସୁବୋଧ ଦାସ, ସନ୍ତୋଷ କୁମାର ରାଉତ, ସାଂଗଠନିକ ସଂପାଦକ ଭାବେ ପବିତ୍ର ବେହେରା, ଯୁଗ୍ମ ସଂପାଦକ ଭାବେ ପ୍ରକାଶ ମହାନ୍ତି, ସତ୍ୟଜିତ ସାମନ୍ତରାୟ, ଗୋପାଳକୃଷ୍ଣ ରାଉତ ଓ କୋଷାଧ୍ୟକ୍ଷ ଭାବେ ରାଜେନ୍ଦ୍ର କୁମାର ମହାକୁଡଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସଂଘର ଉପଦେଷ୍ଟା ଭାବେ ସୁବ୍ରତ ସ୍ୱାଇଁ, ନୃସିଂହ ନାଥ ସିଂହଙ୍କୁ ମନୋନୀତ କରାଯାଇଛି। ଶତ୍ରୁଘନ ସାହୁ ଜାତୀୟ ଫେଡେରେସନ ସଦସ୍ୟ ଏବଂ ନାରାୟଣ ସାହୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଚୟନ ହୋଇଛନ୍ତି। ଏଥିସହିତ ଜିଲ୍ଲାର ୧୩ଟି ବ୍ଲକ ଏବଂ ୫ ପୌରପାଳିକା ପାଇଁ ୧୮ ଜଣ କାର୍ଯ୍ୟକାରିଣୀ ସଦସ୍ୟ ମଧ୍ୟ ମନୋନୀତ ହୋଇଛନ୍ତି। ଏହି ଅବସରରେ ସଭାପତି ଶ୍ରୀ ମିଶ୍ର ସଂଘକୁ କିପରି ମଜବୁତ କରାଯିବ ଏବଂ ସମାଜ ପାଇଁ ସାମ୍ବାଦିକ ଦାୟିତ୍ୱ ସଂପର୍କରେ ଆଲୋକପାତ କରିଥିଲେ। ସାମ୍ବାଦିକଙ୍କ ହକ୍ ଏବଂ ସୁରକ୍ଷା ପାଇଁ ମଧ୍ୟ ସରକାରଙ୍କ ସହିତ ଆଲୋଚନା କରିବାକୁ ସେ ପ୍ରସ୍ତାବ ରଖିଥିଲେ।

# ଶିଶୁ ଶ୍ରମିକ ଓ ବାଲ୍ୟ ବିବାହ ବିରୋଧରେ ମଶାଲ ରାଲି

ଆନନ୍ଦପୁର, ୨୨।୧୧ (ସମିସ): ଘସିପୁରା ବ୍ଲକ ବରିପାଳ ଗ୍ରାମପଞ୍ଚାୟତର ସରକାରୀ ପ୍ରାଥମିକ ବିଦ୍ୟାଳୟ ଶୁଆପୁର ନିକଟ ଖେଳପଡିଆରେ ଆସ୍ୱାୟାର୍ ତରଫରୁ ବ୍ଲକ ସଂଯୋଜକ ସୁଦର୍ଶନ ପ୍ରଧାନ, ବ୍ଲକ ଶିକ୍ଷା ସଂଯୋଜକ ବିଜୟ ପରିଡା ଏବଂ ଆଇସିଡ଼ିଏସ ସଂଯୋଜକ ସ୍ୱରୂପ କୁମାର ସାମଲଙ୍କ ପରିଚାଳନା ଓ ମଧୁସ୍ମିତା ଜେନା, ରଞ୍ଜନ ସେଠୀ, ଗୌତମ ଓଝା, ଜ୍ୟୋତିରଞ୍ଜନ ଭୂୟାଁ, ଦିଲ୍ଲୀପ ଜେନା, ରବୀନ୍ଦ୍ର ସେଠୀ, ତପନ ହେମ୍ବ୍ରମ, ଆନନ୍ଦମୟ ସାହୁଙ୍କ ସହଯୋଗରେ ଶିଶୁଦିବସ ଉପଲକ୍ଷେ ପଞ୍ଚାୟତର ଶୁଆପୁର, ଜରକ ସାହି, ଖଜୁରୀପଦା, ନାୟକସାହି, ରାଘବପୁର, ରଙ୍ଗମାଟିଆ ଏବଂ କାଦସାହି ଅଞ୍ଚଳର ସମସ୍ତ ଅଧିବାସୀ, ଯୁବକ, ଛାତ୍ରଛାତ୍ରୀଙ୍କୁ ନେଇ ଶିଶୁଶ୍ରମିକ, ବାଲ୍ୟବିବାହ ଜନିତ କୁସଂସ୍କାରକୁ ସ୍ଥାନୀୟ ଅଞ୍ଚଳରୁ ସବୁଦିନ ପାଇଁ ଦୂର କରିବା ପାଇଁ ଏକ ସଭା ଅନୁଷ୍ଠିତ ହୋଇଯାଇଥିଲା। ଅତିଥି ଭାବେ ଦାଶରଥି ସୋରେନ, ମୋହନ ଟୁଡୁ, ଅଙ୍ଗନବାଡି ଦିଦି ହେମାଲତା ବାସ୍କି, ମାୟାବତୀ ବେସ୍ରା, ଯଦୁମାନ୍ ସୋରେନ, ସୁଦର୍ଶନ ମାର୍ଣ୍ଡି ଯୋଗଦାନ କରିଥିଲେ। ଦିଲ୍ଲୀପ ଜେନାଙ୍କ ନିର୍ଦ୍ଦେଶନାରେ ଆସ୍ୱାୟର କର୍ମକର୍ତ୍ତାଙ୍କ ଦ୍ୱାରା ଏକ ଡ୍ରାମା କରାଯାଇ ମଶାଲ ରାଲି କରାଯାଇଥିଲା।



# ଫାର୍ମାସୀ ସପ୍ତାହରେ ସଚେତନତା ଶୋଭାଯାତ୍ରା



କେନ୍ଦୁଝର, ୨୨।୧୧(ସମିସ): ସହର ଉପକଣ୍ଠସ୍ଥ ଡିମ୍ବୋସ୍ଥିତ ଇଂ ବସନ୍ତ କୁମାର ଦାନୀଙ୍କ ଦ୍ୱାରା ପ୍ରତିଷ୍ଠିତ ଫାର୍ମାସୀ କଲେଜ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଏଣ୍ଡ ରିସର୍ଚ୍ଚ (ଆଇଏମ୍ଏସ୍ଆର୍) ଆନୁକୂଲ୍ୟରେ ୬୪ତମ ଜାତୀୟ ଫାର୍ମାସୀ ସପ୍ତାହ ଉପଲକ୍ଷେ ଏକ ସଚେତନତା ଶୋଭାଯାତ୍ରା କରାଯାଇଛି। ଶୋଭାଯାତ୍ରାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଫାର୍ମାସିଷ୍ଟ ସୁବାସଚନ୍ଦ୍ର ନାୟକ ଏବଂ ଶିଲାସିସ୍ ବେହେରା ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ତରଣୀକାନ୍ତ ସ୍ୱାଇଁ, ନିର୍ଦ୍ଦେଶକ ଚୋଡଗଙ୍ଗଦେବ ଦାନୀ, ଅଧ୍ୟାପିକା ମନିଷା ସେଠୀ, ମନ୍ଦାକିନୀ ମହାନ୍ତ, ଜ୍ୟୋତିପ୍ରଭା ବଳ, ଅଞ୍ଜିତା ଦତ୍ତ, ଅଧ୍ୟାପକ ରୋହନ ବେହେରା, ମୀନକେତନ ନାୟକ, ଅମନ କୁମାର ସାହୁ ଓ ବିଭୂତି ସାହୁ ଉପସ୍ଥିତ ଥିଲେ। ଏହି ସଚେତନତା ରାଲିଟି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଅନୁଷ୍ଠାନର ଉଭୟ ବି. ଫାର୍ମ ଓ ଡି. ଫାର୍ମ ଛାତ୍ରଛାତ୍ରୀ ଭାଗ ନେଇଥିଲେ।

# ଜିଲ୍ଲାସ୍ତରୀୟ ପୁରୁଷ ବନ୍ଧ୍ୟାକରଣ ପକ୍ଷ



କେନ୍ଦୁଝର,୨୨।୧୧(ସମିସ): ଜିଲ୍ଲାସ୍ତରୀୟ ପୁରୁଷ ବନ୍ଧ୍ୟାକରଣ ପକ୍ଷ ପାଳିତ ହୋଇଛି। ଜିଲ୍ଲାମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ବିନୋଦ ବିହାରୀ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡା. ଲକ୍ଷ୍ମୀକାନ୍ତ ମହାନ୍ତ ବନ୍ଧ୍ୟାକରଣର ଆବଶ୍ୟକ ସଚେତନତା ସୃଷ୍ଟି କରିଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପୁରୁଷୋତ୍ତମ ମହାନ୍ତ ତୃଣମୂଳସ୍ତରରେ ସଚେତନା କରିବା ପାଇଁ ଗୁରୁତ୍ୱ ଦେଇଥିଲେ। ନଭେମ୍ବର ୨୧ରୁ ୪ଡିସେମ୍ବର ପର୍ଯ୍ୟନ୍ତ ପୁରୁଷ ବନ୍ଧ୍ୟାକରଣ ପକ୍ଷ ପାଳନ କରାଯିବ। କାର୍ଯ୍ୟକ୍ରମ ପରିଚାଳକ ନିତ୍ୟରଞ୍ଜନ ବରାଳ ପରୁଷବନ୍ଧ୍ୟା କରଣ ପକ୍ଷ ପାଳନ କରିବାର ତାପର୍ଯ୍ୟ ଓ ପ୍ରଚାର ପ୍ରସାର ବିଷୟରେ ବୁଝାଇଥିଲେ। ବୈଠକରେ ଜିଲ୍ଲାସ୍ତରୀୟ ଅଧିକାରୀ, ଆଶା, ସ୍ୱାସ୍ଥ୍ୟକାର୍ମୀ, ପାରା ମେଡିକାଲ ଷ୍ଟାଫ ଯୋଗଦେଇଥିଲେ। ୨୦୨୪-୨୫ରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଡାକ୍ତର ସମେତ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ଭରତ କୁମାର ସାହୁ, ପରିସଂଖ୍ୟାନ ସହାୟକ ବୃନ୍ଦାବନ ସାହୁ ସହଯୋଗ କରିଥିଲେ।

**ଭିନ୍ନ ଜଣେ ମଣିଷ**

# ପେନ୍‌ସନ୍ ଟଙ୍କାରେ ଗାଁର ବିକାଶ କରୁଛନ୍ତି ଶରତଜ୍ୟୋତି





ତୁରୁମୁଙ୍ଗା, ୨୨।୧୧(ସମିସ):

ଭାରତୀୟ ବାୟୁସେନାର ଅବସରପ୍ରାପ୍ତ କର୍ମଚାରୀ ଶରତଜ୍ୟୋତି କର (୭୬)। ଅବସର ପରେ ଗତ ୧୪ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ନିଜ ପେନ୍‌ସନ୍ ଟଙ୍କାକୁ ଗାଁର ବିକାଶ କାର୍ଯ୍ୟରେ ବିନିଯୋଗ କରିଆସୁଛନ୍ତି। କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରାଜନଗର ଗାଁର ଏଭଳି ଜଣେ ବ୍ୟକ୍ତିତ୍ୱ ଶ୍ରୀ କର ସାମାଜିକ ଜୀବନଶୈଳୀର ଏକ ଜ୍ୱଳନ୍ତ ଉଦାହରଣ ସାଜିଛନ୍ତି। ଗାଁର ମନ୍ଦିର, ମଣ୍ଡପ, ଧର୍ମଶାଳା ଆଦି ନିର୍ମାଣ କରିବାରେ ସେ ପ୍ରାୟ ୮୦ ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଲେଣି। ନିଜ ଅବଶିଷ୍ଟ ଜୀବନଯାପନରେ ଗ୍ରାମ୍ୟ ବିକାଶର ବିନ୍ଧାଣୀ ସାଜିଛନ୍ତି। ଭାରତୀୟ ବାୟୁସେନାରେ ଦେଶମାତୃକାର ସେବାରେ ଉତ୍ସର୍ଗୀକୃତ ରହିଥିଲା ବେଳେ ଏବେ ଶ୍ରୀ କର ନିଜ ଗାଁରେ ଲୋକଙ୍କ ଜୀବନଧାରଣରେ ପରିବର୍ତ୍ତନ ପାଇଁ ସେବା ଜାରି ରଖିଛନ୍ତି। ଅବସର ଜୀବନ ତାଙ୍କ ପାଇଁ ଆଣି ଦେଇଛି ଏକ ବିରାଟ ସୁଯୋଗ। ବୟସାଧିକ୍ୟ କାରଣରୁ ଆଶାବାଡ଼ି ତାଙ୍କର ସାହାରା ପାଲଟିଛି ସତ, ହେଲେ ସେଥିପ୍ରତି ତାଙ୍କର ଭ୍ରୂକ୍ଷେପ ନାହିଁ। ନିକଟ ଅତୀତରେ ସେ ଗାଁରେ ୩ଲକ୍ଷ ଟଙ୍କା ବ୍ୟୟରେ ଏକ କୀର୍ତ୍ତନ ଗୃହ ନିର୍ମାଣ କରିଛନ୍ତି। ଯାହାକୁ ଶରତଜ୍ୟୋତି କରଙ୍କ ୯୭ ବର୍ଷୀୟା ମା' ପଦ୍ମାବତୀ କର ଉଦଘାଟନ କରିଛନ୍ତି। କେବଳ ଏହି କୀର୍ତ୍ତନଗୃହ ନୁହେଁ, ଶରତ ତାଙ୍କ ପେନସନ୍ ଟଙ୍କାରେ ସାମାଜିକ କାର୍ଯ୍ୟ ଜାରି ରଖିଛନ୍ତି। ୨୦୦୯ରୁ ଅବସର ଗ୍ରହଣ କରିଛନ୍ତି। ପିତାମାତାଙ୍କର ୫ସନ୍ତାନଙ୍କ ମଧ୍ୟରୁ ସେ ଏକା ନିଜ ଜନ୍ମମାଟିରେ ବସବାସ କରିବା ପରେ ଗାଁର ଉନ୍ନତି ପ୍ରତି ଧ୍ୟାନ ଦେବା ଆରମ୍ଭ କରିଥିଲେ। ଗାଁର ବୈତରଣୀ ନଦୀକୂଳର ସ୍ୱର୍ଗଦ୍ୱାର, ରଘୁନାଥଜୀଉ ମନ୍ଦିରର ଧର୍ମଶାଳା, ମଙ୍ଗଳା ମନ୍ଦିର, ଲକ୍ଷ୍ମୀ ମଣ୍ଡପ, ଶିବ ମନ୍ଦିର, ଦଧିବାମନଜୀଉ ମନ୍ଦିର ମୁଖଶାଳା, ଦୋଳ ମଣ୍ଡପ, ସାତ ମା' ଭଉଣୀ ପୀଠ, ଗ୍ରାମଦେବତୀ ପୀଠର ପାଚେରି, ଖୁଦୁରୁକୁଣୀ ମଣ୍ଡପ, ନୂଆଗାଁ ଲକ୍ଷ୍ମୀ ମଣ୍ଡପ, ରାଇକଳା କୀର୍ତ୍ତନ ମଣ୍ଡପ ଆଦି ନିର୍ମାଣ କରିଛନ୍ତି। ଏଥିପାଇଁ ସେ ୮୦ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରିଛନ୍ତି। ଏଭଳି କାର୍ଯ୍ୟ ତାଙ୍କୁ ଆନନ୍ଦ ପ୍ରଦାନ କରୁଥିବା ବେଳେ, ଆଗକୁ ମଧ୍ୟ ସେ ଏଭଳି କାର୍ଯ୍ୟ ଜାରି ରଖିବେ ବୋଲି କହିଛନ୍ତି। ଶରତଙ୍କ ଉନ୍ନତ ଚିନ୍ତାଧାରା ଓ ସମାଜସେବାକୁ ଗ୍ରାମବାସୀ ତଥା ଆଖପାଖ ଅଞ୍ଚଳର ଲୋକେ ବେଶ୍ ପ୍ରଶଂସା କରିଛନ୍ତି।

### ଜାତୀୟ ବହୁଭାଷୀ ନାଟକ ମହୋତ୍ସବ ଉଦ୍‌ଘାଟିତ

# ମଞ୍ଚସ୍ଥ ହେଲା 'ନିସ୍ତବ୍ଧ ସାହାନାଇ'





**ନିର୍ଦ୍ଦେଶକ ରାମଚନ୍ଦ୍ର ଦାସ ସମ୍ବର୍ଦ୍ଧିତ**

ବାରିପଦା, ୨୨।୧୧ (ସମିସ): ବାରିପଦା ସ୍ମୃତି ଭବନରେ ରୂପାନ୍ତର ଅନୁଷ୍ଠାନ ଆନୁକୂଲ୍ୟରେ ୬ ଦିନିଆ ଜାତୀୟ ବହୁଭାଷୀ ନାଟକ ମହୋତ୍ସବ ଶନିବାର ଉଦଘାଟିତ ହୋଇଯାଇଛି। ସଂସ୍ଥାର ଅଧ୍ୟକ୍ଷ ବୀରେନ୍ଦ୍ରନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା ଉପସ୍ଥିତ ରହି ନାଟକ ମହୋତ୍ସବର ସଫଳତା କାମନା କରିଥିଲେ। ମହୋତ୍ସବର ଅଧ୍ୟକ୍ଷ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସଂସ୍ଥାର ନିର୍ଦ୍ଦେଶକ ପରେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ସନ୍ଧ୍ୟାରେ ବାରିପଦାର ଅଗ୍ରଣୀ ନାଟ୍ୟସଂସ୍ଥା ରୂପାନ୍ତର ପ୍ରଯୋଜିତ ଓଡ଼ିଆ ନାଟକ "ନିସ୍ତବ୍ଧ ସାହାନାଇ' ମଞ୍ଚସ୍ଥ ହୋଇଥିଲା। ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ରଚିତ ତଥା ପରେଶ ସାହୁଙ୍କ ନିର୍ଦ୍ଦେଶିତ ନାଟକରେ ଅନୁପ ସାହା, ସତ୍ୟନାରାୟଣ ଦାସ, ସପନ ପଣ୍ଡା, ମଦନ ଜେନା, ରବୀନ୍ଦ୍ର ବେହେରା, ଦିନେଶ ସାହୁ, ନାରାୟଣ ମଣ୍ଡଳ, ଆଲୋକ ଦାସ, ପ୍ରଦୀପ ଚୌଧୁରୀ ଓ ପଦ୍ମିନୀ ପାଢ଼ୀ ଅଭିନୟ କରିଥିବା ବେଳେ ଆଲୋକରେ କୁମାର ଲାଇଟ୍, କଟକ, ସଂଗୀତରେ ଗୁରୁ ନନ୍ଦ କିଶୋର ଦାସ, ଗୀତ ରଚନାରେ ରାଜଶ୍ରୀ ସାହୁ, ଶବ୍ଦ ସଂଯୋଜନାରେ ଶୁଭେନ୍ଦୁ ସାହୁ, ମଞ୍ଚ ପରିକଳ୍ପନାରେ ଅପୂର୍ବା ସାହୁ, ମଞ୍ଚସଜ୍ଜାରେ ସୁମନ୍ତ ଆର୍ଟ ଓ ସହ ନିର୍ଦ୍ଦେଶନାରେ ସତ୍ୟନାରାୟଣ ଦାସ ସହଯୋଗ କରିଥିଲେ। ପ୍ରଥମ ସନ୍ଧ୍ୟାରେ ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ରାମଚନ୍ଦ୍ର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସକାଳେ ପ୍ରଥମେ ଯୋଗାସନ ଓ ପରେପରେ ଶାସ୍ତ୍ରୀୟ ନୃତ୍ୟ ଓ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରବିବାର ଥିଏଲାଇଟ୍, କୋଲକାତା ପ୍ରଯୋଜିତ ବେଙ୍ଗଲୀ ନାଟକ 'ତୁୟା ଚନ୍ଦନ' ମଞ୍ଚସ୍ଥ ହେବ।

## ଆଜି 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ବିତର୍କ ପ୍ରତିଯୋଗିତା

ବାରିପଦା, ୨୨।୧୧(ସମିସ): ଦୈନିକ 'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ବିତର୍କ ପ୍ରତିଯୋଗିତା ରାଜ୍ୟର ୩୨ଟି ସ୍ଥାନରେ ଏକ ସଙ୍ଗେ ରବିବାର ଅନୁଷ୍ଠିତ ହେବ। ଏଥିରେ ଜୁନିୟର ବିଭାଗରେ ହାଇସ୍କୁଲ ଛାତ୍ରଛାତ୍ରୀ ଓ ସିନିୟର ବିଭାଗରେ କଲେଜ/ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ ଭାଗ ନେଇପାରିବେ। ମୟୂରଭଞ୍ଜ ଜିଲ୍ଲା ପାଇଁ ବାରିପଦା ରଘୁନାଥପୁର ଗଣେଶ ମଣ୍ଡପ ନିକଟ ସାଇ ଆଦର୍ଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ସକାଳ ୯ଟା ୩୦ମିନିଟ ମଧ୍ୟରେ ପଞ୍ଜିକରଣ ସମୟ ରହିଛି। ଏକ ସଙ୍ଗେ ପୃଥକ କକ୍ଷରେ ଜୁନିୟର ଓ ସିନିୟର ପ୍ରତିଯୋଗିତା ଅନୁଷ୍ଠିତ ହେବ। ୩-୩ଜଣ ବିଚାରକ ମୂଲ୍ୟାଙ୍କନ ପରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ଏବଂ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହିତ ଟ୍ରଫି ଆମନ୍ତ୍ରିତ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯିବ। ଉଭୟ ବର୍ଗର ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ପରବର୍ତ୍ତୀ ସମୟରେ ଭୁବନେଶ୍ୱରଠାରେ ରାଜ୍ୟ ସ୍ତରୀୟ ବିତର୍କ ପ୍ରତିଯୋଗୀତାରେ ଭାଗ ନେବେ। ଅଧିକ ଜାଣିବା ପାଇଁ ଜିଲ୍ଲା ପ୍ରତିନିଧି ମନୋଜ ପଣ୍ଡାଙ୍କୁ ୯୪୩୮୨୪୮୪୯୧ ଓ ରାଇରଙ୍ଗପୁର ଉପଜିଲ୍ଲା ପ୍ରତିନିଧି ବିଶ୍ୱଜିତ ଭୂୟାଁଙ୍କୁ ୯୩୪୮୨୭୬୪୦୫ ନଂ.ରେ ଯୋଗାଯୋଗ କରିପାରିବେ।

## ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ଡାକ୍ତର



କରଞ୍ଜିଆ, ୨୨।୧୧(ସମିସ): ରାଜ୍ୟ ଡାକ୍ତର ମହାସଂଘ 'ଓମସା'ର ଆହ୍ୱାନକ୍ରମେ କରଞ୍ଜିଆରେ ଗତ ୨୦ ତାରିଖରୁ ଆନ୍ଦୋଳନତ ଡାକ୍ତରମାନେ କାର୍ଯ୍ୟ ବନ୍ଦ ରଖିବାକୁ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ୧୮ ଦଫା ଦାବିକୁ ନେଇ ଆନ୍ଦୋଳନ କରୁଥିବା ଡାକ୍ତରମାନେ ସମୂହ ଭାବେ କଳା ପୋଷାକ ପିନ୍ଧି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗତ ଏକ ମାସ ତଳେ ସରକାରଙ୍କ ସହିତ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରି ସମାଧାନ ଚାହିଁଥିଲେ; ହେଲେ ଇତିମଧ୍ୟରେ ଏକମାସ ପୂରିଯାଇଥିବାରୁ ସରକାର ଡାକ୍ତରଙ୍କ ଦାବି ପ୍ରତି କୌଣସି କର୍ଣ୍ଣପାତ କରୁନାହାନ୍ତି। ତେଣୁ 'ଓମସା'ର ଆହ୍ୱାନକ୍ରମେ ଆନ୍ଦୋଳନ ଡାକରା ଦେଇଛନ୍ତି। ଆଗାମୀ ଦିନରେ କେତକ ଜରୁରୀ ସେବାକୁ ଛାଡିଦେଲେ ଆଉ ରୋଗୀ ସେବା କରିବେ ନାହିଁ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନିରେ ପ୍ରକାଶ କରିଛନ୍ତି। 'ଓମ୍‌ସା' କରଞ୍ଜିଆ ଶାଖାର ସମ୍ପାଦକ ଡା. ଗୌରାଙ୍ଗ ଚରଣ ନାୟକଙ୍କ ନେତୃତ୍ୱରେ ଶନିବାର ଡା. ମୃତ୍ୟୁଞ୍ଜୟ ମହାନ୍ତ, ଡା. ଡି.ଏ. ପରିଡା, ଡା. ଅନିତା ସିଂ, ଡା. ଗୁଲେଶ ମହାନ୍ତ, ଡା. ଶୁଭ୍ରଜିତ ଜେନା, ଡା. ଶିବାଶିଷ ପଲେଇ, ଡା. ସମୀର ରଞ୍ଜନ ବେହେରା, ଡା. କେ.ଏନ. ପତି ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇ ୧୮ ଦଫା ଦାବିକୁ ସମର୍ଥନ ଜଣାଇଛନ୍ତି।

## ଚୋରି ଅଭିଯୋଗରେ ଯୁବକ ଗିରଫ

କୁଆମରା,୨୨।୧୧(ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ ପୁରୁଣା ବାରିପଦା ପଞ୍ଚାୟତ ରାଇପଦା ଗ୍ରାମର ଭାଗବତ ମହାପାତ୍ରଙ୍କ ଘରେ ଚୋରି କରୁଥିବା ଅଭିଯୋଗରେ ପୁଲିସ ଉଦଳା ଥାନା ଗୋଠ ସାହି ଗ୍ରାମର ଜିତୁ ବାରିକ (୨୮)କୁ ଗିରଫ କରି କୋର୍ଟଚାଲାଣ କରିଛି। ଭାଗବତ ଶୁକ୍ରବାର ଏକୁଟିଆ ଥିବା ବେଳେ ଜିତୁ ତାଙ୍କ ଘରେ ପଶିଥିଲା। ଏହାକୁ ଭାଗବତ ପ୍ରତିବାଦ କରିବାରୁ ଉଭୟଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ପରେ ଶ୍ରୀ ମହାପାତ୍ର ପାଟି କରିବାରୁ ତାଙ୍କ ଘର ବାଡ଼ିରେ କାମ କରୁଥିବା ଶ୍ରମିକମାନେ ଜିତୁକୁ କାବୁ କରିଥିଲେ। ପରେ ପୁଲିସ ପହଞ୍ଚି ଗିରଫ କରିଥିଲା।

## ରାସ୍ତାରୁ ଗୁରୁତର ବ୍ୟକ୍ତିଙ୍କୁ ଉଦ୍ଧାର

ବଡ଼ସାହି, ୨୨।୧୧(ସମିସ): ବଡ଼ସାହି ବ୍ଲକ ଅନ୍ତର୍ଗତ ମାଳିହାତୀ ରାସ୍ତା ନିକଟରେ ଜଣେ ଅଜଣା ବ୍ୟକ୍ତି ରକ୍ତ ଯୁଡ଼ବୁଡ଼ ଅବସ୍ଥାରେ ରାସ୍ତା ଉପରେ ପଡ଼ିଥିଲେ। ଏହାକୁ ଦେଖି ଡୁମୁରିଆ ଗ୍ରାମର ଜଣେ ବ୍ୟକ୍ତି ଆହତ ବ୍ୟକ୍ତିଙ୍କୁ ତୁରନ୍ତ ଉଦ୍ଧାର କରି ମାଣତ୍ରୀ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଇଛନ୍ତି। ଆହତଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ସେ କିଛି କହିପାରୁ ନାହାନ୍ତି। ଫଳରେ ତାଙ୍କର ପରିଚୟ ମିଳିପାରିନାହିଁ।

## ଜମିଜମା ବିବାଦରୁ ଗଣ୍ଡଗୋଳ

ବଡ଼ସାହି,୨୨।୧୧(ସମିସ): ବଡ଼ସାହି ଥାନା ଅଧୀନ ସାହାଡାଶୁଣି ଗ୍ରାମରେ ଦୁଇ ପରିବାର ମଧ୍ୟରେ ଜମିଜମା ବିବାଦରୁ ଗଣ୍ଡଗୋଳ ଘଟି ଏକ ମାମଲା ରୁଜୁ ହୋଇଛି। ପୁଲିସ ଅଭିଯୋଗ ପାଇ ତଦନ୍ତ କରୁଛି। ଗ୍ରାମର କୃପାସିନ୍ଧୁ ଦାସଙ୍କ ପାଳ ଜମିରେ ଥିବା ବାଡକୁ ସେହି ଗ୍ରାମର ସୁରେଶ ବିଶୋଇ ଉଠାଇ ଫିଙ୍ଗି ଦେଇଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ସୁରେଶ, କୃପାସିନ୍ଧୁଙ୍କୁ ଗାଳିଗୁଲଜ କରିବା ସହିତ ଠେଲାପେଲା ଓ ଧକ୍କା ମାରିବା ସହିତ ଜୀବନରୁ ମାରି ଦେବା ଧମକ ଦେଇଥିଲେ। ଏ ନେଇ କୃପାସିନ୍ଧୁ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

## ଦେଶୀ ମଦ ଓ ମହୁଲ ପୋଚ ଜବତ

ବାରିପଦା, ୨୨।୧୧(ସମିସ): ଅବକାରୀ ବିଭାଗ ପକ୍ଷରୁ ବିପୁଳ ପରିମାଣର ମଦ ଓ ପୋଚ ଜବତ କରାଯାଇଛି। ଅଧୀକ୍ଷକ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶକ୍ରମେ ବାରିପଦା ସଦର ଅବକାରୀ ଥାନା ଟିମ ବେତନଟୀ ଥାନା ଅନ୍ତର୍ଗତ ବାତକଟା ଗ୍ରାମ ଅଞ୍ଚଳରେ ଚଢ଼ଉ କରିଥିଲେ। ଚଢଉ ସମୟରେ ୨୪୦ ଲିଟର ଦେଶୀ ରନ୍ଧା ମଦ ଓ ୩୭୫୦ ଲିଟର ମହୁଲ ପୋଚ ଜବତ କରାଯାଇଛି। ହେଲେ ଘଟଣାସ୍ଥଳରୁ ଅଭିଯୁକ୍ତ ଫେରାର ହୋଇଯାଇଛି। ଚଢ଼ଉରେ ସଦର ଅବକାରୀ ଥାନା ଇନ୍ସପେକ୍ଟର ସ୍ୱପ୍ନାରାଣି ବେହେରା, ଦେଉଳି ଅବକାରୀ ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ସାହୁ, ବାରିପଦା ସଦର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ବିଶ୍ୱାଳ, କୁଳିଅଣା ଥାନା ଅଧିକାରୀ ଜ୍ଞାନେଶ୍ୱରୀ ବିଶ୍ୱାଳ, ଦେବରାଜ ସାହୁ, ସବିତା ମହାନ୍ତ, ହେମନ୍ତ କୁମାର ପାତ୍ର, ଗୌତମ ମହାନ୍ତ, ସଞ୍ଜୀବ କୁମାର ମହାପାତ୍ର ପ୍ରଭୃତି ସାମିଲ ଥିଲେ। ଏନେଇ ବାରିପଦା ସଦର ଅବକାରୀ ଥାନାରେ ମାମଲା ରୁଜୁ ହୋଇଛି।

## ସୁଭଦ୍ରା ଶକ୍ତି କେନ୍ଦ୍ର ଉଦ୍‌ଘାଟିତ

କପ୍ତିପଦା,୨୨।୧୧(ସମିସ): କପ୍ତିପଦା ବ୍ଲକ ବଡ଼ଖଲାଡି ଗ୍ରାମରେ ସୁଭଦ୍ରା ଶକ୍ତି କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଡେଇ ଯୋଗଦେଇ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ବିଡ଼ିଓ ରେଶ୍ମା ଟେଟେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉଦଳା ବିଜ୍ଞାପିତ ଅଞ୍ଚଳ ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ପଞ୍ଚାୟତ ସମିତି ଅଧ୍ୟକ୍ଷ କାହ୍ନୁଚରଣ ସୋରେନ, ସିଡ଼ିପିଓ ଇତିନି ଲିୟାଙ୍ଗି, ସହକାରୀ ଯନ୍ତ୍ରୀ ସଦାଶିବ ବେହେରା, ମିଶନ ଶକ୍ତି ବିପିସି ରତିକାନ୍ତ ମିଶ୍ର,ବିଏଲସି ସବିତା ବେହେରା, ପଞ୍ଚାୟତ ସମିତି ସଭ୍ୟ ସରସ୍ୱତୀ ଦାସ ପ୍ରମୁଖ ଯୋଗଦେଇ ମହିଳାଙ୍କ ବିକାଶ ନିମନ୍ତେ ସହାୟକ ହେବ ବୋଲି କହିଥିଲେ। ମହିଳା ସଭାନେତ୍ରୀ ହେମଲତା ଶଙ୍ଖୁଆ ଧନ୍ୟବାଦ ଦେଇଥିଲେ।

## ୨୦୦୩ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ସ୍ୱତନ୍ତ୍ର ଆସର



ଆନନ୍ଦପୁର,୨୨।୧୧ (ସମିସ): ଅଳତି ଦରିଦ୍ର ନାରାୟଣ ସରକାରୀ ଉଚ୍ଚବିଦ୍ୟାଳୟର ୨୦୦୩ ମସିହାର ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସାଧାରଣ ସଭାରେ ପୁରାତନ ଛାତ୍ରୀ ମୋନାଲିସା ବରାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ପୁରାତନ ଛାତ୍ରମାନେ ଏକ କମିଟି ଗଠନ କରି ଆଗାମୀ ଦିନରେ ବିଭିନ୍ନ ଜନହିତକର କାର୍ଯ୍ୟ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ସ୍କୁଲର ଶିକ୍ଷକଙ୍କ ଗୁଣଗାନ କରିବା ସହିତ ସେମାନଙ୍କ ଭଲପାଇବା ଏବଂ ଶିକ୍ଷାଦାନ ପ୍ରଣାଳୀ ସହ ଆଦର୍ଶକୁ ମନେ ପକାଇଥିଲେ। ନିଜ ନିଜ କର୍ମକ୍ଷେତ୍ରରେ ବ୍ୟସ୍ତ ରହି ଏଭଳି ବନ୍ଧୁ ମିଳନରେ ଯୋଗଦାନ କରି ସ୍କୁଲ ସ୍ମୃତି ସହ ନିଜ ବନ୍ଧୁଙ୍କ ଭିତରେ ସଂପର୍କ ଆହୁରି ସୁଦୃଢ଼ ହୋଇପାରିବ ବୋଲି ସମସ୍ତ ଛାତ୍ର ମତ ରଖିଥିଲେ। ସମସ୍ତ ପୁରାତନ ଛାତ୍ର ନିଜ ମଧ୍ୟରେ ସ୍କୁଲ ଜୀବନ ସ୍ମୃତି ଆଦାନ ପ୍ରଦାନ କରିଥିଲେ। ବିଶ୍ୱଜିତ୍ ବିଶ୍ୱାଳ, ଅବିନାଶ ପାତ୍ର, ପ୍ରଦୀପ ରଣା, ଜିତେନ୍ଦ୍ର ନାୟକ, ବସନ୍ତ ଜେନା, ସୌମ୍ୟରଂଜନ ନାୟକ, ଅଜୟ ସେଠୀ, ସୌମ୍ୟରଞ୍ଜନ ନାୟକ, ପ୍ରତାପ ଦାସ, ଅସିତ୍ ଦାସ, ମୋହନ ସାହୁ, ଆଦିତ୍ୟ ନାୟକ, ସମୀର ମଲ୍ଲିକଙ୍କ ସହ ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଛାତ୍ରୀ ସୁମିତ୍ରା ଓଝା ସମସ୍ତ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟରେ ଆଇନ ସଚେତନତା କର୍ମଶାଳା




ବାରିପଦା ୨୨।୧୧(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଦୂରବର୍ତ୍ତୀ ଏବଂ ଅନଲାଇନ୍ ଶିକ୍ଷା କେନ୍ଦ୍ର (ସିଡିଓଇ) ପକ୍ଷରୁଏକ ଆଇନଗତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପିଏମ୍ ଉଷା ଦ୍ୱାରା ପ୍ରାୟୋଜିତ 'ଓଡ଼ିଶାରେ ଡାହାଣୀ ଶିକାର ପରମ୍ପରାର ଉଚ୍ଛେଦଜନିତ ଆଇନଗତ ସଚେତନତା' ଶୀର୍ଷକ ଏହି କର୍ମଶାଳାକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳରେ ଆଗକାଳରେ କିପରି ଏସବୁ ପରମ୍ପରା ବ୍ୟାପକ ଥିଲା ଏବଂ ଶିକ୍ଷାର ପ୍ରସାର ଫଳରେ ଧିରେ ଧିରେ ତାହା ଲୋପ ପାଇଆସିଲା ତାହା ନିଜସ୍ୱ ଅନୁଭୂତି ବର୍ଣ୍ଣନା କରିଥିଲେ ପ୍ରଫେସର ଶତପଥୀ। ପୂର୍ବତନ ରାଜ୍ୟ ସୂଚନା କମିଶନର ଶଶିପ୍ରଭା ବିନ୍ଧାଣୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜର କିଛି ଲୋକ ମନ୍ଦ ଉଦ୍ଦେଶ୍ୟରେ ନିଜର ସ୍ୱାର୍ଥ ହାସଲ କରିବା ପାଇଁ ଅସହାୟ, ବିଧବାଙ୍କୁ ଡାହାଣୀ ଆଖ୍ୟା ଦେଇ ଏଭଳି ଅମାନବୀୟ କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ। ମୁଖ୍ୟବକ୍ତା ମୟୂରଭଞ୍ଜ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ରାଜଶ୍ରୀ ପଟ୍ଟନାୟକ ଯୋଗଦେଇ ଡାହାଣୀ ଶିକାର ମାମଲାରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିବାକୁ ହେବ ଏବଂ ଏହି ଅପରାଧ ପାଇଁ ଆଇନ୍‌ରେ ଏକରୁ ସାତବର୍ଷ ପର୍ଯ୍ୟନ୍ତ କାରାଦଣ୍ଡର ପ୍ରାବଧାନ ରହିଛି ବୋଲି ସୂଚନା ଦେଇଥିଲେ। ସମ୍ମାନିତ ଅତିଥିଭାବେ ମୟୂରଭଞ୍ଜ ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ କୁମାର ଗୋଚ୍ଛାୟତ ଯୋଗଦେଇଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳଲୋଚନ ବାରିକ ପୃଷ୍ଠପୋଷକ ଭାବେ ଯୋଗଦେଇ ଡାହାଣୀ ଶିକାର ଭଳି କୁସଂସ୍କାରର ଦୂରୀକରଣ ଦିଗରେ ଏଭଳି କର୍ମଶାଳା ସହାୟକ ହେବ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟ ପିଏମ୍ ଉଷା କାର୍ଯ୍ୟକ୍ରମର ନୋଡାଲ୍ ଅଧିକାରୀ ପ୍ରଫେସର ଇନ୍ଦ୍ରଜିତ ନାଏକ ବିଶ୍ୱବିଦ୍ୟାଳୟରେ ଏଭଳି କାର୍ଯ୍ୟକ୍ରମ ସାମାଜିକ ନ୍ୟାୟ ଓ ଲିଙ୍ଗ ସମାନତାକୁ ପ୍ରୋତ୍ସାହିତ କରିବ କରିବ ବୋଲି କହିଥିଲେ। କାର୍ଯ୍ୟକାରୀ ସମ୍ପାଦକ ତଥା ସାମାଜିକ କାର୍ଯ୍ୟ ବିଭାଗର ସହକାରୀ ପ୍ରଫେସର ଡ ସୁଜୟ କୁଣ୍ଡୁ ସ୍ୱାଗତ ଭାଷଣ ଦେଇଥିଲେ। ସିଡିଓଇର ନିର୍ଦ୍ଦେଶକ ପ୍ରଫେସର ସୁକାନ୍ତ କୁମାର ନାୟକ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଉପନିର୍ଦ୍ଦେଶକ ତଥା ସହ-ଆବାହକ ଡ ପ୍ରତାପ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିହାରର ମହାତ୍ମାଗାନ୍ଧୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଜିତ କୁମାର ଚୌଧୁରୀ, ଉତ୍ତରାଖଣ୍ଡର ହେମବତୀ ନନ୍ଦନ ବହୁଗୁଣା ଗଢ଼ୱାଲ୍ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଡ ଲାମୁ ସେରିଙ୍ଗ ଡୁକ୍‌ପା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ରାଇରଙ୍ଗପୁର ବନଖଣ୍ଡର ସଂଯୋଜକ ପୁରସ୍କୃତ



ବିଶୋଇ, ୨୨।୧୧ (ସମିସ): ଜଙ୍ଗଲ ବିଭାଗ ଦ୍ୱାରା ପରିଚାଳିତ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମସ୍ତ ବନଖଣ୍ଡ ଅଧିକାରୀ, ବିଷୟ ଭିତ୍ତିକ ବିଶେଷଜ୍ଞ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତିର ସମସ୍ତ ଅଧିକାରୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଭାବରେ ପିସିସିଏଫ ସୁରେଶ ପନ୍ଥ ଯୋଗଦେଇ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ। ଶ୍ରେଷ୍ଠ ଏଫ.ଏମ୍.ୟୁ ଜୀବନଜୀବିକା ସଂଯୋଜକ ଭାବରେ ରାଇରଙ୍ଗପୁର ବନଖଣ୍ଡରେ କାର୍ଯ୍ୟରତ ବିଜୟ କେତନ ବିଶ୍ୱାଳଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଶ୍ରୀ ବିଶ୍ୱାଳ ଗତ ୬ ବର୍ଷ ଧରି ମଣଦା ବନାଞ୍ଚଳରେ ବହୁ ଉନ୍ନତିମୂଳକ କାର୍ଯ୍ୟ କରିବା ସହିତ ବନ ସୁରକ୍ଷା ସମିତିର ସୁଖଦୁଃଖରେ ସାମିଲ ହୋଇ ଆସୁଛନ୍ତି। ଜିଆ ଖତ ମାଧ୍ୟମରେ ମଣଦା ବନାଞ୍ଚଳର ୧୪ଟି ବନ ସୁରକ୍ଷା ସମିତିର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ରୋଜଗାର ଦେବାରେ ମଧ୍ୟ ତାଙ୍କର ସହଯୋଗ ରହିଛି। ଶ୍ରୀ ବିଶ୍ୱାଳଙ୍କ ଏହି ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ଭିଏସଏସ୍ ଲୋକଙ୍କ ନିକଟରେ ପ୍ରିୟଭାଜନ ହୋଇ ପାରିଛନ୍ତି।

## ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ର ଉଦ୍‌ଘାଟିତ

ମହୁଲଡିହା,୨୨।୧୧(ସମିସ): ଠାକୁରମୁଣ୍ଡା ସମବାୟ ସମିତି ପରିସରରେ ନାଫେଡ କମ୍ପାନୀର ଖାଦ୍ୟ ସାମଗ୍ରୀ, ପ୍ରଧାନ ମନ୍ତ୍ରୀ ଜନଔଷଧି ଜନ ସେବାକେନ୍ଦ୍ର ଓ କୃଷି ଯନ୍ତ୍ରପାତି ବିକ୍ରୟ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗଦେଇ ବିକ୍ରୟ କେନ୍ଦ୍ରକୁ ଉଦଘାଟନ କରିଥିଲେ। କରଞ୍ଜିଆ ମଣ୍ଡଳର ସହକାରୀ ନିବନ୍ଧକ ବସନ୍ତ କୁମାର ନାୟକ, ମହାବୀର ଏଣ୍ଟରପ୍ରାଇଜର୍ସ ଆନନ୍ଦପୁରର ପର୍ଶୁରାମ ବେହେରା, ଏମସିସି ବ୍ୟାଙ୍କ ଶାଖା ପରିଚାଳକ ଅବିନାଶ ବେହେରା, ଲ୍ୟାମ୍ପ୍ସ ସଭାପତି ଗଣନାଥ ନାୟକ, ପରିଚାଳନା ପରିଷଦର ସମସ୍ତ ସଭ୍ୟ ଉପସ୍ଥିତକ ଥିଲେ। ଶେଷରେ ସମିତିର ପରିଚାଳନା ନିର୍ଦ୍ଦେଶକା ପାର୍ବତୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ମରୈଗାଁରେ ଛତୁ ଉଦ୍ୟୋଗୀଙ୍କ ସମ୍ମିଳନୀ

ହାଟଡ଼ିହୀ,୨୨।୧୧(ସମିସ): ଶନିବାର ପୂର୍ବାହ୍ନରେ ମରୈଗାଁ ପଞ୍ଚାୟତ ସଭାଗୃହରେ ଛତୁ ଉଦ୍ୟୋଗୀଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଛତୁ ଉତ୍ପାଦନ ମହାସଂଘ ପକ୍ଷରୁ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ବହୁ ସଂଖ୍ୟାରେ ଛତୁ ଚାଷୀ ଯୋଗ ଦେଇଥିଲେ। ଡ. ଅଦ୍ୱୈତ ପାତ୍ର, ଭି.ପି ଓମକାର ମହାନ୍ତି, ସଭାପତି ହରିହର ଆଇଚ ଛତୁଚାଷ ଦ୍ୱାରା ଚାଷୀଙ୍କର ଆର୍ଥିକ ବିକାଶ କିପରି ବୃଦ୍ଧି ହୋଇପାରିବ ସେନେଇ ଆଲୋଚନା କରିଥିଲେ। ଚନ୍ଦ୍ରଶେଖର ଜେନା, ଜୟନ୍ତ ବାରିକ, ଅଭିଜିତ ବେହେରା, ଶିବ ବାରିକ, ଡମ୍ବରୁଧର ଜେନା, ନିରଞ୍ଜନ ବେହେରା, ହୃଷିକେଶ ଜେନା, କାମଦେବ ସାହୁ, ସୂର୍ଯ୍ୟମଣି ରାଉତ, ପ୍ରକାଶ ମଲ୍ଲିକ, ଚିତ୍ତରଞ୍ଜନ ନାୟକ, ପ୍ରହଲ୍ଲାଦ ସାହୁ, ସଂଗ୍ରାମ କେଶରୀ ବେହେରା, ସୁଧାନିଧି ଜେନା, ବାସୁଦେବ ନାୟକ, ସଞ୍ଜୟ ବିଶ୍ୱାଳ, ଅମୂଲ୍ୟ ନାୟକ, ନିର୍ମଳ ବେହେରା, ବିନୋଦ ବିହାରୀ ପୁହାଣ, ଶ୍ରୀମନ୍ତ ନାୟକ, ଆଲୋକ ସାହୁ, ପ୍ରଶାନ୍ତ ନାୟକ, ଅମରେଶ ପାତ୍ର, ଭାବଗ୍ରାହୀ ସା, ଆନନ୍ଦ ସେନାପତି ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

## ଉପଖଣ୍ଡସ୍ତରୀୟ 'ସର୍ଗିଫୁଲ' ଉଦ୍‌ଯାପିତ



ରାଇରଙ୍ଗପୁର,୨୨।୧୧(ସମିସ): ମହୁଲଡିହା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବାମନଘାଟୀ ଉପଖଣ୍ଡସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ରାଇରଙ୍ଗପୁର ସ୍ୱମନିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଯୋଗରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ କମଳାକାନ୍ତି ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଶିଶୁଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ପରିସ୍ଫୁଟନ କରିବା ନିମନ୍ତେ ସର୍ଗିଫୁଲ କାର୍ଯ୍ୟକ୍ରମ ଏକ ମାଧ୍ୟମ। ଏହି କାର୍ଯ୍ୟକ୍ରମ ଜରିଆରେ ପ୍ରତିଭାର ଯଥାର୍ଥ ବିକାଶ ହେଉଛି ବୋଲି ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଅଳତି ଦରିଦ୍ରନାରାୟଣ ଉଚ୍ଚବିଦ୍ୟାଳୟ ପ୍ଲାଟିନମ୍ ଜୁବିଲିର ଦ୍ୱିତୀୟ ଦିବସ

# ବିଦ୍ୟାଳୟର ମୁଖପତ୍ର 'ଆଳତି' ଉନ୍ମୋଚିତ



ଆନନ୍ଦପୁର, ୨୨।୧୧ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଅଳତି ଦରିଦ୍ର ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ଲାଟିନମ୍ ଜୁବିଲିର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ସାଧାରଣ ସଭାରେ ପ୍ଲାଟିନମ୍ ଜୁବିଲି କମିଟିର ସଭାପତି ଡ ରତିକାନ୍ତ ବରାଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟବକ୍ତା ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଦାଶ ବେନହୁର, ବରେଣ୍ୟ ଅତିଥି କେନ୍ଦୁଝର ସାଂସଦ ଅନନ୍ତ ନାଏକ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ସଫଳ ଛାତ୍ର ଅଳତି ସରପଞ୍ଚ ପ୍ରିୟବ୍ରତ ବରାଳ ଯୋଗଦାନ କରିଥିଲେ। ସ୍ୱାଗତ ଭାଷଣ ପ୍ଲାଟିନମ୍ ଜୁବିଲିର ସଭାପତି ଡ ରତିକାନ୍ତ ବରାଳ ପ୍ରଦାନ କରିଥିଲେ। ବିଦ୍ୟାଳୟର ବିବରଣୀ ପ୍ରଧାନଶିକ୍ଷକ ସୁରେନ୍ଦ୍ର ଜେନା ପଠନ କରିଥିଲେ। ମଞ୍ଚ ଉପସ୍ଥାପନା କରିଥିଲେ ମଧୁମିତା ମହାନ୍ତି ଓ ବିଦ୍ୟାଳୟର ଶିକ୍ଷକ ଟଗୁଲୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# 'ଇସ୍କ ଟ୍ରାଫିକ୍'ରେ ୭ଟି ଗୀତ

ସାଧାରଣତଃ ଚଳଚ୍ଚିତ୍ରରେ ୪ଟି କିମ୍ବା ୫ଟି ଗୀତ ସ୍ଥାନିତ ହେଉଥିବା ଦେଖାଯାଏ। ତେବେ 'ଇସ୍କ୍ ଟ୍ରାଫିକ୍' ସିନେମାରେ ସମୁଦାୟ ୭ଟି ଗୀତ ରହିଛି। ଖୁବ୍ ଶୀଘ୍ର ଏହା ପରଦାକୁ ଆସିବାକୁ ଯାଉଛି। ଏହାର ଥିମ୍ ସଙ୍ଗ, ରୋମାଣ୍ଟିକ୍ ଡୁଏଟ୍, ଆଇଟମ୍ ନମ୍ବର, ସୁଫିଆନା ଏବଂ ବିରହ ଗୀତ ଦର୍ଶକଙ୍କୁ ଆକର୍ଷିତ କରିବ। ତପୁ ନାୟକ, ରଞ୍ଜନ ନାୟକ, ପୁଷ୍ପକ ପରିଡ଼ା ଓ ଅସଦ୍ ନିଜାମଙ୍କ ରଚିତ ଗୀତଗୁଡ଼ିକରେ ହ୍ୟୁମାନ ସାଗର, ମଣ୍ଟୁ ଛୁରିଆ, କୁଳଦୀପ ପଟ୍ଟନାୟକ, ଅସୀମା ପଣ୍ଡା, ସତ୍ୟଜିତ ପ୍ରଧାନ ଓ ଅବିନାଶ କଣ୍ଠଦାନ କରିଛନ୍ତି। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଯୁବପିଢ଼ିର ଅନ୍ୟତମ ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଅସଦ୍ ନିଜାମ। ଅମର ମ୍ୟୁଜିକ୍‌ରେ ଗୀତଗୁଡ଼ିକ ମୁକ୍ତିଲାଭ କରିଛି। ଏହି ଚଳଚ୍ଚିତ୍ର ଦର୍ଶକଙ୍କୁ ଭାବପ୍ରବଣ କରିବା ସହ ମନୋରଞ୍ଜନର ଭରପୂର ଖୋରାକ ଯୋଗାଇବ।। ମା'–ପୁଅ ଓ ମାମୁଁଙ୍କ ସମ୍ପର୍କକୁ ନେଇ ସିନେମାଟି ଗତିଶୀଳ ହୋଇଛି। କମେଡି ଅଭିନୟରେ ପପୁ ପମପମ୍ ଏହି ଚଳଚ୍ଚିତ୍ରର ମୁଖ୍ୟ ଆକର୍ଷଣ ସାଜିଛନ୍ତି। ତା' ସାଙ୍ଗକୁ ନବାଗତ ଅଭିନେତା ପ୍ରେମଙ୍କ ଅଭିନୟ ବେଶ୍ ପ୍ରଭାବଶାଳୀ ହୋଇପାରିଛି। ଶୁଭ୍ରାଂଶୁ ବିଶ୍ୱାଳଙ୍କ କାହାଣୀ ଓ ସଂଳାପରେ ନିର୍ମିତ ଏହି ଚଳଚ୍ଚିତ୍ରରେ ରୋହନଜିତ ଦାସ ନିର୍ଦ୍ଦେଶନା ଦେଇଛନ୍ତି। 'ଗ୍ରୀନ୍ ଚିଲିଜ୍ ଆଣ୍ଡ ଏଣ୍ଟରଟେନମେଣ୍ଟ' ନିବେଦିତ ଫିଲ୍ମଟିରେ ପୁଷ୍ପା ପଣ୍ଡା, ମନସ୍ୱିନୀ ପତି, ଚୌଧୁରୀ ଜୟପ୍ରକାଶ ଦାସ, ଜୀବନ ପଣ୍ଡା, ସନ୍ତୁ ନିଜେ, ମହାପ୍ରସାଦ କର, ନୈନା ନାଥ, ପ୍ରିୟଙ୍କା ସାହୁ, ଅର୍ପିତା ସାହୁ, ଆନ୍ନା କମେଡି, ବାପି କମେଡି, କାଳିଆ, ସୁଧୀର ବାରିକ, ବେକାରିଆ ନୁକ ପ୍ରମୁଖ ଅଭିନୟ କରୁଛନ୍ତି। ସିନେମାଟି ଦର୍ଶକଙ୍କୁ ଏକ ପାରିବାରିକ ପ୍ରେମ କାହାଣୀ ଏବଂ ମନୋରଞ୍ଜନର ନୂତନ ଅନୁଭୂତି ପ୍ରଦାନ କରିବ। ■

# ଜାଗରଣ ଫିଲ୍ମ ଫେଷ୍ଟିଭାଲ୍‌ରେ 'ପୂଷ୍ପୋଦକମ୍'



ମୁମ୍ବାଇଠାରେ ଅନୁଷ୍ଠିତ ଜାଗରଣ ଫିଲ୍ମ ଫେଷ୍ଟିଭାଲରେ ଓଡ଼ିଆ ଚଳଚ୍ଚିତ୍ର 'ପୂଷ୍ପୋଦକମ୍' ପ୍ରଦର୍ଶିତ ହୋଇଛି। ଚଳଚ୍ଚିତ୍ରର ନିର୍ଦ୍ଦେଶକ ଶିବପ୍ରସାଦ ମହାନ୍ତି, ପ୍ରଯୋଜିକା ଗୁନଗୁନ, ରୀନା ଜେନା, କାର୍ଯ୍ୟକାରୀ ପ୍ରଯୋଜକ ନିର୍ମାଲ୍ୟ କୁମାର, ଖ୍ୟାତି ସମ୍ପନ୍ନ ସାଉଣ୍ଡ ଡିଜାଇନର ସୁବାସ ସାହୁ, ବର୍ଷିଆନ ଅଭିନେତ୍ରୀ ଓ ନିର୍ଦ୍ଦେଶିକା ବିଜୟା ଜେନା (ଡଲି) ପ୍ରମୁଖ ଯୋଗ ଦେଇଥିଲେ। ନଭେମ୍ବର ୧୩ ରୁ ୧୬ ତାରିଖ ଯାଏଁ ଆୟୋଜିତ ଏହି ଅନ୍ତର୍ଜାତୀୟ ମହୋତ୍ସବରେ ପ୍ରଦର୍ଶିତ ହୋଇ ବେଶ୍ ପ୍ରଶଂସା ସାଉଁଟିଛି। ବଳିଷ୍ଠ କାହାଣୀ, ସ୍ୱତନ୍ତ୍ର ଉପସ୍ଥାପନା, ପ୍ରଭାବୀ ଅଭିନୟ ଓ ଉଚ୍ଚକୋଟୀର ନିର୍ମାଣ ଶୈଳୀ ପାଇଁ ଏହା ଉଭୟ ଦର୍ଶକ ଓ ସମାଲୋଚକଙ୍କ ଦ୍ୱାରା ଆଦୃତ ହୋଇଥିଲା। 'ଗୁନଗୁନ ଫିଲ୍ମସ୍' ନିବେଦିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ନିର୍ଦ୍ଦେଶକ ଶିବପ୍ରସାଦ ମହାନ୍ତି। କେବଳ ନିର୍ଦ୍ଦେଶନା ନୁହେଁ, ଚିତ୍ରନାଟ୍ୟ ଓ ସଂଳାପ ରଚନା ସହ ସମ୍ପାଦନା ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି। ବିଭିନ୍ନ ଭୂମିକାରେ ଗୁନଗୁନ, ଶ୍ରୀତମ ଦାସ, ଗାର୍ଗୀ ମହାନ୍ତି, ଅଭିଷେକ ଗିରି, ଶୁଭ୍ରାଂଶୁ ନାୟକ, ବିବୁ ଦାସ, ପୂର୍ଣ୍ଣେନ୍ଦୁ ଦତ୍ତ ପ୍ରମୁଖ ଅଭିନୟ କରିଛନ୍ତି। କ୍ୟାମେରାରେ ପ୍ରେମ ଜୟନ ଥିବାବେଳେ ସଙ୍ଗୀତରେ ଅଛନ୍ତି ସୁବାସ ସାହୁ ଓ ଅରୁଣ ଜ୍ୟୋତି। ସାଉଣ୍ଡ ଡିଜାଇନ କରିଛନ୍ତି ସୁବାସ ସାହୁ। ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହେବା ପରେ ଏହା ବଡ଼ ପରଦାକୁ ଆସିବ ବୋଲି ଗୁନଗୁନ କହିଛନ୍ତି। ■

# ସର୍ବଗୁଣ ସମ୍ପନ୍ନ ଯୋଡ଼ି ରୁବିନା-ଅଭିନବ




କଲର୍ସ ଟିଭି ଏବଂ ଜିଓ ହଟ୍‌ଷ୍ଟାର୍‌ରେ ତିନି ମାସ ହେବ ଦର୍ଶକଙ୍କ ମନୋରଞ୍ଜନ କରି ଆସୁଥିଲା 'ପତି, ପତ୍ନୀ ଔର୍ ପଙ୍ଗା' ଶୋ'। ରୁବିନା ଦିଲାଇକ ଏବଂ ଅଭିନବ ଶୁକ୍ଲା ଶୋ'ର ବିଜେତା ହୋଇଛନ୍ତି। ଏହି ସିଜନ୍‌ରେ ଏହି ଦମ୍ପତିଙ୍କୁ ସର୍ବଗୁଣ ସମ୍ପନ୍ନ ଯୋଡ଼ିର ଟାଇଟଲ୍ ମିଳିଛି। ଏ ଦୁହିଁଙ୍କୁ ଶୋ'ର ସବୁଠୁ ଭଲ ଦମ୍ପତି ବୋଲି କୁହାଯାଇଛି। ଏହି ଶୋ'ରେ ପ୍ରତ୍ୟେକ ଦମ୍ପତି ନିଜ ସମ୍ପର୍କ ବିଷୟରେ ଖୋଲାଖୋଲି ଆଲୋଚନା କରିଥିଲେ। ଶୋ'ର ବିଜେତା ହୋଇ ଦୁହେଁ ଖୁବ୍ ଖୁସି ଏବଂ ଉତ୍ସାହିତ ଅଛନ୍ତି। ଅନ୍ୟପଟେ ଏହି ଶୋ'ରେ ହୀନା ଖାନ୍, ସ୍ୱରା ଭାସ୍କର, ଗୀତା ଫୋଗଟ, ସୁଦେଶ ଲହରୀ, ଦେବିନା ବାନାର୍ଜୀ, ଇଶା ମାଲବୀୟ, ଅଭିଷେକ କୁମାର, ଅବିକା ଗୌର ନିଜ ସାଥୀଙ୍କ ସହିତ ନଜର ଆସିଥିଲେ। ଶୋ'ର ବିଚାରପତି ଭାବେ ନଜର ଆସିଥିଲେ ସୋନାଲି ବିନ୍ଦ୍ରେ ଏବଂ ମୁନଵ୍ୱର ଫାରୁକି। ଶୋ'ରେ ସାମିଲ ପ୍ରତ୍ୟେକ ପ୍ରତିଯୋଗୀ ମଜାଦାର ଟାସ୍କ, ଡ୍ୟାନ୍ସ, ଗେମ୍ ଚ୍ୟାଲେଞ୍ଜ ପୂରା କରିଥିଲେ। ■

# ଚର୍ଚ୍ଚାରେ ଟାଇଗର୍



ଆକ୍ସନ ସିନେମା ଲାଗି ପରିଚିତ ବଲିଉଡ୍‌ର ଆଗଧାଡ଼ିର ଅଭିନେତା ଟାଇଗର୍ ଶ୍ରଫ୍। ଏବେ 'ବାଗି-୪'ରେ ତାଙ୍କର ଆକ୍ସନ ଦୃଶ୍ୟକୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି। ଏହାରି ଭିତରେ ଟାଇଗର ତାଙ୍କ ନୂଆ ସିନେମାକୁ ନେଇ ଚର୍ଚ୍ଚାରେ ଅଛନ୍ତି। ଫିଲ୍ମ ନିର୍ମାତା ରାମ ମାଧବାନୀଙ୍କ ସହିତ ଏକ ମଲ୍ଟି ଫିଲ୍ମ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଅବଶ୍ୟ ଏହି ସିନେମା ଉପରେ କାମ ଆରମ୍ଭ ହେଲାଣି। ସିନେମାର ଶୀର୍ଷକ ସ୍ଥିର ହୋଇ ନ ଥିଲେ ବି ସେ ଏହି ସିନେମାରେ ଆକ୍ସନ ଦୃଶ୍ୟରେ ନଜର ଆସିବେ। ତେବେ ଏହା ଏକ ଆଧାମିକ ଆକ୍ସନ ଥ୍ରିଲର ସିନେମା ହେବ। ଯାହାକି ଭାରତୀୟ ସିନେମାରେ ପୂର୍ବରୁ କେବେ ହୋଇ ନ ଥିବା କୁହାଯାଉଛି। ସେହିପରି ଏହି ସିନେମା ଲାଗି ଟାଇଗର ବ୍ୟାପକ ପ୍ରସ୍ତୁତି କରିବେ। ସିନେମାର ସୁଟିଂ ୨୦୨୬ରେ ଆରମ୍ଭ ହେବ। ତା'ସହ ଫିଲ୍ମର ଏକ ବଡ଼ ଭାଗ ଜାପାନରେ ସୁଟିଂ ହେବ। ଅନ୍ୟପଟେ ଏବେ ଏହାର ନିର୍ମାତା ମୁଖ୍ୟ ଅଭିନେତ୍ରୀ ଏବଂ ଖଳନାୟକ ସନ୍ଧାନରେ ଅଛନ୍ତି। ■

# ୨୩ରେ 'ଓଡ଼ିଶାର ବେଷ୍ଟ ସିନେଷ୍ଟାର୍‌ର ଖୋଜ୍'ର ଗ୍ରାଣ୍ଡ ଫିନାଲେ

ଜୀ ସାର୍ଥକରେ ପ୍ରସାରିତ ହେଉଥିବା ଓଡ଼ିଶାର ରିୟାଲିଟି ଶୋ' 'ଓଡ଼ିଶାର ବେଷ୍ଟ ସିନେ ଷ୍ଟାର୍‌ର ଖୋଜ'ର ଗ୍ରାଣ୍ଡ ଫିନାଲେ ଆଜି ଅର୍ଥାତ ନଭେମ୍ବର ୨୩ ତାରିଖ ସନ୍ଧ୍ୟା ୬ଟା ୩୦ ପ୍ରସାରିତ ହେବ। 'ଓଡ଼ିଶାର ବେଷ୍ଟ ସିନେଷ୍ଟାର୍‌ର ଖୋଜ୍' ହେଉଛି ଏକ ଅନନ୍ୟ ପ୍ରତିଭା ଖୋଜିବାର ପ୍ରୟାସ। ପ୍ରତି ପ୍ରତିଯୋଗୀମାନେ ଏହି ଗ୍ରାଣ୍ଡ ଫିନାଲେରେ ନିଜର ଦମଦାର ପ୍ରଦର୍ଶନ ଦେଇଛନ୍ତି। ବିଭିନ୍ନ ପର୍ଯ୍ୟାୟରେ ପ୍ରତିଯୋଗୀମାନେ ନିଜର କଳା ପ୍ରଦର୍ଶନ କରିଛନ୍ତି। ତେବେ ଶେଷ ପର୍ଯ୍ୟାୟରେ ଅର୍ଥାତ ଗ୍ରାଣ୍ଡ ଫିନାଲେରେ ଜଣେ ଅଭିନେତା ଓ ଅଭିନେତ୍ରୀ ବିଜୟୀ ମୁକୁଟ ପିନ୍ଧିବେ, ଯିଏ ପାଇବେ ବଡ଼ ପରଦାକୁ ପ୍ରବେଶ କରିବାର ବଡ଼ ସୁଯୋଗ। ବିଜୟୀ ପ୍ରତିଯୋଗୀଙ୍କୁ ଆଗାମୀ ଜୀ ସାର୍ଥକ ଫିଲ୍ମସ୍ ଓ ମ୍ୟୁଜିକ ଭିଡିଓରେ ମୁଖ୍ୟ କଳାକାର ଭାବରେ ଲଞ୍ଚ କରାଯିବ। ଶୋ'ର ବିଚାରକ ଭାବରେ ଶ୍ରୀତମ, ଲିପି ଏବଂ ନମ୍ରତା ଥାପ୍ପା ରହିଛନ୍ତି। ଉପସ୍ଥାପନା ଦାୟିତ୍ୱ ତୁଲାଉଛନ୍ତି ଅଭିନେତ୍ରୀ ଅନନ୍ୟା ଏବଂ ଅଭିନେତା ରଞ୍ଜନ। ଗ୍ରାଣ୍ଡ ଫିନାଲେରେ ସ୍ୱରାଜ ବାରିକ, ଶିବାନୀ ସଙ୍ଗୀତା, ସୁଜିତ, ଅସୀମା ପଣ୍ଡା, କୁଳଦୀପ ଓ ଗୌରବଙ୍କ ଆନନ୍ଦଙ୍କୁ ଦେଖିବାକୁ ମିଳିବ। ■



ସାକ୍ଷାତ

# "ଅଭିନୟ ସମୟରେ ଚରିତ୍ରରେ ହଜିଯାଏ"

ଲୋକପ୍ରିୟ ପୁରୁଣା ଆଲବମ୍ ଦେଖି ସେ ଅଭିନୟ ଜଗତକୁ ଆସିବାକୁ ଭାବିଥିଲେ। ସୌଭାଗ୍ୟବଶତଃ ତାଙ୍କୁ ସେ ସୁଯୋଗ ମିଳିଲା। ଖୁବ୍ କମ୍ ବୟସରୁ କମେଡି ଶୋ'ରେ କାମ ଆରମ୍ଭ କରିଥିଲେ ଭୁବନେଶ୍ୱରର ଲିପ୍‌ସା ମହାରଣା। ପରବର୍ତ୍ତୀ ସମୟରେ ଦୁଇଟି ଓଡ଼ିଆ ସିନେମାରେ କାମ କରିଛନ୍ତି। ମ୍ୟୁଜିକ୍ ଭିଡିଓଠୁ ନେଇ ଧାରାବାହିକ ପର୍ଯ୍ୟନ୍ତ ପ୍ରତ୍ୟେକଟି କ୍ଷେତ୍ରରେ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗକୁ ହାତ ଛଡ଼ା କରି ନାହାଁନ୍ତି ସେ। ଏକାଧାରାରେ ଲିପ୍‌ସା ବହୁମୁଖୀ ପ୍ରତିଭାର ଅଧିକାରିଣୀ। ଏହି ଲାଇନ୍‌କୁ ସେ କେମିତି ଆସିଲେ ତଥା ଆଗକୁ ତାଙ୍କର କ'ଣ ଯୋଜନା ରହିଛି ଜାଣିବା ତାଙ୍କ ମୁହଁରୁ।

**ଅଭିନୟ ଜଗତରେ କାମ କରିବାକୁ କେତେ ସଂଘର୍ଷ କରିଛନ୍ତି ?**

● ଭୁବନେଶ୍ୱରରେ ମୋର ଜନ୍ମ। ବ୍ରହ୍ମପୁରରେ ପାଠ ପଢ଼ିଛି। ପିଲାଦିନେ ନାଚ, ଗୀତ, ଅଭିନୟ କରୁଥିଲି। ଆଲବମ୍ ଅଭିନେତା ସ୍ୱର୍ଗତ ପପୁ ଭାଇଙ୍କ ମୃତ୍ୟୁ ପରେ ମୋ ସାନ ଭାଇର ନାଁ ରଖାଗଲା ପପୁ। ସେବେଠୁ ଓଲିଉଡ୍ ଇଣ୍ଡଷ୍ଟ୍ରିକୁ ମୁଁ ପରିବାର ବୋଲି ମାନି ନେଇଥିଲି। ଟିଭିରେ ଯାହା ଦେଖୁଥିଲି ସେମିତି ନିଜକୁ ନକଲ କରୁଥିଲି। ସୌଭାଗ୍ୟବଶତଃ 'ଏଇଟା ବାୟାଟା' କମେଡି ଶୋ'ରେ ପପୁ ଭାଇଙ୍କ ସହ ମୋର ମୋର ପ୍ରଥମ କାମ ଆରମ୍ଭ କରିଥିଲି। ପରେ ପରେ ତରଙ୍ଗରେ 'ଯାହା କହିବି ସତ କହିବି' କରିଥିଲି। ଏହି ଶୋ'କୁ ମୋ ବାପା ବହୁତ ଭଲ ପାଇଥିଲେ। 'ଶ୍ରୀମାନ ଶ୍ରୀଯୁକ୍ତ', 'ବଦମାସିଆ ପ୍ରେମ' ସିନେମା କରିଛି। ଏହା ରିଲିଜ୍ ହୋଇନି। ପପୁ ଭାଇଙ୍କ ସହ 'ମାଇପ ପ୍ରେମ ସର୍ବୋତ୍ତମ' ମ୍ୟୁଜିକ୍ ଭିଡିଓ କରିଛି। 'ସାଥି ସାତ ଜନ୍ମର' ଧାରାବାହିକରେ ନାୟିକାର ସାଙ୍ଗ ଚରିତ୍ରରେ ନଜର ଆସିଥିଲି। ନିକଟରେ ମୋର ଅଭିନୀତ 'ବାଲିଯାତ୍ରା' ଟେଲି ଫିଲ୍ମ ରିଲିଜ୍ ହୋଇଛି। ଏଥିରେ ମୁଁ ସାଧବ ବଡ଼ ବୋହୂ ଭୂମିକାରେ ଅଭନୟ କରିଛି। ଅନେକ ଇଭେଣ୍ଟର ପରିଚାଳନା କରିବାକୁ ମୋତେ ଦାୟିତ୍ୱ ମିଳିଛି।

**କ୍ୟାମେରାକୁ କେମିତି ସାମ୍ନା କରିଥିଲେ ?**

● ପ୍ରଥମେ କମେଡି ଶୋ' ସୁଟିଂ ପାଇଁ ପପୁ ଭାଇ ଡାକିଥିଲେ। ପ୍ରଥମେ ପ୍ରଥମେ କାମକୁ ନେଇ ବହୁତ ଡର ଥିଲା ମୋ ଭିତରେ। କାମକୁ ଯିବି କି ନାହିଁ ତାହାକୁ ନେଇ ଦ୍ୱନ୍ଦ୍ୱରେ ଥିଲି। ତେଣୁ ବୁଲିବା ଲକ୍ଷ୍ୟରେ ସୁଟିଂ ସେଟ୍‌କୁ ଯାଇଥିଲି। ପପୁ ଭାଇ ପରୀକ୍ଷାମୂଳକଭାବେ ମେକ୍‌ଅପ୍ ନେଇ କଷ୍ଟ୍ୟୁମ୍ ପିନ୍ଧିବାକୁ କହିଥିଲେ। କଷ୍ଟ୍ୟୁମ ପିନ୍ଧିଲା ପରେ ମୁଁ ସେ ଚରିତ୍ରରେ ପୂରା ପଶିଗଲି ଆଉ ଅଭିନୟ କରିଥିଲି। ସେବେଠୁ ମୋର ଯାତ୍ରା ଚାଲିଛି।

**ଅଭିନୟକୁ ବାଦ୍ ଦେଲେ କ'ଣ କରିବାକୁ ଭଲ ପାଆନ୍ତି ?**

● ଗୀତ ଗାଇବାକୁ ଭଲ ପାଏ। ଚିତ୍ର ଆଙ୍କେ। ନିଜକୁ ସମୟ ଦିଏ। ନିଜର ଖାଦ୍ୟପେୟକୁ ଗୁରୁତ୍ୱ ଦିଏ।

**ସୋସିଆଲ ମିଡିଆକୁ କେମିତି ବ୍ୟବହାର କରନ୍ତି ?**

● ସାମାଜିକ ଗଣମାଧ୍ୟମରେ ଥିଲେ ବି ଏତେ ସକ୍ରିୟ ରହେନି। ସେଥିରେ ମୋତେ କିଛି ଭଲ ପ୍ରତିକ୍ରିୟା ଦିଅନ୍ତି। ଆଉ କିଛି ଖରାପ ପ୍ରତିକ୍ରିୟା ଦିଅନ୍ତି। ତାଳି ଆଉ ଗାଳି ହିଁ ଜଣେ ଅଭିନେତ୍ରୀ ପାଇଁ ଆଶୀର୍ବାଦ। ତେଣୁ ସେଥିରୁ କେଉଁଠି ମୋ ଅଭିନୟରେ ତ୍ରୁଟି ରହିଲା, କେମିତି ନିଜକୁ ଆଗକୁ ସଜାଡ଼ିବି ସେ ଦିଗ ପ୍ରତି ସଜାଗ ରହେ। ତେଣୁ ଗୋଟିଏ କଥା କହିବି ସାମଜିକ ଗଣମାଧ୍ୟମକୁ ସର୍ବଦା ସଦୁପଯୋଗ କରିବା ଆବଶ୍ୟକ।

**ଡ୍ରିମ୍ ରୋଲ ?**

● ଭବିଷ୍ୟତରେ ମୋତେ ଯାହା ବି ଚରିତ୍ର ମିଳିବ, ସେଥିରେ କିପରି ଭଲ କାମ କରିବି ତାହାକୁ ଗୁରୁତ୍ୱ ଦେବି। ସବୁ ଚରିତ୍ରକୁ ଶହେ ପ୍ରତିଶତ ଦେବାକୁ ଚେଷ୍ଟା କରିବି।

**ଆଗାମୀ ଯୋଜନା ?**

● ଆଗକୁ ଭଲ କାହାଣୀର ସିନେମାକୁ ଅପେକ୍ଷା କରିଛି। ଯେତେ ଦିନ ଯାଏଁ ଏହି ଲାଇନ୍‌ରେ ରହିଛି, ଦର୍ଶକଙ୍କ ମନୋରଞ୍ଜନ କରୁଥିବି। ■



ଲିପ୍‌ସା ମହାରଣା, ଅଭିନେତ୍ରୀ

**ଅଭିନୟକୁ ଭଲ କରିବାକୁ କ'ଣ କରନ୍ତି?**

● ଜଣେ ଭଲ ଅଭିନେତ୍ରୀ ସବୁ ଚରିତ୍ରରେ ଅଭିନୟ କରିପାରିବେ। ଏହାକୁ ମନେ ରଖି ମୁଁ ଅଭିନୟ କରେ। ପୁରୁଣା ସିନେମା, ଧାରାବାହିକ ସେଗୁଡ଼ିକ ସବୁବେଳେ ଦେଖେ। ସେଥିରୁ କିଛି ନା କିଛି ଭଲ କଥା ଗ୍ରହଣ କରେ। ତେବେ ମୋ ବାପା ଦୁନିଆରେ ନାହାଁନ୍ତି ସତ, କିନ୍ତୁ ବାପାଙ୍କ ଆଶୀର୍ବାଦ ଯୋଗୁଁ ମୁଁ ଅଭିନେତ୍ରୀଟିଏ ହୋଇପାରିଛି। ଆଉ ଗୋଟେ କଥା ପପୁ ଭାଇଙ୍କ ସାଙ୍ଗେ କାମ ଆରମ୍ଭ କରିଥିବାରୁ ମୁଁ ସବୁକାମ ସହଜରେ କରିପାରେ। ଯେଉଁ ଚରିତ୍ର ମିଳିଲେ ବି ବିନା ସ୍କ୍ରିପ୍ଟରେ ସଂଳାପ କହିପାରେ।

ପରଦା ପଛର କାହାଣୀ

# ମାନବେତର ଜୀବର ଚମତ୍କାର ଅଭିନୟ

ଅନେକ ଚଳଚ୍ଚିତ୍ରରେ ମଣିଷ ଓ ପଶୁର ସୁସମ୍ପର୍କକୁ ଚମତ୍କାର ଭାବେ ଚିତ୍ରଣ କରାଯାଇଛି। ରାଜେଶ ଖନ୍ନାଙ୍କ 'ହାତୀ ମେରା ସାଥୀ'ର ହାତୀ ହେଉ ଅବା ଦେବାନନ୍ଦଙ୍କ 'ଇନ୍‌ସାନିୟତ୍' ଫିଲ୍ମର ସିମ୍ପାଜୀ ହେଉ। ମାନବେତର ଜୀବଜନ୍ତୁଙ୍କ ଅଭିନୟକୁ ଖୁବ୍ ସୁନ୍ଦର ଭାବେ ପରଦାରେ ଚିତ୍ରଣ କରାଯାଇଛି। ୯ ଅଗଷ୍ଟ ୧୯୮୫ ମସିହାରେ ରିଲିଜ୍ ହୋଇଥିଲା 'ତେରୀ ମେହେରବାନିୟା' ଫିଲ୍ମ। ଏହା କନ୍ନଡ଼ ଫିଲ୍ମ 'ଥାଲିୟା ଭାଗ୍ୟ'ର ହିନ୍ଦୀ ରିମେକ ଥିଲା। ଏହି ଫିଲ୍ମରେ ମଣିଷ ପ୍ରତି କୁକୁରର ଭଲପାଇବା ଦର୍ଶକଙ୍କୁ ଭାବବିହ୍ୱଳ କରିଥିଲା। ଫିଲ୍ମର କାହାଣୀ ଅନୁଯାୟୀ ଅଭିନେତା, ଅଭିନେତ୍ରୀଙ୍କ ମୃତ୍ୟୁ ପରେ ଶେଷରେ କୁକୁର ଶତ୍ରୁଙ୍କଠାରୁ ପ୍ରତିଶୋଧ ନେଇଥିଲା। ଆଜି ମଧ୍ୟ ଏହି ଫିଲ୍ମ ଦେଖିଲେ ଦର୍ଶକଙ୍କ ଆଖିରେ ଲୁହ ଜକେଇ ଆସେ। ଏହି ସିନେମାରେ ଜ୍ୟାକି ଶ୍ରଫ୍ 'ରାମ', ପୁନମ ଢିଲ୍ଲୋ 'ବିଜୁଳି' ଓ ଅମରୀଶ ପୁରୀ 'ଠାକୁର ବିଜୟ ସିଂ' ଭୂମିକାରେ ଅଭିନୟ କରିଥିଲେ। ଏଥିରେ 'ବ୍ରାଉନି ମୋତି' ନାମକ ଏକ ବିଶ୍ୱସ୍ତ କୁକୁର ଥିଲା। ଫିଲ୍ମର କାହାଣୀ ଜଣେ ଦାୟିତ୍ୱବାନ ଯୁବକ ରାମଙ୍କୁ ନେଇ ଗତିଶୀଳ। ସେ ବାଇକ୍‌ରେ ଯିବାବେଳେ ଅଜାଣତରେ ଗୋଟିଏ କୁକୁରକୁ ଧକ୍କା ଦେବା ପରେ ତାକୁ ଘରକୁ ଆଣି ସେବାଯତ୍ନ କରି ରଖିଥିଲେ। ଗାଁକୁ ଯିବାପରେ ସେ ଭ୍ରଷ୍ଟାଚାରୀ ଠାକୁର ବିଜୟ କୁମାରଙ୍କ ଅତ୍ୟାଚାରର ଶିକାର ହୁଅନ୍ତି। ରାମ ଭଲ ପାଆନ୍ତି ବିଜୁଳିଙ୍କୁ। ହେଲେ ଠାକୁର ତାଙ୍କ ଉପରେ ନଜର ରଖନ୍ତି। ରାମ ଗାଁ ଲୋକଙ୍କୁ ଏକତ୍ର କରି ତାଙ୍କୁ ନ୍ୟାୟ ଦିଅନ୍ତି। କିନ୍ତୁ ଠାକୁର ଗୁଣ୍ଡା ଲଗାଇ ରାମଙ୍କୁ ମାରି ଦିଅନ୍ତି। ଏହାପରେ ମୋତି ସମସ୍ତ ଅପରାଧୀଙ୍କ ଠାରୁ ପ୍ରତିଶୋଧ ନିଏ। ସମସ୍ତ ଗୁଣ୍ଡାକୁ ମାରି ପ୍ରମାଣ ଏକତ୍ର କରି ପୋଲିସକୁ ହସ୍ତାନ୍ତର କରେ। ବ୍ରାଉନି ମୋତି ଏଥିରେ ଚମତ୍କାର ଅଭିନୟ କରିଛି। ଏହି ଫିଲ୍ମକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ଏହି ଫିଲ୍ମର ବଜେଟ୍ ୧.୨୦ କୋଟି ଟଙ୍କା ଥିଲା। ଏହା ଭାରତରେ ୨.୮ କୋଟି ଆୟ କରିଥିଲା। ଏହି ଫିଲ୍ମରେ ପାଞ୍ଚଟି ଗୀତ ଥିଲା। ଗୀତଗୁଡ଼ିକକୁ ଗାଇଥିଲେ ଲକ୍ଷ୍ମୀକାନ୍ତ ପ୍ୟାରେଲାଲ୍। ଫିଲ୍ମର ସବୁଠୁ ଲୋକପ୍ରିୟ ଗୀତ ଥିଲା 'ତେରୀ ମେହେରବାନିୟା'। ଏହି ଟାଇଟଲ୍ ଟ୍ରାକ୍‌ଟି ରାମ ଓ ମୋତି ମଧ୍ୟରେ ଥିବା ସମ୍ପର୍କକୁ ଦର୍ଶାଇଥିଲା। ■



# ଭାରତ-ପାକ୍ ମୁକାବିଲା ଫେବୃଆରୀ ୧୫ରେ

ନୂଆଦିଲ୍ଲୀ,୨୨।୧୧(ଏଜେନ୍ସି): ଆସନ୍ତାବର୍ଷ ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖ ଯାଏ ଭାରତ ଓ ଶ୍ରୀଲଙ୍କାରେ ଟି-୨୦ ବିଶ୍ୱକପ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ମୁମ୍ବଇରେ ନଭେମ୍ବର ୨୫ ତାରିଖରେ ଡ୍ର ଘୋଷଣା କରାଯିବ। ଏହା ପୂର୍ବରୁ ମିଳିଥିବା ସୂଚନା ଅନୁଯାୟୀ ଡିଫେଣ୍ଡିଂ ଚାମ୍ପିଅନ ଭାରତ, ପାକିସ୍ତାନ ଓ ଆମେରିକା କ୍ରମାଗତ ଦ୍ୱିତୀୟ ସଂସ୍କରଣରେ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ଏହି ଗ୍ରୁପ୍‌ରେ ଅନ୍ୟ ଦୁଇଦଳ ଭାବେ ନେଦରଲାଣ୍ଡସ ଓ ନାବିମ୍ୟା ସ୍ଥାନ ପାଇବେ। ଭାରତ ଓ ପାକିସ୍ତାନ ମଧ୍ୟରେ ଫେବୃଆରୀ ୧୫ରେ ମୁକାବିଲା ହେବ। ଏହା ଶ୍ରୀଲଙ୍କାର କଲମ୍ବୋ ସହରରେ ଖେଳାଯିବ। ଆଇସିସି, ଏସିସି, ବିସିସିଆଇ ଓ ପିସିବି ମଧ୍ୟରେ ହୋଇଥିବା ରାଜିନାମା ଅନୁଯାୟୀ ଭାରତ ଓ ପାକିସ୍ତାନରେ ଟୁର୍ଣ୍ଣାମେଣ୍ଟ ହେଲେ ନିରପେକ୍ଷ ଭେନ୍ୟୁରେ ଏମାନଙ୍କ ମଧ୍ୟରେ ମୁକାବିଲା ହେବ। ଆଇସିସି ର୍‍ୟାଙ୍କିଙ୍ଗ୍‌ରେ ଭାରତ ନଂ-୧, ପାକିସ୍ତାନ ନଂ-୭, ନେଦରଲାଣ୍ଡସ ନଂ-୧୩, ନାମିବ୍ୟା ନଂ-୧୫ ଓ ଆମେରିକା ନଂ-୧୮ ସ୍ଥାନରେ ଥିବାରୁ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇବେ। କିନ୍ତୁ ସହ ଆୟୋଜକ ଦେଶ ଶ୍ରୀଲଙ୍କା କଷ୍ଟସାଧ୍ୟ ଗ୍ରୁପ୍‌ରେ ରହିବ। ଗୋଟିଏ ଗ୍ରୁପ୍‌ରେ ଅଷ୍ଟ୍ରେଲିଆ, ଜିମ୍ବାୱେ, ଆୟର୍ଲାଣ୍ଡ, ଓମାନ ସହ ଶ୍ରୀଲଙ୍କା ସ୍ଥାନ ପାଇବ। ଏଥର ଟୁର୍ଣ୍ଣାମେଣ୍ଟରେ ୨୦ଟି ଦଳ ଭାଗନେବେ। ଏହି ଦଳଗୁଡ଼ିକୁ ୪ଟି ଗ୍ରୁପ୍‌ରେ ଭାଗ କରାଯିବ। ପ୍ରତ୍ୟେକ ଗ୍ରୁପ୍‌ରେ ୫ଟି ଲେଖାଏଁ ଦଳ ରହିବେ।

**୨୦୨୬ ଟି-୨୦ ବିଶ୍ୱକପ୍**


### ଗୌହାଟୀର 'ବର୍ଷାପଡ଼ା'ରେ ଖେଳାଗଲା ପ୍ରଥମ ଟେଷ୍ଟ କ୍ରିକେଟ ମ୍ୟାଚ୍

# ପ୍ରଥମ ଦିନରେ ଦକ୍ଷିଣ ଆଫ୍ରିକା ୨୪୭/୬

ଗୌହାଟୀ, ୨୨।୧୧ (ଏଜେନ୍ସି):

ଭାରତର ୩୦ତମ ଟେଷ୍ଟ ଭେନ୍ୟୁ ଗୌହାଟୀସ୍ଥିତ ବର୍ଷାପଡ଼ା ଷ୍ଟାଡିୟମ୍‌ରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯାଇଛି। ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଏହି ଟେଷ୍ଟ ଆଜିଠାରୁ ଆରମ୍ଭ ହୋଇଛି। ଏଠାରେ ଦକ୍ଷିଣ ଆଫ୍ରିକାର ଅଧିନାୟକ ଟେମ୍ବା ବଭୁମା କ୍ରମାଗତ ଦ୍ୱିତୀୟ ଟେଷ୍ଟରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମ ଦିନ ଖେଳ ଶେଷସୁଦ୍ଧା ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୬ ୱିକେଟ ହରାଇ ୨୪୭ ରନ୍ ସଂଗ୍ରହ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ସେନୁରନ ମୁଥୁସ୍ୱାମୀ ୨୫ ଓ କାଏଲ ଭେରିନ ୨୫ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳ ପକ୍ଷରୁ ପ୍ରଥମ ୫ଜଣ ବ୍ୟାଟର ଭଲ ଆରମ୍ଭ କରିଥିଲେ ମଧ୍ୟ ଜଣେ ହେଲେ ଅର୍ଦ୍ଧଶତକ ହାସଲ କରିପାରି ନ ଥିଲେ। ସେମାନଙ୍କ ମଧ୍ୟରେ ଟ୍ରିଷ୍ଟାନ୍ ଷ୍ଟବ୍ସ ସର୍ବାଧିକ ୪୯, ଟେମ୍ବା ବଭୁମା ୪୧, ଆଇଡେନ୍ ମାରକ୍ରମ ୩୮, ରିୟାନ ରିକେଲଟନ ୩୫ ଓ ଟୋନି ଡି ଜୋର୍ଜି ୨୮ ରନ୍ କରିଥିଲେ। ଭାରତ ପକ୍ଷରୁ ବାମହାତୀ ସ୍ପିନର କୁଲଦୀପ ଯାଦବ ସର୍ବାଧିକ ୩ଟି, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ ଓ ରବୀନ୍ଦ୍ର ଜାଡେଜାଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଛି। ଆଲୋକ ଅଭାବରୁ ୮ ଓଭର ପୂର୍ବରୁ ଖେଳ ବନ୍ଦ କରାଯାଇଥିଲା। ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର କୋଲକାତାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୩୦ ରନ୍‌ରେ ବିଜୟୀ ହୋଇ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି।

କୋଲକାତାରେ ଖେଳିଥିବା ପ୍ରଥମ ଟେଷ୍ଟରୁ ଭାରତ ଆହତ ଅଧିନାୟକ ଶୁବମନ ଗିଲ୍ ଓ ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ ବାଦ୍ ଦେଇଥିଲା। ସେମାନଙ୍କ ସ୍ଥାନରେ ସାଇ ସୁଦର୍ଶନ ଓ ପେସ୍ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ସାମିଲ କରିଛି। ଦକ୍ଷିଣ ଆଫ୍ରିକା ପେସ୍ ବୋଲିଂ ଅଲରାଉଣ୍ଡର କୋର୍ବିନ ବୋଶ୍‌ଙ୍କ ସ୍ଥାନରେ ସ୍ପିନ ବୋଲିଂ ଅଲରାଉଣ୍ଡର ସେନୁରନ ମୁଥୁସ୍ୱାମୀଙ୍କୁ ଖେଳିବାକୁ ସୁଯୋଗ ଦେଇଛି। ଏହି ଟେଷ୍ଟରେ ପ୍ରଥମେ ଚା'ପାନ ବିରତି ହୋଇଥିଲା। ଦ୍ୱିତୀୟ ସେସନ ପରେ ମଧ୍ୟାହ୍ନ ଭୋଜନ ବିରତି ହୋଇଥିଲା।


ବର୍ଷାପଡ଼ା ଷ୍ଟାଡିୟମ୍, ଗୌହାଟୀ



**ସଂକ୍ଷିପ୍ତ ସ୍କୋର** ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୨୪୭/୬, ୮୧.୫ ଓଭର (ଷ୍ଟବ୍ସ-୪୯, ବଭୁମା-୪୧, ମାରକ୍ରମ-୩୮, କୁଲଦୀପ-୩/୪୮)।

### ୧୦୪ ବର୍ଷ ପରେ ଟେଷ୍ଟ ମ୍ୟାଚ୍ ଦୁଇ ଦିନରେ ଶେଷ

# ଅଷ୍ଟ୍ରେଲିଆ ୮ ୱିକେଟରେ ବିଜୟୀ

ପର୍ଥ,୨୨।୧୧(ଏଜେନ୍ସି): ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଏଠାରେ ଅନୁଷ୍ଠିତ ୨୦୨୫ ଆସେସ୍ ସିରିଜ୍‌ର ପ୍ରଥମ ଟେଷ୍ଟ ଦୁଇଦିନ ଭିତରେ ଶେଷ ହୋଇଛି। ଏଥିରେ ଘରୋଇ ଅଷ୍ଟ୍ରେଲିଆ ଦଳ ୮ ୱିକେଟରେ ବିଜୟୀ ହୋଇଛି। ଦୀର୍ଘ ୧୦୪ ବର୍ଷ ପରେ ଏକ ଟେଷ୍ଟ ମ୍ୟାଚ୍ ଦୁଇ ଦିନରେ ଶେଷ ହେବାର ରେକର୍ଡ ହୋଇଛି। ଶେଷଥର ୧୯୨୧ ନଟିଂହାମରେ ଖେଳାଯାଇଥିବା ଇଂଲଣ୍ଡ- ଅଷ୍ଟ୍ରେଲିଆ ଟେଷ୍ଟ ୨ ଦିନ ଭିତରେ ଶେଷ ହୋଇଥିଲା। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ୭ଟି ଓ ଦ୍ୱିତୀୟ ଇନିଂସରେ ୩ଟି ୱିକେଟ ନେଇଥିବା ଅଷ୍ଟ୍ରେଲିଆର ଫାଷ୍ଟ ବୋଲର ମିଚେଲ ଷ୍ଟାର୍କଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।



ଏହି ମ୍ୟାଚ୍‌ର ଦ୍ୱିତୀୟ ଦିନ ସକାଳେ ଆଉ ୯ ରନ୍ କରିବା ପରେ ଅଷ୍ଟ୍ରେଲିଆର ଦ୍ୱିତୀୟ ଇନିଂସ ୧୩୨ରନ୍‌ରେ ଶେଷ ହୋଇଥିଲା। ୪୦ ରନ୍‌ରେ ଅଗ୍ରଣୀ ରହିଥିବା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ନାଟକୀୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୬୪ ରନ୍‌ରେ ଅଲଆଉଟ ହୋଇଥିଲା। ଏହା ଫଳରେ ଅଷ୍ଟ୍ରେଲିଆ ଆଗରେ ୨୦୫ ରନ୍‌ର ବିଜୟ ଲକ୍ଷ୍ୟ ରହିଥିଲା। ଇନିଂସ ଓପନ କରିବାକୁ ସୁଯୋଗ ପାଇଥିବା ଟ୍ରାଭିସ୍ ହେଡ୍‌ଙ୍କ ୬୯ ବଲ୍‌ରେ ଶତକ ତଥା ୮୩ ବଲ୍‌ରେ ୧୨୩ ରନ୍ କରିବା ଫଳରେ ଅଷ୍ଟ୍ରେଲିଆ ମାତ୍ର ୨୮.୨ ଓଭରରେ ୨ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ମାର୍ନସ ଲାବୁସେନ ୫୧ରନ୍‌ରେ ଶେଷଯାଏ ବ୍ୟାଟିଂ କରିଥିଲେ। ବ୍ରିସ୍‌ବେନ୍‌ର ଗାବ୍‌ବାରେ ଦ୍ୱିତୀୟ ଟେଷ୍ଟ ଡିସେମ୍ବର ୪ରୁ ଖେଳାଯିବ।

### ବିବାହର ଦିନକୁ ପୂର୍ବରୁ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍

# ପଲାସଙ୍କୁ ହରାଇଲେ ମନ୍ଧାନା

ମୁମ୍ବଇ, ୨୨।୧୧ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ୍ ଦଳର ତାରକା ଖେଳାଳି ସ୍ମୃତି ମନ୍ଧାନା ରବିବାର ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି। ସଂଗୀତ ନିର୍ଦ୍ଦେଶକ ପଲାଶ ମୁଛଲଙ୍କ ହାତ ଧରି ୨୯ ବର୍ଷୀୟା ମନ୍ଧାନା ତାଙ୍କ ଦ୍ୱିତୀୟ ଇନିଂସ ଆରମ୍ଭ କରିବେ। ମନ୍ଧାନାଙ୍କ ଘରୋଇ ସହର ସାଙ୍ଗଲୀରେ ଏହି ଚର୍ଚ୍ଚିତ ବିବାହ ଅନୁଷ୍ଠିତ ହେବ। ବିବାହ ପୂର୍ବରୁ ଗତ ଦୁଇଦିନ ଧରି ହଳଦୀ ଓ ମେହେନ୍ଦୀ ଉତ୍ସବ ଖୁବ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ମନ୍ଧାନାଙ୍କ ବିବାହ ଉତ୍ସବରେ ସାମିଲ ହୋଇଥିବା ମହିଳା କ୍ରିକେଟ୍ ଦଳର ସାଥୀ ଖେଳାଳିମାନେ ହାତରେ ମେହେନ୍ଦୀ କରି ଖୁବ୍ ମସ୍ତି କରୁଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ତେବେ ପ୍ରି-ୱେଡିଂର ଏକ କାର୍ଯ୍ୟକ୍ରମ ସ୍ୱରୂପ ବର ଓ କନ୍ୟା ପକ୍ଷ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ କନ୍ୟା ତଥା ଟିମ୍ ବ୍ରାଇଡ୍‌ର ନେତୃତ୍ୱ ନିଜେ ମନ୍ଧାନା ନେଇଛନ୍ତି। ସେହିଭଳି ପଲାଶଙ୍କ ନେତୃତ୍ୱରେ 'ଟିମ୍ ଗ୍ରୁମ୍' ଖେଳିଥିଲା। ଏହି ମ୍ୟାଚରେ କନ୍ୟା ପକ୍ଷ ତଥା ମନ୍ଧାନାଙ୍କ ଦଳ ବିଜୟୀ ହୋଇଥିଲା। ମନ୍ଧାନାଙ୍କ ଟିମ୍‌ରେ ଭାରତୀୟ ଦଳର ସାଥୀ ଖେଳାଳି ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସେଜ, ଶ୍ରେୟଙ୍କା ପାଟିଲ, ରେଣୁକା ସିଂ ଠାକୁର, ରାଧା ଯାଦବ ଓ ରିଚା ଘୋଷ ପ୍ରମୁଖ ଖେଳିଥିଲେ।



ଆଜି ସକାଳ ୯ ଘଟିକା

ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ

Presented by: BHARAT MASALA
The Taste of New India

'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ
ବିତର୍କ ପ୍ରତିଯୋଗିତା ୨୦୨୫
ଭାଷା: ଓଡ଼ିଆ

In Association with: CBSE-XI & XII SRI VINAYAKA Concept School BHUBANESWAR

5th Anniversary

ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.

| | | |
|---|---|---|
| ଭୁବନେଶ୍ୱର | ଡିଏଭି ପବ୍ଲିକ ସ୍କୁଲ, ୟୁନିଟ୍-୮, ଭୁବନେଶ୍ୱର | ସୁଧାଂଶୁ ସାହୁ - ୭୩୭୬୭୯୫୧୫୨ |
| ଖୋର୍ଦ୍ଧା | ସିଗମା ପବ୍ଲିକ ସ୍କୁଲ, ଖୋର୍ଦ୍ଧା | ରଞ୍ଜିତ କେଏନ୍ ସାମନ୍ତରାୟ - ୯୫୩୭୪୫୬୫୬୬ |
| ନୟାଗଡ଼ | ସାମ୍ବାଦିକ ଭବନ, ନୟାଗଡ଼ | ଅନିଲ କୁମାର ପଣ୍ଡା - ୭୩୭୭୭୧୦୦୯୭ |
| ଅନୁଗୋଳ | ରୋଟାରୀ ପବ୍ଲିକ ସ୍କୁଲ, ଅନୁଗୋଳ | ସଂଗ୍ରାମ ଦାସ - ୯୪୩୭୦୧୬୦୧୯ |
| ପୁରୀ | କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର, ପୁରୀ | ହେମନ୍ତ କୁମାର ନାୟକ - ୯୯୩୭୬୫୨୭୬୯ |
| କଟକ | ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ତୁଳସିପୁର, କଟକ | ଭକ୍ତି ଭୂଷଣ ମହାନ୍ତି - ୯୩୩୮୧୦୧୦୮୩ |
| ଢେଙ୍କାନାଳ | ଢେଙ୍କାନାଳ, ସିନର୍ଜି ଇଞ୍ଜିନିୟରିଂ ବୈଷୟିକ ମହାବିଦ୍ୟାଳୟ | ସୟେଦ ଇମତିଆଜ୍ ହୁସେନ୍ - ୯୪୩୭୦୭୪୦୩୩ |
| ମୟୂରଭଞ୍ଜ | ସାଇଆଦର୍ଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ରଘୁନାଥପୁର ବାରିପଦା | ମନୋଜ କୁମାର ପଣ୍ଡା - ୯୫୩୮୨୪୮୪୯୧ |
| ଗଜପତି | ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି | ରଶ୍ମି ରଞ୍ଜନ ମିଶ୍ର-୯୪୩୭୧୪୦୦୦୨ |
| ଗଞ୍ଜାମ | ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, କୋର୍ଟପେଟା, ବ୍ରହ୍ମପୁର | କ୍ଷୀରସିନ୍ଧୁ ମହାନ୍ତି - ୭୬୫୯୮୧୧୭୦୩ |
| କନ୍ଧମାଳ | ଡିଆଇପିଆରଓ କନଫରେନ୍ସ ହଲ, ଫୁଲବାଣୀ, କନ୍ଧମାଳ | ସଞ୍ଜୟ ପାତ୍ର - ୭୦୦୮୬୬୫୬୧୯ |
| କେନ୍ଦ୍ରାପଡ଼ା | ସେଣ୍ଟ ଜାଭିୟର ହାଇସ୍କୁଲ, ଗୋପ, କେନ୍ଦ୍ରାପଡ଼ା | ଦେବଦତ୍ତ ଦାଶ - ୯୯୩୭୨୨୬୯୯୪ |
| ଜଗତସିଂହପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର | ଶଶାଙ୍କ ଶେଖର ପଣ୍ଡା - ୯୮୬୧୩୩୭୯୮୨ |
| ଯାଜପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯାଜପୁର | ସନ୍ଦିପ୍ତ ରାୟ - ୯୪୩୯୪୯୬୬୪୫ |
| ବାଲେଶ୍ୱର | ସକାଳ-ନନ୍ଦିଘୋଷ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପଢୁଆଁପଦା, ପ୍ରୁଫ ରୋଡ, ବାଲେଶ୍ୱର | ଅସୀମ ମହାପାତ୍ର - ୯୪୩୯୪୫୨୧୮୮ |
| ଭଦ୍ରକ | ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ (ପୁରୁଣା ସରକାରୀ ବାଳିକା ବିଦ୍ୟାଳୟ), ଭଦ୍ରକ | ଉମାକଲ୍ୟାଣ ମହାପାତ୍ର - ୯୦୯୦୯୦୪୦୬୬ |
| କେନ୍ଦୁଝର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦୀର ବଣିଆପାଟ, କେନ୍ଦୁଝର (ଲର୍ଡ଼ ଜଗନ୍ନାଥ ସାଇନ୍ସ କଲେଜ ସମ୍ମୁଖ, କଲେଜ ରୋଡ୍) | ଶରତ ଦାସ - ୭୩୭୧୧୨୨୦୫୫ |
| ରାୟଗଡ଼ା | ସେଞ୍ଚୁରିୟନ ପବ୍ଲିକ ସ୍କୁଲ, ରିଙ୍ଗ ରୋଡ, ଯୁଜିଏମଆଇଟି କଲେଜ ପାଖରେ, ରାୟଗଡ଼ା | ଶିବ ନାରାୟଣ ଗୌଡ - ୭୦୦୮୯୫୨୧୬ |
| ନବରଙ୍ଗପୁର | ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୂଆଁଗଡ଼, ମିର୍ଗାନ୍ ଗୁଡ଼ା, ନବରଙ୍ଗପୁର | ଗୌରାଙ୍ଗ ପାତ୍ର - ୯୭୭୮୭୩୩୬୩୬ |
| ମାଲକାନଗିରି | ମାଲକାନଗିରି ମହା ବିଦ୍ୟାଳୟ, ମାଲକାନଗିରି | ଅଶୋକ ମିଶ୍ର - ୯୦୭୮୯୩୨୨୬୬ |
| କୋରାପୁଟ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଅରବିନ୍ଦ ନଗର ପାରାବେଢ଼ା, ଜୟପୁର | ସୁପ୍ରିତ ପୂଜାରୀ - ୯୪୩୭୮୨୧୦୫ |
| ବଲାଙ୍ଗିର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଗାନ୍ଧୀନଗରପଡ଼ା, ବଲାଙ୍ଗିର | ଅଭିଳାଷ ହୋତା - ୭୦୦୮୦୪୨୪୭ |
| ଦେବଗଡ଼ | ଅପ୍ରାଇଜ ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଟ, ପୁରୁଣାଗଡ଼, ଦେବଗଡ଼ | ବ୍ରିଜେଶ ସାହୁ - ୭୮୪୭୦୨୩୩୦୩ |
| କଳାହାଣ୍ଡି | ପିଏମ୍ ଶ୍ରୀ ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ଭବାନୀପାଟଣା, କଳାହାଣ୍ଡି | ସ୍ୱାଧୀନ ପାତ୍ର - ୯୪୩୭୨୨୨୯୨୨ |
| ନୂଆପଡ଼ା | ନ୍ୟାସନାଲ ହାଇସ୍କୁଲ ନୂଆପଡ଼ା | ଘନଶ୍ୟାମ ଭୋଇ - ୯୪୩୭୬୬୯୨୧୩୨ |
| ସମ୍ବଲପୁର | ଗୁରୁନାନକ ପବ୍ଲିକ ସ୍କୁଲ, ସମ୍ବଲପୁର | ସୁକାନ୍ତ କର - ୯୪୩୭୨୧୪୯୧୬୬ |
| ରାଉରକେଲା | ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟର ଅଡିଟୋରିୟମ୍, ଉଦିତନଗର, ରାଉରକେଲା - ୭୬୯୦୦୭ | ଦେବବ୍ରତ ପଟ୍ଟନାୟକ - ୯୪୩୭୦୮୨୬୬୬ |
| ଝାରସୁଗୁଡ଼ା | PKSS କଲେଜ, ଝାରସୁଗୁଡ଼ା | ଭୁବନେଶ୍ୱରୀ ପ୍ରଧାନ - ୯୬୬୭୩୪୩୬୯୩ |
| ବୌଦ୍ଧ | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବୌଦ୍ଧ | ବକୁଲ ପାଢ଼ୀ - ୯୪୩୭୫୨୯୪୪୦ |
| ବରଗଡ଼ | ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ବରଗଡ଼ | ସରୋଜ ଷଡଙ୍ଗୀ - ୯୪୩୭ ୦୬୧୩୩୦ |

ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ

ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।
ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS